- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-264 ◆BHUBANESWAR ◆SUNDAY ◆23 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୪ ◆ଭୁବନେଶ୍ୱର ◆ରବିବାର ◆୨୩ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)


## ଆଇପିଏଲ୍-୧୮ ର ରଙ୍ଗାରଙ୍ଗ ଉଦ୍‌ଘାଟନ



# ଆର୍‌ସିବିର ଦମ୍‌ଦାର୍ ପ୍ରଦର୍ଶନ

**ଚାମ୍ପିଅନ କେକେଆର୍‌କୁ ୭ ୱିକେଟ୍‌ରେ ହରାଇଲା**

କୋଲକାତାର ଇଡେନ ଗାର୍ଡେନ୍ ଷ୍ଟାଡିୟମରେ ଶନିବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଉଦ୍‌ଘାଟିତ ହୋଇଛି ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ସିଜିନ୍-୧୮। ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୪ ରନ୍ କରିଥିଲା। ଜବାବରେ ସଲ୍ଟ ଓ କୋହଲିଙ୍କ ଅର୍ଦ୍ଧ ଶତକ ବଳରେ ବେଙ୍ଗାଲୁରୁ ୩ ୱିକେଟ୍ ହରାଇ ମ୍ୟାଚ୍ ବିଜୟୀ ହୋଇଥିଲା।

# ପତ୍ନୀ ଓ ତିନି ସନ୍ତାନଙ୍କୁ ବିଜେପି ନେତାଙ୍କ ଗୁଳି

**ପୁଅ ଏବଂ ଝିଅ ମୃତ ; ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ**

■ **ସାହାରନପୁର,୨୨।୩(ଏଜେନ୍ସି):** ଉତ୍ତରପ୍ରଦେଶର ସାହାରନପୁରରେ ଜଣେ ବିଜେପି ନେତାଙ୍କ ଜଘନ୍ୟକାଣ୍ଡକୁ ନେଇ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଏଠାକାର ବିଜେପି ନେତା ଯୋଗେଶ ରୋହିଲା ନିଜ ପତ୍ନୀଙ୍କ ସମେତ ୩ ସ୍ତାନକୁ ଗୁଳି କରିଛନ୍ତି। ଏହି ଘଟଣାରେ ଯୋଗେଶଙ୍କ ୨ ପୁଅ ଓ ଜଣେ ଝିଅର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପତ୍ନୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା କୁହାଯାଇଛି। ମୃତକଙ୍କ ନାମ ଶିବାଂଶ(୪), ଦେବାଂଶ(୭) ଓ ଶ୍ରଦ୍ଧା(୮) ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସମସ୍ତଙ୍କୁ ▶ପୃଷ୍ଠା-୭

# ଆମେରିକାରୁ ପୁଣି ବିଦାହେବେ ୫ ଲକ୍ଷ ପ୍ରବାସୀ

**ଟ୍ରମ୍ପ ପ୍ରହାର**

**ଏପ୍ରିଲ ୨୪ରୁ ନିର୍ଦ୍ଦେଶ କାର୍ଯ୍ୟକାରୀ**

■ **ୱାସିଂଟନ, ୨୨।୩ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣକରିବା ପରଠାରୁ ଡୋନାଲ୍ଡ ଟ୍ରମ୍ପ ପ୍ରବାସୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରି ଚାଲିଛନ୍ତି। ଏହି କ୍ରମରେ ତାଙ୍କ ପ୍ରଶାସନ କ୍ୟୁବା, ହାଇତି, ନିକାରଗୁଆ ଏବଂ ଭେନଜୁଏଲାର ଲକ୍ଷାଧିକ ପ୍ରବାସୀଙ୍କ ଅସ୍ଥାୟୀ ସୁରକ୍ଷା ରଦ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। 'ଡିପାର୍ଟମେଣ୍ଟ ଅଫ୍ ହୋମଲାଣ୍ଡ ସିକ୍ୟୁରିଟି' ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ମାସେ ମଧ୍ୟରେ ଏହି ପ୍ରବାସୀଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଛି। ଏହି ନିର୍ଦ୍ଦେଶ ଉକ୍ତ ୪ ଦେଶର ପ୍ରାୟ ୫ ଲକ୍ଷ ୩୨ ହଜାର ନାଗରିକଙ୍କ ପାଇଁ କାର୍ଯ୍ୟକାରୀ ▶ପୃଷ୍ଠା-୭

# ୩ କୋଟି ସରକାରୀ ଟଙ୍କାରେ ଜୁଆ



**ଜେଲ୍ ହାଜତକୁ ଗଲେ ନିଲମ୍ବିତ ପିଇଓ**

**ଫେୟାର୍ ପ୍ଲେ ଗେମ୍‌ର ମଜା ନେଉଥିଲେ**

■ **ଭବାନୀପାଟଣା, ୨୨।୩(ସମିସ):** ସରକାରୀ ଟଙ୍କାରେ କରୁଥିଲେ ବେଟିଂ। ଲକ୍ଷେ କି ୨ଲକ୍ଷ ନୁହେଁ; ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜୁଆରେ ଲଗାଇ ଆତ୍ମସାତ୍ କରିଥିଲେ। ଉନ୍ନୟନମୂଳକ କାମ ପାଇଁ ପଞ୍ଚାୟତକୁ ଆସୁଥିବା ଅନୁଦାନକୁ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର୍ କରି ଏଭଳି କାଣ୍ଡ କରିଚାଲିଥିଲେ। ଏଭଳି ଜଣେ କରିତ୍‌କର୍ମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ▶ପୃଷ୍ଠା-୭

# ବିନୋଦ ଶୁକ୍ଳାଙ୍କୁ ଜ୍ଞାନପୀଠ



■ **ନୂଆଦିଲ୍ଲୀ, ୨୨।୩(ଏଜେନ୍ସି):** ହିନ୍ଦୀ ସାହିତ୍ୟର ପ୍ରତିଷ୍ଠିତ ଲେଖକ ବିନୋଦ କୁମାର ଶୁକ୍ଳାଙ୍କୁ ଚଳିତ ବର୍ଷର ସର୍ବୋଚ୍ଚ ସାହିତ୍ୟ ସମ୍ମାନ 'ଜ୍ଞାନପୀଠ' ପୁରସ୍କାରରେ ସମ୍ମାନିତ କରାଯିବ । ୫୯ତମ ଜ୍ଞାନପୀଠ ପୁରସ୍କାର ଲାଗି ଶନିବାର ତାଙ୍କ ନାମ ଘୋଷଣା କରାଯିବା ପରେ ଏହି ପୁରସ୍କାର ପାଇବାରେ ବିନୋଦ କୁମାର ହେବେ ଛତିଶଗଡ଼ର ପ୍ରଥମ ଲେଖକ ଏବଂ ସାହିତ୍ୟିକ। ୮୮ ବର୍ଷ ବୟସ୍କ ବିନୋଦ କୁମାର ତାଙ୍କର କାହାଣୀ, କବିତା ଓ ପ୍ରବନ୍ଧ ମାଧ୍ୟମରେ ସମକାଳୀନ ହିନ୍ଦୀ ସାହିତ୍ୟରେ ବେଶ ପ୍ରଭାବ ସୃଷ୍ଟି କରିପାରିଛନ୍ତି। ଏହି ପୁରସ୍କାରରେ ନଗଦ ୧୧ଲକ୍ଷ ଟଙ୍କା ସହିତ ମା' ସରସ୍ୱତୀଙ୍କ କାଂଶ୍ୟ ▶ପୃଷ୍ଠା-୭

## ସୀମା ପୁନଃନିର୍ଦ୍ଧାରଣ: ୭ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତାଙ୍କ ବୈଠକ

# ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନ ହେଉ: ନବୀନ

**ଏପରି ନିଷ୍ପତ୍ତି ଜନସଂଖ୍ୟା ନିୟନ୍ତ୍ରଣରେ ଭଲ କାମ କରିଥିବା ରାଜ୍ୟ ପ୍ରତି ଅନ୍ୟାୟ**

**ସବୁ ରାଜନୈତିକ ଦଳଙ୍କ ସହ ବୈଠକ କରି ଦ୍ୱନ୍ଦ୍ୱ ଦୂର କରନ୍ତୁ କେନ୍ଦ୍ର ସରକାର**

**ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ନିମନ୍ତେ ବିଜେଡି ସବୁକିଛି କରିବାକୁ ପ୍ରସ୍ତୁତ**



■ **ଚେନ୍ନାଇ/ଭୁବନେଶ୍ୱର, ୨୨।୩(ସମିସ):** ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ୍ ନୁହେଁ। ଏହା କରାଗଲେ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ଦିଗରେ କଠୋର ପରିଶ୍ରମ କରିଥିବା ରାଜ୍ୟଗୁଡ଼ିକ ପ୍ରତି ଅନ୍ୟାୟ ହେବ। ଓଡ଼ିଶା ଭଳି ଯେଉଁ ରାଜ୍ୟମାନେ ବର୍ଷ ବର୍ଷ ଧରି ନିରନ୍ତର ପ୍ରୟାସ ପରେ ଜନସଂଖ୍ୟା ବୃଦ୍ଧି ହାରକୁ କମାଇଛନ୍ତି, ସେମାନେ ଏହାଦ୍ୱାରା ନିରୁତ୍ସାହିତ ହେବେ। ତେଣୁ କେନ୍ଦ୍ର ସରକାର ତୁରନ୍ତ ସମସ୍ତ ରାଜନୈତିକ ଦଳଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା ସହ ଦ୍ୱନ୍ଦ୍ୱ ଦୂର କରିବାର ଆବଶ୍ୟକତା ଅଛି ବୋଲି କହିଛନ୍ତି ବିଜେଡ଼ି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ.ଷ୍ଟାଲିନ୍‌ଙ୍କ ଆହ୍ୱାନକ୍ରମେ ୭ଟି ରାଜ୍ୟର ପ୍ରମୁଖ ରାଜନୈତିକ ଦଳର ନେତା, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ନେଇ ଅନୁଷ୍ଠିତ ସୀମା ▶ପୃଷ୍ଠା-୭

## ହେମଗିରିରେ ଡବଲ୍ ମର୍ଡର୍

# ଖୁଡ଼ୀ ଓ ଆଈଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କଲା ପୁତୁରା

■ **ସୁନ୍ଦରଗଡ଼, ୨୨।୩(ସମିସ):** ହେମଗିରି ଥାନା ଅଧୀନ ଗଡ଼ତୁମଲିଆ ନିକଟସ୍ଥ ବରପଡ଼ା ଗ୍ରାମରେ ଆଜି ମା'-ଝିଅଙ୍କୁ ଅତି ବୀଭତ୍ସ ହତ୍ୟା କରାଯାଇଛି। ମୃତଦ୍ୱୟ ହେଲେ, ସୁନ୍ଦରଗଡ଼ ସଦରଥାନା ଅଧୀନ ଭୋଜପୁର ଗ୍ରାମର ରୁକ୍ମିଣୀ ଭୈଷାଲ ଓ ତାଙ୍କ ଝିଅ ବିଳାସିନୀ ଶୁଇର। ପାରିବାରିକ ବିବାଦରୁ ବିଳାସିନୀଙ୍କ ପୁତୁରା ରତ୍ନାକର ଶୁଇର (୨୨) ଏହି ନାରକୀୟ କାଣ୍ଡ ଘଟାଇଛି। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ରତ୍ନାକରକୁ ଅଟକ ରଖିଛି।

ସୂଚନାନୁଯାୟୀ, ରୁକ୍ମିଣୀ କିଛି ମାସ ତଳୁ ବରପଡ଼ାସ୍ଥିତ ବିଳାସିନୀଙ୍କ ଘରେ ରହି ଆସୁଥିଲେ। ଶନିବାର ଅପରାହ୍ଣରେ ଝିଅ ବିଳାସିନୀଙ୍କ ସହ ରହି ଆସୁଥିଲେ। ଆଜି କୌଣସି କଥାକୁ ନେଇ ରତ୍ନାକରଙ୍କ ସହ ବିଳାସିନୀଙ୍କ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରତ୍ନାକର ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ରୁକ୍ମିଣୀ ନିଜ ଝିଅକୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ମା'-ଝିଅଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ଘଟାଇବା ପରେ ରତ୍ନାକର ଫେରାର୍ ହେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ପୁଲିସ୍ ଜିମା ଦେଇଥିଲେ।

## କାଳବୈଶାଖୀର ତାଣ୍ଡବ

# ଉଡ଼ାଇ, ବୁଡ଼ାଇ କମାଇଲା ତାତି



**ଦୁଇ ଦିନ ପରେ ପୁଣି ବୃଦ୍ଧି ପାଇବ ତାପମାତ୍ରା**

**ଆଜି ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା**

■ **ଭୁବନେଶ୍ୱର, ୨୨।୩ (ସମିସ):** ତିନିଦିନ ଧରି ସାରା ରାଜ୍ୟରେ ତାଣ୍ଡବ ରଚିଛି କାଳବୈଶାଖୀ। ଝଡ଼ରେ ଗଛ ଭାଙ୍ଗି, ଛପର ଉଡ଼ାଇବା ସହ ନିର୍ଧୂମ ବର୍ଷାରେ ଡାକ୍ତରଖାନା ପରିସର ଓ ଘରଦ୍ୱାର ବୁଡ଼ାଇଛି। କାଳବୈଶାଖୀ ପ୍ରଭାବରେ ସାରା ରାଜ୍ୟରେ ତାପମାତ୍ରା କମିଛି। ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ପବନ ଯୋଗୁଁ ତାପମାତ୍ରା ତଳ ମୁହାଁ ହୋଇଛି। ଫଳରେ ମାର୍ଚ୍ଚ ଆରମ୍ଭରୁ ଲାଗି ରହିଥିବା ଗରମ ଗୁଳୁଗୁଳିରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। କାଳବୈଶାଖୀ ଜନିତ ବର୍ଷାର ପ୍ରଭାବ ଉତ୍ତର ଓଡ଼ିଶାରେ ସବୁଠୁ ଅଧିକ ଦେଖିବାକୁ ମିଳିଛି। ଗତ ୩ ଦିନ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ଓ କୁଆପଥର ବର୍ଷା ହୋଇଥିବା ବେଳେ ଏହାଦ୍ୱାରା ଉତ୍ତର ଓଡ଼ିଶା ସବୁଠୁ ଅଧିକ ପ୍ରଭାବିତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାରିପଦାରେ ସର୍ବାଧିକ ୧୨୩.୪ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଯୋଡ଼ାରେ ୮୪.୫ ମିମି, ରାଜଗାଙ୍ଗପୁରରେ ୭୦.୨ ମିମି ଓ ସରପଡାରେ ୬୧.୬ ମିମି ବର୍ଷା ରେକର୍ଡ ହୋଇଛି। ଏହା ▶ପୃଷ୍ଠା-୭

## ବେଲଗାମ୍ ବାଲି ଚୋରା ଚାଲାଣ ପରେ ଚେତିଲେ ସରକାର

# ସରପଞ୍ଚ କରିବେ ସୈରାତ ନିଲାମ

**ପଞ୍ଚାୟତସ୍ତରରେ ବାଲି ଉତ୍ସର ପରିଚାଳନା ଲାଗି ଏସଓପି**

**ଜିଲ୍ଲା ଏବଂ ଗ୍ରାମ ପଞ୍ଚାୟତରେ ଗଠନ ହେବ ୨ଟି କମିଟି**

**ପଞ୍ଚାୟତରେ ନିଯୁକ୍ତି ପାଇବେ ଆକାଉଣ୍ଟାଣ୍ଟ ଓ ୨ ସୁରକ୍ଷା କର୍ମୀ**



■ **ଭୁବନେଶ୍ୱର, ୨୨।୩ (ସମିସ):** ବାଲି ଚୋରାଚାଲାଣ ସୀମା ଲଂଘିବା ପରେ ଶେଷରେ ଚେତିଛନ୍ତି ରାଜ୍ୟ ସରକାର। ଲଘୁ ଖଣିଜ ସାମଗ୍ରୀ ନିର୍ଦ୍ଦେଶକଙ୍କୁ ବଦଳି ପରେ ୨୧ ତାରିଖରେ ବାଲି ଉତ୍ସର ପରିଚାଳନା ପାଇଁ ଏସ୍‌ଓପି ଜାରି କରିଛନ୍ତି। ନୂତନ ମାର୍ଗଦର୍ଶିକା ଅନୁସାରେ ପଞ୍ଚାୟତରେ ବାଲି ଉତ୍ସର ନିଲାମ ଦାୟିତ୍ୱ ସରପଞ୍ଚଙ୍କ ହାତରେ ନ୍ୟସ୍ତ କରାଯାଇଛି । ପଞ୍ଚାୟତସ୍ତରରେ ଓ ଜିଲ୍ଲାସ୍ତରରେ ଦୁଇଟି କମିଟି ଗଠନ ହେବ । ପଞ୍ଚାୟତସ୍ତରରେ ସରପଞ୍ଚ ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳ କମିଟିର ମୁଖ୍ୟ ରହିବେ। ବାଲି ଚୋରା ଚାଲାଣ, ଆବଶ୍ୟକତାଠାରୁ ଅଧିକ ଉତ୍ତୋଳନକୁ ରୋକିବା ପାଇଁ ଜିଲ୍ଲା ଖଣି ଅଧିକାରୀ ବ୍ଲକଗୁଡ଼ିକୁ ଆବଶ୍ୟକୀୟ ସର୍ଭେଲାନ୍ସ/ନିରୀକ୍ଷଣ ଦିଗରେ ସହାୟତା ପ୍ରଦାନ କରିବେ।

ବ୍ୟବସ୍ଥା ଅନୁସାରେ ଜିଲ୍ଲାସ୍ତରରେ କମିଟିରେ ଜିଲ୍ଲାପାଳ ଅଧକ୍ଷ ଓ ସଦସ୍ୟ ଭାବେ ଜିଲ୍ଲାର ଏସ୍‌ପି, ଜିଲ୍ଲା ବନ ଅଧିକାରୀ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଜିଲ୍ଲା ଖଣି ଅଧିକାରୀ, ଉପ ଜିଲ୍ଲାପାଳ, ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ଦୁଇଜଣ ଲେଖାଏଁ ତହସିଲଦାର ଏବଂ ବିଡିଓ ରହିବେ। ଏହି ଜିଲ୍ଲାସ୍ତରୀୟ କମିଟି ସମ୍ଭାବ୍ୟ ବାଲି ଉତ୍ସଗୁଡ଼ିକର ଚିହ୍ନଟ କରିବା ସହ ଆବଶ୍ୟକତା ଅନୁଯାୟୀ ବ୍ଲକ ସହ ଏହି ଉତ୍ସଗୁଡ଼ିକର ମ୍ୟାପିଂ କରିବେ। ବାଲି ଖାଦାନର ଚିହ୍ନଟ ହେବା ପରେ ଏହାକୁ ସଂପୃକ୍ତ ଅଞ୍ଚଳର ବିଡିଓଙ୍କ ନାମରେ ୫ ବର୍ଷ ଯାଏଁ ସଂରକ୍ଷିତ ରଖାଯିବ। ଆବଶ୍ୟକସ୍ଥଳେ ଏହାକୁ ଅତିରିକ୍ତ ଏକବର୍ଷକୁ ବୃଦ୍ଧି କରାଯାଇପାରିବ। ସେହିପରି ଜିଲ୍ଲା ଖଣି ଅଧିକାରୀ ନୂତନ କରି ଚିହ୍ନିତ ବାଲି ଉତ୍ସଗୁଡ଼ିକର ମାପଚୁପ ବିଡିଓଙ୍କ ଉପସ୍ଥିତିରେ କରିବେ। ▶ପୃଷ୍ଠା-୭




# ୧୮ ମାସ ପରେ ଘରକୁ ଫେରିଲେ 'ମୃତ' ମହିଳା

## ଏବେ ବି ହତ୍ୟା ଅଭିଯୋଗରେ ୪ ଜଣ ଜେଲ୍‌ରେ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ୨୦୨୩ରେ ଜଣେ ୩୫ ବର୍ଷୀୟ ମହିଳାଙ୍କୁ ହତ୍ୟା କରାଯାଇଥିବା ଘଟଣା ଏବେ ନୂଆ ମୋଡ ନେଇଛି । ସେତେବେଳେ ସଂପୃକ୍ତ ମହିଳାଙ୍କ ବାପା ଏକ ମୃତଦେହକୁ ଚିହ୍ନଟ କରି ଏହା ତାଙ୍କ ଝିଅର ବୋଲି କହିବା ପରେ ସଂପୃକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ସମସ୍ତେ ବିଶ୍ୱାସ କରି ନେଇଥିଲେ । ଏହାପରେ ପୁଲିସ ଘଟଣାର ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବେଳେ ସେମାନେ ଏବେ ବି ଜେଲରେ ରହିଛନ୍ତି । କିନ୍ତୁ ଏହି ଘଟଣାର ପ୍ରାୟ ଦୁଇ ବର୍ଷ ପରେ ସମସ୍ତଙ୍କୁ ଚକିତ କରି ମୃତ ଘୋଷିତ ମହିଳା ଜଣଙ୍କ ଏବେ ନିଜ ଘରକୁ ଫେରିଥିବାରୁ ଚାରି ଆଡେ ଚାଞ୍ଚଲ୍ୟ ଖେଳିଯାଇଛି । ମହିଳାଙ୍କୁ ଦେଖି ପରିବାର ସଦସ୍ୟଙ୍କ ଠାରୁ ଆରମ୍ଭ କରି ପଡୋଶୀ ଏବଂ ସମ୍ପର୍କୀୟମାନେ ଚକିତ ହୋଇପଡ଼ିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ମଧ୍ୟପ୍ରଦେଶର ମାଣ୍ଡାସର ଜିଲ୍ଲାରେ ୨୦୨୩ ସେପ୍ଟେମ୍ବରରେ ଲଳିତା ବାଇ ନିଖୋଜ ହୋଇଯାଇଥିଲେ । କିଛି ଦିନ ପରେ ଗୋଟିଏ ଟ୍ରକ ଦୁର୍ଘଟଣାର ଭିଡିଓ ସାମ୍ନାକୁ ଆସିଥିଲା । ଦୁର୍ଘଟଣାର ଶିକାର ହୋଇଥିବା ମହିଳାଙ୍କ ମୁଣ୍ଡ ପୂରା ନଷ୍ଟ ହୋଇ ଯାଇଥିଲା । ଉକ୍ତ ମୃତଦେହକୁ ଲଳିତାଙ୍କ ବାପା ନିଜ ଝିଅର ବୋଲି ଚିହ୍ନଟ କରିଥିଲେ । ଏହାପରେ ଝାବୁଆରେ ଗୋଟିଏ ହତ୍ୟା ମାମଲା ରୁଜୁ ହୋଇଥିଲା । ଏହି ସମୟରେ ଲଳିତା ବାଇଙ୍କୁ ସମସ୍ତେ ମୃତ ବୋଲି ଗ୍ରହଣ କରିସାରିଥିଲେ । ଏପରି କି ତାଙ୍କ ପରିବାର ସଦସ୍ୟ ମଧ୍ୟ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ । ଲଳିତାଙ୍କୁ ହତ୍ୟା କରିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲା । ସେମାନେ ଏବେ ବି ଜେଲରେ ଅଛନ୍ତି । କିନ୍ତୁ କିଛି ଦିନ ତଳେ ଲଳିତା ତାଙ୍କ ଗାଁକୁ ଫେରିବା ପରେ ଏହି ଘଟଣା ନୂଆ ମୋଡ ନେଇଛି । ଲଳିତା ଗାଁକୁ ଫେରିବା କ୍ଷଣି ତାଙ୍କ ତାଙ୍କ ବାପା ତୁରନ୍ତ ଗାନ୍ଧି ସାଗର ଥାନାକୁ ନେଇ ଯାଇଥିଲେ । ଏହାପରେ ପୁଲିସ ପୁଣି ଯାଞ୍ଚ ଆରମ୍ଭ କରିଛି ।



# ଚାରିଧାମ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ଚଳିତ ବର୍ଷ ଚାରିଧାମ ଯାତ୍ରା ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଏଥିନେଇ ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ତାରିଖ ଘୋଷଣା କରାଯାଇ ସାରିଛି । ତେବେ ଚଳିତ ବର୍ଷ ଏହି ଯାତ୍ରା ପାଇଁ ପଞ୍ଜିକରଣ ବାଧ୍ୟତାମୂଳକ କରାଯାଇଛି । ଚାରିଧାମ ଯାତ୍ରାକୁ ଚଳିତ ବର୍ଷ ସରଳ ତଥା ସୁରକ୍ଷିତ କରିବା ପାଇଁ ବହୁ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା ବେଳେ ପଞ୍ଜିକରଣ ମଧ୍ୟ ଆରମ୍ଭ ହୋଇଯାଇଛି । ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟି ଦେଇ ଅନ୍‌ଲାଇନରେ ଆଧାର ସହାୟତାରେ ପଞ୍ଜୀକରଣ କରାଯାଉଛି । ସୁରକ୍ଷା ଏବଂ ସାର୍ବର୍ବଜନୀନ ଦର୍ଶନକୁ ନଜରରେ ରଖି ରାଜ୍ୟ ସରକାର ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଶ୍ରଦ୍ଧାଳୁ ପଞ୍ଜୀକରଣ ବେଳେ ଯେଉଁ ତିଥିରେ ଦର୍ଶନ ପାଇଁ ଉଲ୍ଲେଖ କରିଥିବେ ସେହି ଅନୁସାରେ ଦର୍ଶନ ସୁବିଧା ଉପଲବ୍ଧ ହେବ । ଏହା ସହ ସବୁଧାମ ଗୁଡ଼ିକରେ ଟୋକନ ଦର୍ଶନ ବ୍ୟବସ୍ଥା କରାଯାଇଛି । ବିନା ପଞ୍ଜୀକରଣରେ ଯାତ୍ରା ନ କରିବାକୁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ଯାତ୍ରୀଙ୍କ ଲାଗି ଆଧାର ପ୍ରାମାଣିତ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିଲା ବେଳେ ପଞ୍ଜିକରଣ ବେଳେ ସଠିକ ମୋବାଇଲ ନମ୍ବର ଦେବାକୁ କୁହାଯାଇଛି । ଯାତ୍ରା ସମୟରେ ଶ୍ରଦ୍ଧାଳୁମାନେ ନିଜ ସହ ଛତା, ଗରମ କପଡା ଏବଂ ବର୍ଷାତି ଆଦି ରଖିବାକୁ ପରାମର୍ଶ ଦିଆଯାଇଛି ।

# ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି ଜେଲେଁସ୍କି !



କିଭ୍ ,୨୨।୩(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବିରତି ସହିତ ଶାନ୍ତି ପ୍ରତିଷ୍ଠା ଲାଗି ଆମେରିକା ନେତୃତ୍ୱରେ ଉଦ୍ୟମ ଆରମ୍ଭ ହୋଇଥିଲା ବେଳେ ରାଷ୍ଟ୍ରପତି ପୁତିନ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି । ଏହି ଦୁଇ ନେତା ଆସନ୍ତାକାଲି ପୁଣି ଆଲୋଚନା କରିବା ନେଇ କାର୍ଯ୍ୟକ୍ରମ ରହିଛି । କିନ୍ତୁ ଏହାମଧ୍ୟରେ ୟୁକ୍ରେନ ରୁଷିଆ ଉପରେ ଘନ ଘନ ଡ୍ରୋନ ଆକ୍ରମଣ କରିବା ଘଟଣା ସାଂପ୍ରତିକ ସ୍ଥିତିକୁ ପୁଣି ନୂଆ ମୋଡ ଦେଇପାରେ ବୋଲି ଆଶଙ୍କା ବଢିଛି । ଏପରିକି ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି ରୁଷ ବିରୋଧରେ ବଡ଼ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରୁଥିବା କୁହାଯାଉଛି । ଜେଲେଁସ୍କି ଏବେ ସମ୍ପୂର୍ଣ୍ଣ ଭାବରେ ଡ୍ରୋନ ଯୁଦ୍ଧ ଉପରେ ଧ୍ୟାନ ଦେଇଛନ୍ତି । ୟୁକ୍ରେନ ଦ୍ରୁତ ଗତିରେ ଡ୍ରୋନର ଏକ ବିଶାଳ ସେନା ନିର୍ମାଣ କରୁଛି ଯାହା ରୁଷିଆ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି । ରାଷ୍ଟ୍ରପତି ପୁତିନ ଶାନ୍ତି ଚୁକ୍ତିନାମାକୁ ନେଇ ପ୍ରୟାସ କରୁଥିବା ବେଳେ ଜେଲେଁସ୍କିଙ୍କ ଏହି ରଣନୀତି ପୁଣି ବଡ଼ ବିପଦକୁ ଆହ୍ୱାନ କରିପାରେ । ନିକଟରେ ଜେଲେଁସ୍କି ଟାକ୍ଟିକାଲ୍ ଗ୍ରୁପ୍ ପୋକରୋଭସ୍କର କମାଣ୍ଡ ପୋଷ୍ଟ ପରିଦର୍ଶନ କରିଥିଲେ ଏବଂ ସେଠାରେ ସାମରିକ ଅଧିକାରୀମାନଙ୍କୁ ଭେଟି ରଣନୀତି ପ୍ରସ୍ତୁତ କରିବାକୁ କହିଥିଲେ । ବିଶେଷ ଭାବରେ ସେ 'ଡ୍ରୋନ ଲାଇନ୍'ର କମାଣ୍ଡରମାନଙ୍କ ସହିତ ଆଲୋଚନା କରିଥିବାରୁ ତାଙ୍କର ଭିନ୍ନ କିଛି ଆଭିମୁଖ୍ୟ ରହିଛି ବୋଲି କୁହାଯାଉଛି । ୟୁକ୍ରେନ ଏବେ ଡ୍ରୋନ ଯୁଦ୍ଧକୁ ତାର ସାମରିକ ରଣନୀତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ବିଚାର କରୁଛି । ଯାହାର ଉଦାହରଣ ଦୁଇ ଦିନ ତଳେ ଦେଖିବାକୁ ମିଳିଥିଲା ।

# ରହସ୍ୟ ଘେରରେ ୧୫ କୋଟି



- କେଉଁଠୁ ଆସିଲା, ହିସାବ ମିଳୁନି
- ଯାଞ୍ଚ ରିପୋର୍ଟ ଦେଲେ ଦିଲ୍ଲୀ ହାଇକୋର୍ଟ
- ସିବିଆଇ ଏଫ୍‌ଆଇଆର୍‌ରେ ଜଷ୍ଟିସ ବର୍ମାଙ୍କ ନାମ ଥିଲା
- ୩ ଜଣିଆ କମିଟି ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୨।୩: ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଘରୁ ୧୫ କୋଟି ଟଙ୍କା ଜବତ ହେବା ଘଟଣାକୁ ନେଇ ଏବେ ବି ରହସ୍ୟ ଲାଗି ରହିଛି । ତାଙ୍କ ଘରୁ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ତାର ହିସାବ ଖୋଦ ବିଚାରପତିଙ୍କ ପାଖରେ ବି ନାହିଁ ବୋଲି କୁହାଯାଉଛି । ଏହାର ଛାନବିନ ଚାଲିଥିବା ବେଳେ ଜଷ୍ଟିସ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଛି । ଏସଂପର୍କରେ ଦିଲ୍ଲୀ ହାଇକୋର୍ଟ ଏକ ରିପୋର୍ଟ ଆଜି ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରିଛନ୍ତି । ସର୍ବୋଚ୍ଚ ଅଦାଲତ ଏସଂପର୍କରେ କଣ ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ସମସ୍ତଙ୍କର ନଜର ଲାଗି ରହିଥିବା ବେଳେ ଏକ ନୂଆ ତଥ୍ୟ ସାମନାକୁ ଆସିଛି । ଏହି ତଥ୍ୟ ଅନୁସାରେ ୨୦୧୮ରେ ହୋଇଥିବା ବ୍ୟାଙ୍କ ଜାଲିଆତି ମାମଲାରେ ସିବିଆଇ ଯେଉଁ ଏଫଆଇଆର୍ ଦାଖଲ କରିଥିଲା, ସେଥିରେ ଜଷ୍ଟିସ ବର୍ମାଙ୍କର ନାମ ମଧ୍ୟ ଥିଲା ।

ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ସି।ମ୍ଭୋଲି ଚିନି କାରଖାନା ଜାଲିଆତି କରି ଏହି ବ୍ୟାଙ୍କରୁ ୯୮ କୋଟି ଟଙ୍କାର ଋଣ ନେଇଥିଲା । ସିବିଆଇ ଏହି ଘଟଣାର ତଦନ୍ତ କରି ୨୦୧୮ରେ ଯେଉଁ ଏଫଆଇଆର ଦାଖଲ କରିଥିଲା, ସେଥିରେ ଜଷ୍ଟିସ ବର୍ମାଙ୍କର ନାମ ରହିଥିଲା । ଜଷ୍ଟିସ ବର୍ମା ୨୦୧୨ରେ ଚିନି କଂପାନୀର ନନ୍-ଏକ୍‌ଜିକ୍ୟୁଟିଭ୍ ଡାଇରେକଟର ଥିଲେ । ଜାଲିଆତି ଯୋଗୁଁ ବ୍ୟାଙ୍କକୁ ୧୧୦ କୋଟି ଟଙ୍କାର କ୍ଷତି ହୋଇଥିଲା ।

ଇତିମଧ୍ୟରେ ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ଘଟଣାକୁ ନେଇ ଆଜି ଗଣମାଧ୍ୟମରେ ବିଭିନ୍ନ ପ୍ରକାର ତଥ୍ୟ ପ୍ରକାଶ ପାଇବାରେ ଲାଗିଛି । କୁହାଯାଉଛି ଯେ ବିଚାରପତିଙ୍କ ଘରୁ କୌଣସି ଟଙ୍କା ମିଳିନାହିଁ ବୋଲି ଅଗ୍ନିଶମ ଅଧିକାରୀ କହୁଛନ୍ତି । କିନ୍ତୁ ଅଗ୍ନିଶମ ଅଧିକାର ଏହା କହିନଥିବା କହୁଛନ୍ତି । ତାହେଲେ ଏଭଳି ଗୁଜବ କାହିଁକି ପ୍ରଚାର କରାଯାଉଛି? ଏହା ପଛରେ ରହସ୍ୟ କଣ? ଘଟଣାକୁ ଚପାଇବା ଲାଗି ଉଦ୍ୟମ କରାଯାଉଛି କି? ଏଭଳି ପ୍ରଶ୍ନ ଏବେ ସାଧାରଣ ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହେଲାଣି । ସେପଟେ ସୁପ୍ରିମ କୋର୍ଟ ମଧ୍ୟ ଏହି ମାମଲାରେ ଯେମିତି ଗୁଜବ ପ୍ରଚାର କରାଯାଉଛି ତାହାକୁ ନାପସନ୍ଦ କରିଛନ୍ତି । ଗୁଜବ ପ୍ରଚାର ନକରିବାକୁ ପରାମର୍ଶ ଦେଇଛନ୍ତି ।

ଇତିମଧ୍ୟରେ ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ଘଟଣା ସଂପର୍କରେ ଯାଞ୍ଚ କରିଛି ଦିଲ୍ଲୀ ହାଇକୋର୍ଟ । ଏସଂକ୍ରାନ୍ତ ପ୍ରାଥମିକ ରିପୋର୍ଟ ହାଇକୋର୍ଟ ଆଜି ସର୍ବୋଚ୍ଚ ଅଦାଲତରେ ଦାଖଲ କରିଛନ୍ତି । ଇତିମଧ୍ୟରେ ମାମଲାର ତଦନ୍ତ ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖନ୍ନା ଆଜି ତିନି ଜଣ ବିଚାରପତିଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି ।

## ନାଗପୁର ହିଂସାକୁ ନେଇ ଫଡ଼ନଭିସଙ୍କ ଆକ୍ସନପ୍ଲାନ୍

# ଦଙ୍ଗାକାରୀଙ୍କ ଠାରୁ ଆଦାୟ ହେବ କ୍ଷତିପୂରଣ



■ ପୈଠ ନକଲେ ନିଲାମ ହେବ ସମ୍ପତ୍ତି ; ଚାଲିବ ବୁଲଡୋଜର

ମୁମ୍ବଇ,୨୨।୩(ଏଜେନ୍ସି): ନାଗପୁର ହିଂସାକୁ ନେଇ ଦଙ୍ଗାକାରୀଙ୍କ ବିରୋଧରେ ମହାରାଷ୍ଟ୍ର ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଘୋଷଣା କରିଛନ୍ତି । ଦଙ୍ଗା ସମୟରେ ନଷ୍ଟ ହୋଇଥିବା ସରକାରୀ ଏବଂ ଘରୋଇ ସମ୍ପତ୍ତି ଭରଣା କରିବା ଦିଗରେ ଦଙ୍ଗାକାରୀଙ୍କ ଠାରୁ କ୍ଷତିପୂରଣ ଆଦାୟ କରାଯିବ । ଯେଉଁମାନେ ଏହାକୁ ଉଲ୍ଲଘଂନ କରିବେ କିମ୍ବା ଅର୍ଥ ପୈଠ ନ କରିବେ ସେମାନଙ୍କ ସମ୍ପତ୍ତି ନିଲାମ କରାଯିବା ସହିତ ଆବଶ୍ୟକ ପଡ଼ିଲେ ବୁଲଡୋଜର ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ୍ କହିଛନ୍ତି । ଫଡନଭିସ୍ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସିସିଟିଭି ଭିଡିଓ ଫୁଟେଜକୁ ବିଶ୍ଳେଷଣ କରାଯିବା ପରେ ବର୍ତ୍ତମାନ ସୁଦ୍ଧା ୧୦୪ ଜଣ ଦଙ୍ଗାକାରୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ୯୨ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ଆଇନ ଅନୁସାରେ ୧୨ ନାବାଳକଙ୍କ ସମେତ ଏହି ୯୨ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଏହାପରେ ସେମାନଙ୍କ ଠାରୁ କ୍ଷତିପୂରଣ ଆଦାୟ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯିବ । ସେହିପରି ଗୁଜବ ପ୍ରଚାର କରିବା ଏବଂ ହିଂସା ପାଇଁ ଉସୁକାଇବା ଭଳି ୬୪ଟି ସୋସିଆଲ ମିଡିଆ ପୋଷ୍ଟକୁ ଚିହ୍ନଟ କରାଯାଇଥିଲା ବେଳେ ଯେଉଁମାନେ ଏଭଳି ପୋଷ୍ଟ କରିଥିଲେ ସେମାନଙ୍କୁ ମଧ୍ୟ ଚିହ୍ନଟ କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ଉଦ୍ୟମ ଆରମ୍ଭ କରିଛି । ଏହାବ୍ୟତୀତ ପୁଲିସ କର୍ମଚାରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ମଧ୍ୟ ଦଙ୍ଗାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫଡ଼ନଭିସ୍ କହିଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ମୋଦୀ ନାଗପୁର ଗସ୍ତରେ ଆସୁଥିଲା ବେଳେ ଏଠାରେ ଆରଏସଏସ ମୁଖ୍ୟ କାର୍ଯ୍ୟାଳୟକୁ ଯିବାର କାର୍ଯ୍ୟକ୍ରମ ରହିଛି । ତେବେ ହିଂସାକୁ ନେଇ କୌଣସି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପ୍ରଭାବିତ ହେବ ନାହିଁ ବୋଲି ସେ କହିଛନ୍ତି ।

ନାଗପୁରରେ ହୋଇଥିବା ହିଂସାରେ ଆହତ ହୋଇଥିବା ଇରଫାନ୍ ଅନସାରୀ ନାମକ ଜଣେ ବ୍ୟକ୍ତିଙ୍କ ଶନିବାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଇରଫାନ୍ ହିଂସା ସମୟରେ ଗୁରୁତର ଆହତ ହୋଇଥିଲା ବେଳେ ତାଙ୍କୁ ଉଦ୍ଧାର କରାଯାଇ ନାଗପୁରର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ୩୮ ବର୍ଷୀୟ ଇରଫାନ ଗତ ସୋମବାର ରାତିରେ ଷ୍ଟେସନ ଯାଉଥିବା ସମୟରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ଘଟଣାର କିଛି ସମୟ ପରେ ପୁଲିସ ଇରଫାନଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା । କିନ୍ତୁ ତାଙ୍କ ଅବସ୍ଥା ବେଳକୁ ବେଳ ଗମ୍ଭୀର ରହିଥିଲା ବେଳେ ତାଙ୍କୁ ଗତ ୬ ଦିନ ଧରି ଭେଣ୍ଟିଲେଟରରେ ରଖାଯାଇଥିଲା । ହେଲେ ଶନିବାର ତାଙ୍କର ମୃତ୍ୟୁ ହୋଇଥିବା ସଂପୃକ୍ତ ହସ୍ପିଟାଲ ପକ୍ଷରୁ କୁହାଯାଇଛି ।

# ମଣିପୁରରେ ସୁପ୍ରିମକୋର୍ଟ ପ୍ରତିନିଧିଦଳ

## ପ୍ରଧାନମନ୍ତ୍ରୀ କେବେ ଯିବେ ବୋଲି ଜୟରାୟମଙ୍କ ପ୍ରଶ୍ନ



ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ହିଂସା ଗ୍ରସ୍ତ ମଣିପୁର ରାଜ୍ୟ ଗସ୍ତ କରି ସୁପ୍ରିମକୋର୍ଟର ଏକ ପ୍ରତିନିଧି ଦଳ ଶନିବାର ଇମ୍ଫାଲରେ ପହଞ୍ଚିଛନ୍ତି । ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବି ଆର ଗଭାଇଙ୍କ ନେତୃତ୍ୱରେ ଏକ ୬ ଜଣିଆ ବିଚାରପତି ଟିମ୍ ଇମ୍ଫାଲରେ ପହଞ୍ଚିବା ପରେ ଚୁରାଚନ୍ଦ୍ରପୁର ସମେତ ଅନ୍ୟ କେତେକ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ସୁପ୍ରିମକୋର୍ଟର ଏହି ପ୍ରତିନିଧି ଦଳର ଗସ୍ତକୁ କଂଗ୍ରେସ ସ୍ୱାଗତ କରିଥିଲେ ହେଁ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଦଳ ପ୍ରଶ୍ନ ଉଠାଇଛି । ବିଭିନ୍ନ ସ୍ତରରେ ବହୁ ସଦସ୍ୟ ମଣିପୁର ଯାଇ ସେଠାକାର ସ୍ଥିତି ପରଖି ଥିଲେ ହେଁ ଦୀର୍ଘ ଦୁଇ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥରୁଟିଏ ମଧ୍ୟ ଏଠାକୁ ଆସିବାକୁ ଉଚିତ ମଣିନାହାନ୍ତି । ମୋଦୀ ଆଉ କେବେ ମଣିପୁର ଗସ୍ତ କରିବେ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପ୍ରବକ୍ତା ଜୟରାମ ରମେଶ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ, ୨୦୨୩ ମେ 'ରେ ମଣିପୁରରେ ହିଂସା ଆରମ୍ଭ ହୋଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଶତାଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ୬୦ ହଜାରରୁ ଅଧିକ ଲୋକ ବାସଚ୍ୟୁତ ହୋଇଛନ୍ତି । ସେମାନଙ୍କୁ ବିଭିନ୍ନ କ୍ୟାମ୍ପରେ ରଖାଯାଇଛି । ହେଲେ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । କିନ୍ତୁ ସେଠାକାର ସ୍ଥିତି ପରଖିବା ପାଇଁ ପ୍ରଧାନମନ୍ତ୍ରୀ କେବେ ବି ଇଚ୍ଛା ପ୍ରକାଶ କରିନାହାନ୍ତି । ଗତ ମାସରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା । କିନ୍ତୁ ମଣିପୁର ସ୍ଥିତିକୁ ସୁପ୍ରିମକୋର୍ଟ ୨୦୨୩ରୁ ଜଟିଳ ବୋଲି କହିସାରିଥିଲେ ମଧ୍ୟ ଏଠାରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ କାହିଁକି ୧୮ ମାସ ଲାଗିଲା ବୋଲି ଜୟରାମ ପ୍ରଶ୍ନ କରିଛନ୍ତି ।

# ତିରୁପତି ମନ୍ଦିରରେ କେବଳ ହିନ୍ଦୁ କର୍ମଚାରୀ ରହିବେ

ତିରୁପତି,୨୨।୩(ଏଜେନ୍ସି): ଆନ୍ଧ୍ର ପ୍ରଦେଶର ପ୍ରସିଦ୍ଧ ତିରୁପତି ବାଲାଜୀ ମନ୍ଦିରରେ ଏଣିକି କେବଳ ହିନ୍ଦୁ କର୍ମଚାରୀ ରହିବେ । ବର୍ତ୍ତମାନ ମନ୍ଦିର ପରିସରରେ କାର୍ଯ୍ୟ କରୁଥିବା ଅନ୍ୟ କୌଣସି ସଂପ୍ରଦାୟର କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ସ୍ପଷ୍ଟ କରିଛନ୍ତି । ତିରୁପତି ମନ୍ଦିର ପରିଚାଳନା ବୋର୍ଡ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିଲା ବେଳେ ଏଠାରେ ସରକାରୀ କର୍ମଚାରୀ ଭାବେ ଭିନ୍ନ ଭିନ୍ନ ସଂପ୍ରଦାୟର ଲୋକମାନେ କାର୍ଯ୍ୟ କରୁଥିଲେ । କିନ୍ତୁ ଏଣିକି କେବଳ ହିନ୍ଦୁ କର୍ମଚାରୀ ହିଁ ମନ୍ଦିର ପରିଚାଳନା ବୋର୍ଡରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନ୍ୟ କର୍ମଚାରୀଙ୍କ ମନରେ କୌଣସି ଖରାପ ଧାରଣା ଅଣା ନଯାଇ ସେମାନଙ୍କୁ ଅନ୍ୟ ସରକାରୀ ବିଭାଗରେ ଦାୟିତ୍ୱ ଦିଆଯିବ ବୋଲି ସେ କହିଛନ୍ତି । ଏହାଛଡ଼ା ଦେଶର ପ୍ରତ୍ୟେକ ରାଜ୍ୟ ରାଜଧାନୀ ସହରରେ ଭଗବାନ ଭେଙ୍କେଟଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ।

# ବାଂଲାଦେଶ ସେନା ବିରୋଧରେ ଛାତ୍ର ସଂଗଠନର ଗୁରୁତର ଅଭିଯୋଗ



ଢାକା,୨୨।୩(ଏଜେନ୍ସି): ବାଂଲାଦେଶରେ ଏବେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର କାର୍ଯ୍ୟ କରୁଥିଲେ ହେଁ ପୁଣିଥରେ ବିଭିନ୍ନ କାରଣକୁ ନେଇ ଏଠାରେ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ବଢିଛି । ଶେଖ ହାସିନା ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଥିବା ଛାତ୍ର ନେତାମାନେ ଏବେ ବାଂଲାଦେଶ ସେନା ବିରୋଧରେ ମୁହଁ ଖୋଲିବା ଆରମ୍ଭ କରିଥିବାରୁ ପରିସ୍ଥିତି ନୂଆ ମୋଡ ନେବା ସହିତ ବିଭିନ୍ନ ସ୍ତରରେ ଉତ୍ତେଜନା ବଢିବାରେ ଲାଗିଛି । ହସିନା ବିରୋଧୀ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନାହିଦ ଇସଲାମଙ୍କ ନବଗଠିତ ନ୍ୟାସନାଲ ସିଟିଜେନ ପାର୍ଟି (ଏନସିପି)ର ନେତାମାନେ ସାମରିକ ନେତୃତ୍ୱ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ଶେଖ ହାସିନାଙ୍କ ଦଳ ଆୱାମୀ ଲିଗ୍ ନୂଆ ନାମକରଣ କରାଯାଇ ଏହି ଦଳକୁ ପୁଣି ବାଂଲାଦେଶ ରାଜନୀତିରେ ସକ୍ରିୟ କରିବାକୁ ସେନା ପ୍ରସ୍ତାବ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ନିକଟରେ ମହମ୍ମଦ ୟୁନୁସ୍ କହିଥିଲେ ଯେ, ଆୱାମୀ ଲିଗ୍ ଉପରେ ପ୍ରତିବନ୍ଧକ ଲଗାଇବାର କୌଣସି ଯୋଜନା ନାହିଁ । କିନ୍ତୁ ଏହାର ନେତୃତ୍ୱ ସହିତ ଜଡିତ ବ୍ୟକ୍ତିବିଶେଷଙ୍କ ବିରୋଧରେ ମାମଲା ରୁଜୁ କରାଯିବ । ହେଲେ ଏହାର ଦିନକ ଏନସିପି ନେତା ହସନାତ ଅବଦୁଲ୍ଲା ଏକ ଫେସବୁକ୍ ପୋଷ୍ଟ କରି ସେନା ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି । ଆୱାମୀ ଲିଗ୍‌କୁ ଫେରାଇ ଆଣିବା ପାଇଁ ପୁଣି ପ୍ରୟାସ କରାଯାଉଛି ବୋଲି ସେ କହିଛନ୍ତି । କେବଳ ସେତିକି ନୁହେଁ , ଭାରତ ସହାୟତାରେ ସେନା ବାଂଲାଦେଶରେ କିଛି ବଡ଼ ଷଡ଼ଯନ୍ତ୍ର କରିବାକୁ ଯାଉଛି ବୋଲି ମଧ୍ୟ ସେ ସଙ୍କେତ ଦେଇଥିବାରୁ ଏହାକୁ ନେଇ ବିଭିନ୍ନ ସ୍ତରରେ ଅସ୍ଥିରତା ପ୍ରକାଶ ପାଇଛି ।



ସାମୟିକ ବନ୍ଦ ରହିଥିବା ଲଣ୍ଡନସ୍ଥିତ ହିଥ୍ରୋ ବିମାନ ବନ୍ଦର କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ହଜାର ହଜାର ଯାତ୍ରୀ ଓ ସେମାନଙ୍କ ଲଗେଜ୍‌କୁ ନେଇ ଉତ୍କଟ ସ୍ଥିତି

# ମହାରାଙ୍ଗ ବଲୁଚଙ୍କ ଗିରଫ ପରେ ବେଲୁଚିସ୍ତାନ ସ୍ଥିତି ଜଟିଳ



ଇସଲାମାବାଦ,୨୨।୩(ଏଜେନ୍ସି): ବେଲୁଚିସ୍ତାନବାସୀଙ୍କ ଅଧିକାରକୁ ନେଇ ପାକିସ୍ତାନ ବିରୋଧରେ ଆରମ୍ଭ ହୋଇଥିବା ବିଦ୍ରୋହ ଏବେ ଜଟିଳ ରୂପ ନେଇଛି । ପୂର୍ବରୁ ବିଏଲଏ ଏବଂ ବିଏନଏମ ଭଳି ବହୁ ବିଦ୍ରୋହୀ ସଂଗଠନ ପକ୍ଷରୁ ପାକିସ୍ତାନ ସେନାକୁ ନିଶାଣ କରାଯାଇ ଆକ୍ରମଣ କରାଯାଇଥିଲା ବେଳେ ଏବେ ସାଧାରଣ ଲୋକ ମଧ୍ୟ ପାକିସ୍ତାନ ବିରୋଧରେ ବାହାରିଛନ୍ତି । ଏହାକୁ ନେଇ ବିଭିନ୍ନ ସ୍ଥାନରେ ବିଶାଳ ପ୍ରତିବାଦ ସଭା ଆରମ୍ଭ ହୋଇଛି । ବିଶେଷକରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଏଠାକାର ଅତ୍ୟନ୍ତ ଲୋକପ୍ରିୟ ନେତ୍ରୀ ଡ. ମହାରାଙ୍ଗ ବଲୁଚଙ୍କୁ ଗିରଫ କରାଯିବା ପରେ ବିଭିନ୍ନ ସ୍ଥାନରେ ଲୋକମାନେ ପାକିସ୍ତାନ ବିରୋଧରେ ପ୍ରତିବାଦ ଆରମ୍ଭ କରିଛନ୍ତି । ସେମାନଙ୍କୁ ହଟାଇବା ପାଇଁ ପାକିସ୍ତାନ ସେନା ପକ୍ଷରୁ ଲାଠିଚାର୍ଜ କରାଯିବା ସହିତ ଶତାଧିକ ଲୋକଙ୍କୁ ଗିରଫ କରାଯାଇଛି । ଗାନ୍ଧୀ ନୀତିରେ ଅନୁପ୍ରାଣିତ ହୋଇ ବିଗତ କିଛି ବର୍ଷ ଧରି ମହାରାଙ୍ଗ ବଲୁଚ ଜଣେ ମାନବାଧିକାର ନେତ୍ରୀ ଭାବେ ଲଢେଇ କରି ଆସୁଥିଲା ବେଳେ ତାଙ୍କୁ ଶନିବାର କ୍ୱେଟା ପୁଲିସ ଗିରଫ କରିବା ଘଟଣା ବେଲୁଚିସ୍ତାନବସୀଙ୍କୁ କ୍ଷୁବ୍ଧ କରିଛି । ଏହାବ୍ୟତୀତ ଜାତିସଂଘ ମାନାବଧିକାର କମିସନଙ୍କ ପକ୍ଷରୁ ମଧ୍ୟ ଏହାକୁ ନିନ୍ଦା କରାଯାଇଛି । ପାକିସ୍ତାନୀ ସେନା ନିର୍ଦ୍ଦେଶରେ ମହାରାଙ୍ଗ ବଲୁଚ୍‌ଙ୍କୁ ଗାଏବ କରାଯାଇଛି ଏବଂ ତାଙ୍କର ଅବସ୍ଥିତି ବିଷୟରେ କୌଣସି ସୂଚନା ଦିଆଯାଇ ନାହିଁ ବୋଲି ବଲୁଚ୍ ୟାକଜେହତି କମିଟି (ବିୱାଇସି) ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଲ୍ଲେଖ କରାଯାଇଛି । ଏପରିକି ଶନିବାର ପ୍ରତିବାଦ ସ୍ଥଳରେ ଅନେକ ଲୋକଙ୍କୁ ହତ୍ୟା କରାଯାଇଥିବା କୁହାଯାଇଛି । ବିୱାଇସି ପକ୍ଷରୁ କୁହାଯାଇଛି ଯେ,କ୍ୱେଟା ପୁଲିସ ଏବଂ ପ୍ରଶାସନ କେନ୍ଦ୍ରୀୟ ନେତା ଡକ୍ଟର ମାହରାଙ୍ଗ ବଲୁଚ୍‌ଙ୍କୁ ତାଙ୍କର ଅନ୍ୟ ସହଯୋଗୀମାନଙ୍କ ସହିତ ଗିରଫ କରିଛି ଏବଂ ସହିଦ ଯୁବକଙ୍କ ମୃତଦେହକୁ ମଧ୍ୟ ନିଜ କବଜାକୁ ନେଇଛି । ଏପରିକି ପାକିସ୍ତାନ ପ୍ରଶାସନ ମହିଳା ଏବଂ ଛୋଟ ଛୋଟ ଶିଶୁମାନଙ୍କୁ ମଧ୍ୟ ଛାଡୁ ନାହିଁ । ବିୱାଇସି ନିଜ ପୋଷ୍ଟରେ କହିଛି ଯେ, ପୁଲିସ ଏବଂ ରାଜ୍ୟ ପ୍ରଶାସନର ବିଭିନ୍ନ ଏଜେନ୍ସିଗୁଡ଼ିକ ପ୍ରଦର୍ଶନକାରୀଙ୍କ ଉପରେ ଲୁହବୁହା ଗ୍ୟାସ, ପାଣିମାଡ଼ ଏବଂ ଗୁଳି ଚାଳନା କରିଥିଲେ । ଯାହା ଫଳରେ ତିନି ଜଣ ବଲୁଚ୍ ଯୁବକ ସହିଦ ହୋଇଥିଲେ ଏବଂ ବହୁ ଲୋକ ଆହତ ହୋଇଥିଲେ । ଶନିବାର ପ୍ରତ୍ୟୁଷରେ ପୁଲିସ ଏବଂ ଅନ୍ୟାନ୍ୟ ସଂସ୍ଥା ଧାରଣା ସ୍ଥଳ ଉପରେ ଆକ୍ରମଣ କରିବା ସହିତ ପ୍ରଦର୍ଶନକାରୀଙ୍କ ଠାରୁ ଯୁବକମାନଙ୍କ ମୃତଦେହ ଛଡ଼ାଇ ନେଇଥିଲେ ଏବଂ ଡକ୍ଟର ମହାରାଙ୍ଗ ଓ ତାଙ୍କ ସହଯୋଗୀମାନଙ୍କୁ ଗିରଫ କରିଥିଲେ । କିନ୍ତୁ ଏହି ସ୍ଥିତିରେ ବହୁ ବଲୁଚ ବିଦ୍ରୋହୀ ସଂଗଠନ ପାକିସ୍ତାନ ସେନା ଏବଂ ସ୍ଥାନୀୟ ପ୍ରଶାସନ ବିରୋଧରେ ରଣହୁଙ୍କାର ଦେଇଥିବାରୁ ଆଗକୁ ସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ବଢାଇଛି ।

# ଦିଲ୍ଲୀରେ ବାଂଲାଦେଶୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ; ୮ ଗିରଫ

ନୂଆଦିଲ୍ଲୀ ,୨୨ ।୩(ଏଜେନ୍ସି): ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀଙ୍କ ବିରୋଧରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଦକ୍ଷିଣ ଦିଲ୍ଲୀ ଜିଲ୍ଲା ପୁଲିସ ଶନିବାର ଅବୈଧ ଭାବେ ବସବାସ କରୁଥିବା ବାଂଲାଦେଶୀଙ୍କ ଠିକଣାରେ ଚଢଉ କରି ବିଭିନ୍ନ ସ୍ଥାନରୁ ୧୮ ଜଣଙ୍କୁ ଧରିଥିଲା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଗିରଫ କରିଛି । ଅନ୍ୟ ୪ ଜଣଙ୍କୁ ପୁଲିସ ହେପାଜତକୁ ନିଆଯାଇ ପଚରାଉଚରା କରାଯାଉଛି । ସେହିପରି ୬ ଜଣଙ୍କୁ ଦିଲ୍ଲୀ ବାହାରକୁ ପଠାଇ ଦିଆଯାଇଛି । ଅନ୍ୟ ଏକ ଘଟଣାରେ ଭାରତରେ ବାଂଲାଦେଶୀଙ୍କୁ ସହାୟତା କରୁଥିବା ୮ ଜଣଙ୍କୁ ପୁଲିସ ଧରିବା ସହିତ ସେମାନଙ୍କୁ ପଚରାଉଚରା ଆରମ୍ଭ କରିଛି । ଡିସିପି ଅଙ୍କିତ ଚୌହାନ କହିଛନ୍ତି ଯେ ଅବୈଧ ପ୍ରବାସୀଙ୍କଠାରୁ ଆଧାର କାର୍ଡ, ପାନ କାର୍ଡ, ଭୋଟର ଆଇଡି ଓ ଭାରତୀୟ ପାସପୋର୍ଟ ଜବତ କରାଯାଇଛି । ସେମାନେ ରହୁଥିବା ସ୍ଥାନରେ ଯାଞ୍ଚ କରାଯିବା ବେଳେ ସେଠାରୁ ୨୩ଟି

# ମୋହନଙ୍କୁ ଭେଟିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

## ମହାନଦୀ ଜଳ ବିବାଦ ସମାଧାନ ନେଇ ଆଲୋଚନା



**ଭୁବନେଶ୍ୱର,୨୨।୩(ସମିସ):** ଓଡ଼ିଶା ଗସ୍ତରେ ଆସିଥିବା ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ସମୟରେ ଉଭୟଙ୍କ ମଧ୍ୟରେ ବିଭିନ୍ନ ବିଷୟ ସହିତ ମହାନଦୀ ଜଳ ବିବାଦ ସମ୍ପର୍କରେ ଆଲୋଚନା ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଆଲୋଚନା ସମୟରେ ମହାନଦୀ ବିବାଦର ଆପୋଷ ସମାଧାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଦୁଇ ରାଜ୍ୟ ପରସ୍ପରର ପଡ଼ୋଶୀ; ଉଭୟ ରାଜ୍ୟ ମଧ୍ୟରେ ଭାଷା ଓ ଭାବଗତ ସାମଞ୍ଜସ୍ୟ ରହିଛି। ତେଣୁ ଉଭୟ ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହାର ତୁରନ୍ତ ସମାଧାନ ହେବା ଆବଶ୍ୟକ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ମଧ୍ୟ ଏ ସମ୍ପର୍କରେ ସକରାତ୍ମକ ମତାମତ ପ୍ରକାଶ କରି ସଦାସର୍ବଦା ଆପୋଷ ସମାଧାନ ସପକ୍ଷରେ ଅଛନ୍ତି ବୋଲି କହିଛନ୍ତି। ଏହା ସହ ଆଲୋଚନା ଜରିଆରେ ଏହି ସମସ୍ୟାର ଉପଯୁକ୍ତ ସମାଧାନ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବିଷୟ ଉପରେ ଗୁରୁତ୍ୱ ଦେଇ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ରାସ୍ତା ବାହାର କରିବାକୁ ଏକମତ ହୋଇଛନ୍ତି।

# ବିଧାନସଭା ଓ କଂଗ୍ରେସ ଭବନରେ ଦେବେନ୍ଦ୍ର ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୨୨।୩(ସମିସ):** ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କୁ ବିଧାନସଭା ଓ କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶନିବାର ସକାଳେ ସ୍ୱର୍ଗତ ଶର୍ମାଙ୍କ ମରଶରୀର ବିଧାନସଭାରେ ପହଞ୍ଚିବା ପରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବିଜେଡି ବିଧାୟକ ଗଣେଶ୍ୱର ବେହେରା ପ୍ରମୁଖ ମର ଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଏହାପରେ ତାଙ୍କ ମରଶରୀର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ପିସିସି ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ବରିଷ୍ଠ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଡଃ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ। ପରେ ସ୍ୱର୍ଗତ ଶର୍ମାଙ୍କ ମରଶରୀରକୁ ଆଳି ସ୍ଥିତ ତାଙ୍କ ଗାଁକୁ ନିଆଯାଇଛି।

## ଓଡିଶାରେ ବଢୁଛି ଚୋରା ବନ୍ଧୁକ ବେପାର

# ବିହାରୀ କାରିଗର; ଓଡ଼ିଆ ବେପାରୀ

**ଭୁବନେଶ୍ୱର,୨୨।୩(ସମିସ):** କଟକ ବୟାଳିଶ ମୌଜାରୁ ବନ୍ଧୁକ କାରଖାନା ଠାବ ଘଟଣାର ତନାଘନା ପରେ ସାମ୍ନାକୁ ଆସିଛି ବହୁ ରୋଚକ ତଥ୍ୟ। ରାଜ୍ୟରେ ଠାବ ହୋଇଥିବା ଚୋରା ବନ୍ଧୁକ ନିର୍ମାଣରେ ବିହାରୀ କାରିଗରଙ୍କ ସମ୍ପୃକ୍ତି ଥିବାବେଳେ ଓଡ଼ିଆ ବନ୍ଧୁକ ବେପାରୀ ଏହାକୁ ବିକ୍ରି କରିଛନ୍ତି। ଓଡ଼ିଶାର ଅସାମାଜିକ ବ୍ୟକ୍ତିମାନେ ବିହାରୀ କାରିଗରଙ୍କୁ ଆଣି ଏଠାରେ ବନ୍ଧୁକ ନିର୍ମାଣ କାମରେ ନିୟୋଜିତ କରୁଛନ୍ତି। ପ୍ରତି କାରଖାନାରେ ଦୈନିକ ହାରାହାରି ୩ରୁ ୪ଟି ବନ୍ଧୁକ ନିର୍ମାଣ କରାଯାଉଛି ଏବଂ ପ୍ରସ୍ତୁତ ବନ୍ଧୁକଗୁଡ଼ିକୁ ପଶ୍ଚିମବଙ୍ଗ ମାଲଦାର ମାଫିଆଙ୍କ ଜରିଆରେ ଚୋରା ବନ୍ଧୁକଗୁଡିକ ଝାଡଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ହରିୟାଣା, ପଞ୍ଜାବ ଇତ୍ୟାଦି ରାଜ୍ୟକୁ ଚାଲାଣ ହେଉଛି। କଟକରୁ ବନ୍ଧୁକ କାରଖାନା ଜବତ ଘଟଣାରେ ଦୁଇ ବିହାର ବନ୍ଧୁକ କାରିଗର ଅବିଦ୍ ହୁସେନ୍, ସାମ୍‌ସେର ଆଲାମ୍ ଓରଫ କାଲୁର ସମ୍ପୃକ୍ତି ରହିଥିଲା। ସେମାନଙ୍କୁ ମାଷ୍ଟରମାଇଣ୍ଡ ତଥା ଚାଲାଣକାରୀ ଚଗଲା ଖୁଣ୍ଟିଆ ଓଡ଼ିଶାରେ ବନ୍ଧୁକ କାରଖାନାରେ ନିଯୁକ୍ତି ଦେଇଥିଲା। ଘର ମାଲିକ ଶରତ ଯାଦବଙ୍କ ଗୁହାଳ ଘରେ ବନ୍ଧୁକ ନିର୍ମାଣ କରାଯାଉଥିଲା। କେବଳ କଟକ ନୁହେଁ, ନିକଟ ଅତୀତରେ ନୟାଗଡ଼, ପୁରୀ, ଖୋର୍ଦ୍ଧା, ବାରିପଦା, ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲା, କଳାହାଣ୍ଡି, ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବନ୍ଧୁକ କାରଖାନା ଠାବ ହୋଇଛି। ଓଡ଼ିଶା ପୁଲିସର ତଥ୍ୟ ଅନୁଯାୟୀ ୨୦୨୨ ମସିହାରେ ୯୩ଟି ବନ୍ଧୁକ ୨୧୬ ଗୁଳି ଜବତ ହୋଇଥିଲା। ୨୦୨୧ରେ ୩୪୮ ବନ୍ଧୁକ ଓ ୫୩୨ଟି ଗୁଳି, ୨୦୨୦ ୨୦ଟି ବନ୍ଧୁକ ୭ ଗୁଳି, ୨୦୧୯ ରେ



୧୧୦ ବନ୍ଧୁକ ଓ ୧୨୧ ଗୁଳି, ୨୦୧୮ ରେ ୩୫୭ ବନ୍ଧୁକ ଓ ୫୩୯ ଗୁଳି ଜବତ ହୋଇଛି। ଏହି ୫ବର୍ଷରେ ଓଡ଼ିଶାରେ ମୋଟ ୯୨୮ ଟି ଚୋରା ବନ୍ଧୁକ ଓ ୧୪୧୫ଟି ଗୁଳି ଜବତ କରାଯାଇଛି। ମାତ୍ର ଗତ ଦୁଇବର୍ଷରେ ୧ହଜାରରୁ ଅଧିକ ବନ୍ଧୁକ ଜବତ ହୋଇଛି। ସେହିପରି ବିହାରରେ ବ୍ୟବସାୟୀମାନେ ରାଇଫଲ(ମାସ୍କେଟ୍), ରିଭଲଭର, ପିସ୍ତଲ, ମାଉଜର ଏବଂ କାର୍ବାଇନ୍ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ତିଆରି କରୁଛନ୍ତି। ଏହି କାରବାରରେ ସବୁବର୍ଗର ବ୍ୟକ୍ତିବିଶେଷମାନେ ସାମିଲ ହୋଇଛନ୍ତି। ସେମାନେ ପ୍ରସ୍ତୁତ କରୁଥିବା ବନ୍ଧୁକରେ ମେଡ୍ ଇନ୍ ଇଂଲଣ୍ଡ, ମେଡ୍ ଇନ୍ ଚାଇନା, ମେଡ୍ ଇନ୍ ଆମେରିକା, ମେଡ ଇନ୍ ଜାପାନ, ମେଡ୍ ଇନ୍ ଜର୍ମାନ ଇତ୍ୟାଦି ଲେଖି ବଜାରକୁ ଛାଡୁଛନ୍ତି। କଞ୍ଚା ଭାବରେ ପରିଚିତ ସିଙ୍ଗଲ୍-ସଟ୍ ପିସ୍ତଲ ୨ ହଜାର ଟଙ୍କାରେ ବିକ୍ରି ହେଉଛି। ଶସ୍ତା ହୋଇଥିବାରୁ ଛୋଟ ଅପରାଧୀଙ୍କ ମଧ୍ୟରେ ଏହାର ଚାହିଦା ଅଧିକ। ସେହିପରି ସେମି-ଅଟୋମେଟିକ୍ ପିସ୍ତଲର ୧୫ ହଜାରରୁ ୨୦ ହଜାର ଟଙ୍କା ରେ ଓ କାର୍ବାଇନ୍ ଏକ ଲକ୍ଷ ଟଙ୍କାରେ ବିକ୍ରି ହେଉଛି। ଦେଢ଼ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କଲେ ଏକେ-୪୭ ରାଇଫଲ ବି ମିଳିଯାଉଛି।

ବିହାରର ମୁଙ୍ଗେରରେ ଏବେ ୫ରୁ୬ଟି ସ୍ୱୀକୃତିପ୍ରାପ୍ତ ବନ୍ଧୁକ କାରଖାନା କାମ କରୁଛି। ଏହି କାରଖାନାରେ କେବଳ ସିଙ୍ଗଲ୍ ଓ ଡବଲ ବ୍ୟାରେଲ୍ ବନ୍ଧୁକ ପ୍ରସ୍ତୁତ ହେଉଛି। କିନ୍ତୁ ଗଲା ୪/୫ବର୍ଷ ଭିତରେ କେବଳ ମୁଙ୍ଗେର ଜିଲ୍ଲାରେ ପ୍ରାୟ ୯୫ଟି ବେଆଇନ ବନ୍ଧୁକ କାରଖାନା ଠାବ ହୋଇସାରିଲାଣି। ଏହି କାରଖାନାରେ ରିଭଲଭରଠୁ କାର୍ବାଇନ୍ ଯାଏ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରାଯାଉଛି। ପୂର୍ବରୁ ମୁଙ୍ଗେରର ୧୩ଟି ଗାଁରେ ଚୋରା ବନ୍ଧୁକ ପ୍ରସ୍ତୁତି କାରବାର ଚାଲିଥିଲା। ବଙ୍ଗଳାର ନବାବ ମୀର କାସିମ୍ ବିହାରର ମୁଙ୍ଗେର ଜିଲ୍ଲାରେ ପ୍ରଥମ ବନ୍ଧୁକ କାରଖାନା ଖୋଲିଥିଲା। ପରେ ଏହି କାରବାରରେ ବିହାରର ଆଉ ୮ଟି ଜିଲ୍ଲା ଯୋଡ଼ି ହେଲାଣି। ମୁଙ୍ଗେର ଜିଲ୍ଲା ଦେଇ ଗଙ୍ଗା ନଦୀ ପ୍ରବାହିତ ହେଉଥିବା ବେଳେ ଗଙ୍ଗା ନଦୀ କୂଳରେ ଚୋରା ବନ୍ଧୁକ କାରଖାନା ଖୋଲିଛି। ପୁଲିସ ନଦୀ ପାର୍ ହୋଇ କାରଖାନାରେ ପହଞ୍ଚିବା ପୂର୍ବରୁ ବାଲିରେ ବନ୍ଧୁକକୁ ଲୁଚାଇ ଦିଆଯାଏ। କିନ୍ତୁ ବିହାରରେ ଚଡ଼ଉ ପରେ ଏବେ ବିହାରୀ ମାଫିଆ ଓଡ଼ିଶାରେ ନିଜ କାରଖାନା ଖୋଲିବା ଉପରେ ଅଧିକ ଯତ୍ନଶୀଳ ହୋଇଛନ୍ତି ।

# କନିଷ୍ଠ ଯନ୍ତ୍ରୀ ଭୀମସେନଙ୍କ ଘରେ ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି

## ମାଲିକାନାରେ ଅଛି ପାଣି ପ୍ୟାକେଟ କାରଖାନା ଓ ଇଟାଭାଟି

**ଭୁବନେଶ୍ୱର,୨୨।୩(ସମିସ):** ଧରା ପଡ଼ିଥିବା ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କର ବେପାରକୁ ଦେଖି ତାଜୁବ ହୋଇଛନ୍ତି ଭିଜିଲାନ୍ସ ଅଧିକାରୀ। ଭୀମସେନଙ୍କ ଭୁବନେଶ୍ୱର ଉପକଣ୍ଠରେ ବିଶାଳ ଅଟ୍ଟାଳିକା ପରିସରରେ ରହିଛି ବିଭିନ୍ନ କାରଖାନା। ଅଟ୍ଟାଳିକା ପରିସରରେ ଫର୍ଣ୍ଣିଚର ୱାର୍କସପ୍ ସହ ସୋରୁମ୍, ପାଣି ପ୍ୟାକେଟ୍ ପ୍ରସ୍ତୁତି ଫାକ୍ଟ୍ରିର ସନ୍ଧାନ ମିଳିଛି। ସେହିପରି ତାଙ୍କ ମାଲିକାନାରେ ଇଟାଭାଟି ଚାଲିଥିବା ମଧ୍ୟ ଭିଜିଲାନ୍ସ ଜାଣିବାକୁ ପାଇଛି। ଯାଜପୁର ଜିଲ୍ଲା ଜାରକାର କୁଆଖିଆ ସେକ୍ସନ୍ ଗ୍ରାମ୍ୟ ଉନ୍ନୟନ ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭୀମସେନ ଗତକାଲି ଅଫିସରୁ ତାଙ୍କ ଘର ବେଣ୍ଟପୁର ଶାସନକୁ ଫେରିବା ବେଳେ ଟାଙ୍ଗି ଟୋଲଗେଟ୍ ନିକଟରେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ତାଙ୍କ ଗାଡ଼ିରୁ ଉଦ୍ଧାର ନଗଦ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିବା ସହ ଏହାର ଉତ୍ସ ସମ୍ପର୍କରେ ଭିଜିଲାନ୍ସ ପଚରାଉଚରା କରିଥିଲା। ମାତ୍ର ସେ ଏହାର ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଭିଜିଲାନ୍ସ କୁଆଖିଆସ୍ଥିତ ତାଙ୍କ ଅଫିସ୍, ସରକାରୀ କ୍ୱାର୍ଟର ସହ ବେଣ୍ଟପୁର ଶାସନରେ ଥିବା ପୈତୃକ ଘର, କିଛି ଦୂରରେ ଥିବା ତାଙ୍କର ତଳ ବିଶିଷ୍ଟ ବଙ୍ଗଳା ଉପରେ ଚଢଉ କରାଯାଇଥିଲା।

ଚଢ଼ାଉ ସମୟରେ ଭୀମସେନଙ୍କ ଘରୁ ୯୮ ହଜାର ଟଙ୍କା ସହ ୨୦୦ ଗ୍ରାମରୁ ଅଧିକ ସୁନା ଅଳଙ୍କାର, ୩୧ ଲକ୍ଷ ୮୦ ହଜାର ଟଙ୍କାର ବ୍ୟାଙ୍କ ଜମା, ୧୦ ଲକ୍ଷ ଟଙ୍କାର ଇନସୁରାନ୍ସ ଏବଂ ୯ଟି ଗାଡି ଠାବ କରିଛି। ଭୀମସେନଙ୍କ ଫର୍ଣ୍ଣିଚର ଫ୍ୟାକ୍ଟ୍ରି ପାଇଁ ଆସିଥିବା ଶାଳ, ଶାଗୁଆନ୍ ଭଳି ମୂଲ୍ୟବାନ କାଠ କେଉଁଠୁ ଆସୁଥିଲା, ସେ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ୨୦୦୯ ମସିହାରୁ ଠିକାରେ ଚାକିରି ଜୀବନ ଆରମ୍ଭ କରିଥିବା କନିଷ୍ଠ ଯନ୍ତ୍ରୀ ଭୀମସେନଙ୍କ ଚାକିରୀ ୨୦୧୮ରେ ନିୟମିତ ହୋଇଥିଲା।

# କାଳବୈଶାଖୀ ନେଲା ଯୁବକଙ୍କ ଜୀବନ

**ଦେବଗଡ଼,୨୨।୩(ସମିସ):** କାଳବୈଶାଖୀ ବେଳେ ରିଆମାଳ ଥାନା ବାବରାକୋଟ ଗ୍ରାମରେ ଅଘଟଣ ଘଟିଛି। ଶନିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ସହିତ କୁଆ ପଥର ବୃଷ୍ଟି ହୋଇଥିଲା। ସେହି ସମୟରେ ବାବରାକୋଟ ଗ୍ରାମର ବେଲାରସନ ସ୍ୱାଇଁ (୪୪) ବାଇକରେ ଘରକୁ ଫେରୁଥିବା ବେଳେ ଉକ୍ତ ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଘରକୁ ଯାଇଥିବା ବିଦ୍ୟୁତ ସର୍ଭିସ ତାର ପବନ ପ୍ରଭାବରେ ଓହଳି ଥିବା ବେଳେ ଅନ୍ଧାର ଯୋଗୁଁ ସେ ଦେଖି ପାରିନଥିଲେ। ଫଳରେ ତାଙ୍କ ବେକରେ ବିଦ୍ୟୁତ୍ ତାର ଟାଣି ହେବା କାରଣରୁ ସେ ରାସ୍ତାକୁ ଛିଟିକି ପଡ଼ିଥିଲେ। କୁଆ ପଥର ବର୍ଷା ଯୋଗୁଁ ରାସ୍ତାରେ କେହି ନଥିବାରୁ ଦୀର୍ଘ ସମୟ ସେ ସେଠାରେ ପଡ଼ି ରହିଥିଲେ। କୁଆପଥର ବର୍ଷା ବନ୍ଦ ପରେ କେହି ଜଣେ ବ୍ୟକ୍ତି ଉକ୍ତ ରାସ୍ତାରେ ଯିବା ସମୟରେ ବେଲାରସନଙ୍କୁ ରାସ୍ତାରେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଛତାବର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ପାଇ ରିଆମାଳ ଥାନା ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଆସନ୍ତାକାଲି(ରବିବାର) ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ବସ୍ ଓଲଟି ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

**ବାଲୁଗାଁ,୨୨।୩(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ଥାନା ପାଇକୋଶଡ଼ିହ ଛକର ଅନତି ଦୂରରେ ଶନିବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ରାସ୍ତାପାଶ୍ୱର୍କୁ ଓଲଟି ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଏଥିରେ ଯାତ୍ରୀମାନଙ୍କ ଜିନିଷପତ୍ର କିଛି ମାତ୍ରାରେ ନଷ୍ଟ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଭୁବନେଶ୍ୱରରୁ ଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସିଲ୍କ୍ ସିଟି ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଶନିବାର ଅପରାହ୍ନ



ପ୍ରାୟ ୪ଟା ସମୟରେ ପାଇକୋଶଡ଼ି ଛକର ଅନତି ଦୂର ଜାତୀୟ ରାଜପଥ ପାଶ୍ୱର୍ରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ବାଲୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ତନ୍ମଧ୍ୟରୁ ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଜଣେ ଗୁରୁତର ଥିବାରୁ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ପୁଲିସ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

■ ଭିତରକାଠରେ ରକ୍ତ

# ଶ୍ରୀମନ୍ଦିରରେ ହେଲା ବଡ଼ ମହାସ୍ନାନ

**ପୁରୀ,୨୨।୩(ସମିସ):** ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ଭିତର କାଠ ନିକଟରେ ରକ୍ତ ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ଏଥିପାଇଁ ନୀତିକାନ୍ତି ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶନିବାର ଭୋର୍ ସାଢ଼େ ୫ଟା ୫୦ରେ ଦ୍ୱାର ଫିଟାଯାଇ ସକାଳ ୬ଟା ୩୦ରେ ମଙ୍ଗଳ ଆଳତି ବଢ଼ିଥିଲା। ମଇଲମ, ତଡ଼ପଲାଗି ପରେ ସାଢ଼େ ୭ଟା ୫୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଅବକାଶ ପୂଜା ସରିବା ପରେ ପାଣିଆ ଆପଟ ସେବକ କୃଷ୍ଣଚନ୍ଦ୍ର ଆପଟ ଗରାରେ ପାଣି ଆଣି ଆସିଲା ବେଳେ ପାଣି ଘର ପାଖରେ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ପଡ଼ିଯିବାରୁ ଗରାର ବନ୍ଧ ତାଙ୍କ ହାତରେ ପଶି ଯାଇଥିଲା। ହାତ କଟି ରକ୍ତ ପଡ଼ିଥିଲା। ସେହିଠାରୁ ନୀତି ଅଟକା ଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା।

# ୧୧ କେଭି ବିଦ୍ୟୁତ୍ ଆଘାତରେ ଯୁବକ ମୃତ



**ବାଲିଶଙ୍କରା, ୨୨।୩ (ସମିସ):** ତଲସରା ଥାନା ଅଧୀନ ବାଲିଶଙ୍କରା ଭାଟିପଡ଼ା ନିକଟରେ ଶନିବାର ସକାଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ, ସାଙ୍ଗେମ ଏକ୍କା (୩୦)। ସୂଚନା ଅନୁସାରେ, କାଳବୈଶାଖୀ ବର୍ଷା ଯୋଗୁଁ ଛାତ ଉପରେ ଜମିଥିବା ପାଣି ସଫା କରିବା ପାଇଁ ଛତା ଧରି ଯାଇଥିବା ବେଳେ ଛାତ ଉପରଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାରଲୋକେ ତାଙ୍କୁ ତୁରନ୍ତ ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଲସରା ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ, ପରିବାର ଓ ଭାଟିପଡ଼ାବାସୀ କ୍ଷତିପୂରଣ ଓ ଘର ଉପରେ ଥିବା ୧୧ କେଭି ବିଦ୍ୟୁତ୍ ତାରକୁ ହଟାଇବା ପାଇଁ ରାସ୍ତାରୋକ କରିଥିଲେ। ତଲସରା ଥାନାଧିକାରୀ ପୁଷ୍ପେନ୍ଦୁ ସାଗର ଏବଂ ପୁଲିସ କର୍ମଚାରୀ, ବାଲିଶଙ୍କରା ତହସିଲଦାର ଗୌରହରି ମହନ୍ତ ପ୍ରମୁଖ ପହଞ୍ଚି ଥିଲେ। ସୁନ୍ଦରଗଡ଼ ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଆମ୍ରନ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଦାବି ପୂରଣର ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକ ହଟିଥିଲା।

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

# ବନ୍ଧୁକ ମୁନରେ ମିଲ ମାଲିକଙ୍କୁ ଅପହରଣ

**ଜୟପୁର, ୨୨।୩ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ଜଣେ ଧାନ ମିଲ୍ ମାଲିକଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯିବା ଓ ୯ ଘଣ୍ଟା ପରେ ସେ ଅପହରଣକାରୀଙ୍କ କବଳରୁ କୌଶଳକ୍ରମେ ଖସି ଆସିବା



■ ୯ ଘଣ୍ଟା ପରେ ଖସି ଆସିଲେ

■ ବ୍ୟବସାୟୀମହଲ ଛାନିଆ

ଘଟଣା ଆଜି ଜୟପୁର ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ବ୍ୟବସାୟୀମହଲ ଛାନିଆ ହୋଇପଡ଼ିଛନ୍ତି। ଅପହରଣ ଶିକାର ବ୍ୟକ୍ତିଜଣଙ୍କ ହେଲେ, ଏ. କ୍ରିଷ୍ଣା ରାଓ ଓରଫ ରାଜୁ (୬୦)। ତେବେ କିଏ ଓ କାହିଁକି ରାଜୁଙ୍କୁ ଅପହରଣ କରିଥିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ପୁଲିସ୍ ରାଜୁଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ ଆରମ୍ଭ କରିଛି। କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ଏହାର ତଦନ୍ତ ଚାଲିଛି। ତେବେ ପୁଲିସ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ। ରାଜୁ ଆଜି ଗଣମାଧ୍ୟମ



ସମ୍ମୁଖରେ ଦେଇଥିବା ବୟାନ ଅନୁଯାୟୀ, ଗତରାତିରେ ସେ ଜୟପୁର ସହର ନିକଟସ୍ଥ ଗେଟଗୁଡ଼ା ଧାନ ମିଲରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଜଣେ ବ୍ୟକ୍ତି ଫୋନ୍ କରି ଋଣ ଟଙ୍କା ଫେରସ୍ତ କରିବାକୁ ରାସ୍ତା ନିକଟକୁ ଡାକିଥିଲେ। ସେଠାରେ ପହଞ୍ଚିବା ପରେ ଏକ ଧଳା ରଙ୍ଗର କାର୍‌ରେ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ଦୁର୍ବୃତ୍ତ କାର୍‌ରୁ ଓହ୍ଲାଇ ତାଙ୍କୁ ମାଉଜର୍ ଦେଖାଇ ତାଙ୍କୁ କାର୍‌ରେ ଅପହରଣ କରିନେଇଥିଲେ। ସେମାନେ ତାଙ୍କୁ ବିଭିନ୍ନ ସ୍ଥାନ ବୁଲାଇବା ପରେ ଏକ ପାହାଡ଼ ଉପରେ ରଖିଥିଲେ। ସେଠାରେ ସେମାନେ ତାଙ୍କ ସୁନାଚେନ୍, ୪ଟି ସୁନାମୁଦି, ୩ ହଜାର ଟଙ୍କା, ଫୋନ ନେଇଯାଇଥିଲେ। ତେବେ ଭୋର୍‌ରୁ ଶୌଚ ହେବା ବାହାନାରେ ରାଜୁ ଖସି ଆସିଥିଲେ। ପରେ ନିକଟସ୍ଥ ବି. ସିଙ୍ଗପୁର ଥାନା କିରାମଗୁଡା ଗ୍ରାମକୁ ଆସିବା ପରେ ଜଣେ ଗ୍ରାମବାସୀ ବିଶ୍ୱନାଥ ବିଶୋୟୀଙ୍କ ସହାୟତାରେ ଏକ ଅଟୋ ଯୋଗେ ରାମପାତ୍ରପୁଟ, ନାରୀଗାଁ ଦେଇ ବୋରିଗୁମ୍ମାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ପୁଅ ଏ. ପୱନ କୁମାର କାର ଯୋଗେ ପହଞ୍ଚି ବୋରିଗୁମ୍ମା ଥାନାକୁ ଯାଇଥିଲେ।

ଖବର ପାଇ କୋରାପୁଟ ଏସ୍‌ପି ଶ୍ରୀ ବର୍ମାଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ପହଞ୍ଚି ଶ୍ରୀ ରାଓଙ୍କୁ ପଚରାଉଚରା କରିଛନ୍ତି। ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ତଦନ୍ତ କରିବା ପରେ ଶେଷରେ ଜୟପୁର ସଦର ଥାନାକୁ ଆଣି ତଦନ୍ତ ଚଳାଇଛନ୍ତି। କିନ୍ତୁ ଏନେଇ ଏସ୍‌ପି କୌଣସି ସୂଚନା ଗଣମାଧ୍ୟକୁ ଦେବାକୁ ମନା କରିଛନ୍ତି। ଏନେଇ ବ୍ୟବସାୟୀମାନେ ଭୟଭୀତ ହୋଇପଡ଼ିଥିବା ବେଳେ ଦୁର୍ବୃତ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୧୨ରାତିରେ ବୋରିଗୁମ୍ମା ଥାନା ପେରାହାଣ୍ଡି ଅଞ୍ଚଳରୁ ଧାନ ମିଲ ମାଲିକ ଏ. ରମେଶ ପାତ୍ରଙ୍କୁ ଅପହରଣ କରି ଅପରାଧୀମାନେ ମୁଣ୍ଡ ଜାମିନ ରଖିଥିଲେ। ଏହି ମାମଲାରେ ଜୟପୁର ଖ୍ରୀଷ୍ଟିଆନ୍ ସାହି ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ଅଭିଜିତ ମହୁରିଆ ସହ ତାଙ୍କ ମା ଓ ଭଉଣୀକୁ ଗିରଫ କରାଯାଇଥିଲା। ସେହିପରି ଗତ ୨ ତାରିଖରେ ସୌରାଗୁଡା ଅଞ୍ଚଳରୁ ଜଣେ ଯୁବକଙ୍କୁ ଅପହରଣ କରାଯାଇ ୨୦ଲକ୍ଷ ଟଙ୍କା ଦାବି କରାଯାଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଅପହୃତାଙ୍କ ସମ୍ପର୍କୀୟଙ୍କ ସମେତ ଅନ୍ୟାନ୍ୟ ଯୁବକଙ୍କୁ ଗିରଫ କରାଯାଇଥିଲା। ଏବେ ଏହି ଘଟଣାରେ କାହାର ହାତ ରହିଛି ଓ ଅପରାଧୀମାନଙ୍କ କବଳରୁ ଖସି ଆସିଲେ ନାଁ ଟଙ୍କା ଦେଇ ଅଣାଯାଇଛି ତଦନ୍ତ ସାପେକ୍ଷ।

■ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଙ୍ଗ

# ମୂଳ ଅନୁକମ୍ପା ନିଯୁକ୍ତି ଆଇନ ଆଧାରରେ ବିଚାର କର: ହାଇକୋର୍ଟ

**କଟକ,୨୨।୩(ସମିସ):** ଅନୁକମ୍ପା ନିଯୁକ୍ତି ସଂକ୍ରାନ୍ତରେ ରୁଜୁ ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୨୦୨୦ ମସିହାରେ ନୂଆ ଆଇନ ପ୍ରଣିତ ହେବା ପୂର୍ବରୁ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତୀୟ ଆବେଦନକାରୀଙ୍କ ଦରଖାସ୍ତକୁ ୧୯୯୦ର ମୂଳ ଆଇନ ଆଧାରରେ ଫଇସଲା କରିବା ଲାଗି ଏହି ରାୟରେ କୁହାଯାଇଛି। ୨୦୨୧ ମସିହାରେ କର୍ତ୍ତୃପକ୍ଷଙ୍କ ପ୍ରତ୍ୟାଖାନ ଆଦେଶକୁ ନାକଚ କରିଦେବା ସହ ୧୯୯୦ ମସିହାର ମୂଳ ଅନୁକମ୍ପାମୂଳକ ଆଇନ ଓ ତାହାର ୨୦୧୬ ମସିହାର ସଂଶୋଧନ ଆଧାରରେ ଆବେଦନକାରୀଙ୍କ କଥା ବିଚାର କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅମୀୟ କୁମାର ଜେନାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ମଳୟାନନ୍ଦ ସେଠୀ, ବିନ୍ଦୁ ସାଗର ସାମନ୍ତରାୟ, ବିଶ୍ୱଜିତ ସ୍ୱାଇଁ, ଅନୀଲ ପାଢ଼ୀ ଆଦି ମାମଲାକୁ ନଜିର ଭାବେ ଦର୍ଶାଇଛନ୍ତି ଅଦାଲତ। ପ୍ରକାଶ ଯେ ଓଡ଼ିଶା ଖଣି ନିଗମ ଅଧୀନରେ ଅଲେଖ ଚନ୍ଦ୍ର ଜେନା ଜଣେ ନିୟମିତ କର୍ମଚାରୀ ଭାବେ କାମ କରୁଥିବା ବେଳେ ୨୦୧୭ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା। ପୁଅ ଅମୀୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରମାଣପତ୍ର ସହିତ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ। ଅମୀୟଙ୍କ ଅନୁକମ୍ପାମୂଳକ ନିଯୁକ୍ତି ଆବେଦନକୁ କର୍ତ୍ତୃପକ୍ଷ ୨୦୨୧ ମସିହାରେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏ ସଂକ୍ରାନ୍ତରେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅମୀୟ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଦେବେନ୍ଦ୍ର ଶର୍ମାଙ୍କୁ କେନ୍ଦ୍ରାପଡ଼ାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୨୨ା୩(ସମିସ):

କେନ୍ଦ୍ରାପଡ଼ାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ କଂଗ୍ରେସ, ବିଜେଡି, ବିଜେପି, ଅନ୍ୟାନ୍ୟ ଦଳ ଓ ସଂଗଠନ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶନିବାର ଅପରାହ୍ନରେ କେନ୍ଦ୍ରାପଡାସ୍ଥିତ ଜିଲା କଂଗ୍ରେସ ଭବନରେ ତାଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ବିଭିନ୍ନ ଦଳ ଓ ସଂଗଠନର ନେତୃବୃନ୍ଦ ମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ସଞ୍ଜୟ ରାଉତ, ସିପିଆଇଏମ ସମ୍ପାଦକ ଗୟାଧର ଧଳ, ସିପିଆଇ. ସାଧାରଣ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଶିକ୍ଷାବିତ ଅଜୟ ସାମଲ, ଜିଲ୍ଲା କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ନିରଞ୍ଜନ ରାଉତ, ସନ୍ତୋଷ ବେହେରା, ହରିଶ ପଟ୍ଟନାୟକ, ସିପିଆଇ ନେତା ଆଦିକନ୍ଦ ରାଉଳ, ଜଗତଜୀବନ ଦାଶ, ଯୁବ କଂଗ୍ରେସର ଉମେଶ ପାଢୀ, ଶୁଭାଶିଷ ସେନାପତି, ବସନ୍ତ କୁମାର ସେଠୀ, ଆଇ. ଏନଟିୟୁସିର ଯୁବ ସଭାପତି ରଶ୍ମି ରଞ୍ଜନ ଚୌଧୁରୀ, ଶେଖ୍ ଆନସ, ସେଖ କାଲା, ଆଶିଷ କୁମାର ଲେଙ୍କା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ଗରାପୁରସ୍ଥିତ କୋଠିଛକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ବାସଭବନ ନିକଟରେ ବିଧାୟକ ଶ୍ରୀ ବେହେରାଙ୍କ ସମେତ ରଞ୍ଜିତ କୁମାର ସାହୁ, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ୍, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ରାଜେଶ ପଣ୍ଡା, କାଳୀପ୍ରସାଦ ମିଶ୍ର, ଧିରେନ୍ ସାହୁ, ଉମେଶ ନାୟକ, ରମେଶ ଦାସ, ରାଜେଶ ମହାନ୍ତି, ଯଯାତି କେଶରୀ ମହନ୍ତି, ମୁକ୍ତାର ଖାଁ, ହିବଜୁର ରହେମାନ, ପ୍ରଦୀପ ନାୟକ,ଆଇନଜୀବୀ ନଇମ୍, ସୌମେନ୍ଦ୍ର ପୃଷ୍ଟି, କମଳାକାନ୍ତ ବେହେରା, ମୀର ମୁସିଦ୍, ରତିକାନ୍ତ ସାମଲ, ସମ୍ବିତ୍ ଶ୍ରୀଚନ୍ଦନ ପ୍ରମୁଖ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ତାଙ୍କ ମରଶରୀର ଆଳିରେ ପହଞ୍ଚବା ପରେ ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତାଙ୍କ ପାର୍ଥିବ ଶରୀରକୁ ସମ୍ମାନ ଜଣାଇ କେନ୍ଦ୍ରାପଡ଼ାରୁ ଆଳି ପର୍ଯ୍ୟନ୍ତ ଭାବ ବିହୋଳ ହୋଇଯାଇଥିଲେ ଶୁଭେଚ୍ଛୁ।

**ଡେରାବିଶ:** ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବ ଶର୍ମାଙ୍କ ଗତକାଲି ଭୁବନେଶ୍ୱରର ଏକ ଘରୋଇ ହସପିଟାଲ୍‌ରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଥିଲା। ଆଜି ସକାଳେ ତାଙ୍କ ମରଶରୀର ଆଳି ଅଭିମୁଖେ ଯାଉଥିବା ବେଳେ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ଚାନ୍ଦୋଳଠାରେ ଶହଶହ କଂଗ୍ରେସ କର୍ମୀ ତଥା ଦେବେନ୍ଦ୍ରଙ୍କ ଶୁଭେଚ୍ଛୁମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ନିମାଇଁ ଚରଣ ଯେନା, ଚିତ୍ତରଞ୍ଜନ ରାଉତ, ବଳରାମ ସାହାଣୀ, ଗୋଲଖ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଶହଶହ



କଂଗ୍ରେସ କର୍ମୀ ଶବଧାରରେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଶେଷ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଗୋବିନ୍ଦପୁର:** ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ , ଟାଣୁଆ କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମାଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ପାଇଁ ନିର୍ବାଚନ ମଣ୍ଡଳୀରୁ ବହୁ ବ୍ୟକ୍ତି ଶେଷ ଦର୍ଶନ କରିବାକୁ ଭୁବନେଶ୍ୱର ଯାଇଥିଲେ। ସେଠାରୁ ଶୋଭାଯାତ୍ରାରେ ଆଳିକୁ ଆସିଥିଲେ। ଅନ୍ତିମ ଦର୍ଶନ କରିବାକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ୱର୍ଗତ ଶର୍ମାଙ୍କ ବିୟୋଗରେ ପଣ୍ଡିତ ମହେଶ୍ୱର ନନ୍ଦ, ପ୍ରାକ୍ତନ ସରପଞ୍ଚ ରଶ୍ମିତା ଜେନା,ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଧନରଞ୍ଜନ ବୋଷ, ପ୍ରାକ୍ତନ ସରପଞ୍ଚ ସୁରେଶ ଚନ୍ଦ୍ର ଜେନା, ଜୁଆଣିଆ ସରପଞ୍ଚ ସୁବ୍ରତ କୁମାର ନାୟକ, ଏରଡଙ୍ଗ ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ଦେସାହି ସମିତିସଭ୍ୟ କୈଳାସ ବେହୁରିଆ, କେତୁଆପାଳ ପୂର୍ବତନ ସମିତି ସଭ୍ୟ ସରୋଜ ଜେନା, ପାଳିମି ସରପଞ୍ଚ ରଞ୍ଜିତ କୁମାର ସାମଲ, ସଙ୍ଗଠକ ଜ୍ୟୋତିରଂଜନ ସାମଲ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ପଞ୍ଚମ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଆରମ୍ଭ



କେନ୍ଦ୍ରାପଡ଼ା,୨୨ା୩(ସମିସ): ପଞ୍ଚମ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ-୨୦୨୫ ଶନିବାର ଠାରୁ ଜିଲ୍ଲା ସଂସ୍କୃତି ଭବନରେ ଆରମ୍ଭ ହେଇଛି। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ସହଯୋଗରେ ଆୟୋଜିତ ଏହି ଉତ୍ସବ ଦୁଇ ଦିନ ଧରି ଚାଲିବ। ଉଦଘାଟନୀ ଉତ୍ସବରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ଡ. ରାମଚନ୍ଦ୍ର ବେହେରା, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଡ. ଜୟନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କେମର ସଭାପତି ଅକ୍ଷୟ ପାଣି ସଭାକୁ ସଂଯୋଜନା କରିଥିଲେ। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟି ପ୍ରଶାନ୍ତ ସାମନ୍ତରାୟ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ଉତ୍ସବ ପରେ "ଶ୍ରୀରାଧାର କବି' ଶୀର୍ଷକ ବିଷୟବସ୍ତୁ ଉପରେ ହୋଇଥିବା ଆଲୋଚନାରେ କବି ଅପର୍ଣ୍ଣା ମହାନ୍ତି ଓ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ ଯୋଗ ଦେଇଥିଲେ। ଅପରାହ୍ନରେ "ଦାମ୍ପତ୍ୟର ଗଣିତ ଓ ସୃଜନର ଗୁଣୁଗୁଣୁ', "କବିର ଆଖିରେ କବିତାର ମୁହଁ' ଶୀର୍ଷକକୁ ନେଇ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବିତା ଆସର ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବ ପୂର୍ବରୁ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ କୁଇଜ୍ ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧ୍ୟାପକ ଡ. ରାଜେଶ ସେଠୀ, ସୁକାନ୍ତ କୁମାର ପ୍ରଧାନ, ଡ. ଆଶୁତୋଷ ରାଉତ, ଡ. ଗିରିଜାକାନ୍ତ ଦାସ, ଡ. ଅଜିତ କୁମାର ଦାସ ଓ ପ୍ରତିଭାମୟୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଇଭେଣ୍ଟ୍ ମ୍ୟାନେଜର୍ସର ଉପଦେଷ୍ଟା ତଥା ଜଣାଶୁଣା କଥାକାର ଡ. ବିରଜା ରାଉତରାୟ ଓ କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନ୍ ଟ୍ରଷ୍ଟି ବିଶ୍ୱରଞ୍ଜନ ଦାଶ, କେମ୍‌ର ସମ୍ପାଦକ ମହମ୍ମଦ ଜାହିଦ ଖାନ, ସଦସ୍ୟ ପ୍ରତାପ ସ୍ୱାଇଁ ଉତ୍ସବକୁ ପରିଚାଳନା କରିଥିଲେ।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



କେନ୍ଦ୍ରାପଡ଼ା,୨୨ା୩(ସମିସ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡ. ସଞ୍ଜୀବ କୁମାର ମହାନ୍ତି ଶନିବାର ଯୋଗଦେଇଛନ୍ତି। ଏଠାରେ ଅତିରିକ୍ତ ଦାୟିତ୍ୱରେ ଥିବା ଇନ୍ଦୁପୁର ବିରୂପା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଭିଜତ ବୋଷ ଡ. ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପଦବୀରେ ବିରୂପା ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱରେ ଥିଲେ। ଜଗତସିଂହପୁର ଜିଲ୍ଲାର ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ପ୍ରାଧ୍ୟାପକ ଡ. ମହାନ୍ତି କାର୍ଯ୍ୟରତ ଥିଲେ। ନୂତନ ଅଧ୍ୟକ୍ଷ ଡ. ମହାନ୍ତିଙ୍କୁ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ମହାନ୍ତି କହିଛନ୍ତି ଯେ ସେ ଶିକ୍ଷାଦାନକୁ ପ୍ରାଥମିକତା ଦେବେ ଓ ଛାତ୍ରଛାତ୍ରୀମାନଙ୍କୁ ଦୈନିକ ଶ୍ରେଣୀରେ ପାଠ ପଢାଇବାରେ କୌଣସି ଅବହେଳାକୁ ସେ ବରଦାସ୍ତ କରିବେନାହିଁ। ଏଥିସହିତ ମହାବିଦ୍ୟାଳୟ ପରିସରରେ ଶାନ୍ତ ପରିବେଶ, ଶୈକ୍ଷିକ ବାତାବରଣ ସୃଷ୍ଟି ସହ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ବିଶେଷ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ସ୍ଥାୟୀ ଅଧ୍ୟକ୍ଷଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବାରୁ ସାଂସଦ ବୈଜୟନ୍ତ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡାଙ୍କୁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଅଧ୍ୟାପକ ପ୍ରଦୀପ୍ତ କୁମାର ଶତପଥୀ, ଅଧ୍ୟାପକ ପ୍ରମୋଦ କୁମାର ଦାସ, ପ୍ରତାପ ମହାନ୍ତି, ନିରଞ୍ଜନ ପରିଡା, ଭାଗିରଥୀ ଜେନା ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

### ଡା. ସୁଚାରୁହାସିନୀ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

## 'ଜନସେବା ପାଇଁ ଅବିସ୍ମରଣୀୟ ହୋଇରହିବେ'

ପଟ୍ଟାମୁଣ୍ଡାଇ,୨୨ା୩(ସମିସ): ଦିବଙ୍ଗତା ଡା ସୁଚାରୁହାସିନୀ ପାତ୍ର ଜନ ସେବା ପାଇଁ ଚିରକାଳ ଅବିସ୍ମରଣୀୟ ହୋଇ ରହିବେ ବୋଲି ଓଡିଶାର ବିଶିଷ୍ଟ ସମାଜସେବିକା, ମହିୟସୀ ମହିଳା ଦିବଙ୍ଗତା ଡା ସୁଚାରୁହାସିନୀ ପାତ୍ରଙ୍କ ଏକାଦଶାହ ଅବସରରେ ପଟ୍ଟାମୁଣ୍ଡାଇ ଡିଭାଇନ ପ୍ୟାଲେସ ଠାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତ ବ୍ୟକ୍ତ କରିଛନ୍ତି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ଅବସରରେ କହିଛନ୍ତି ଯେ, ଅଞ୍ଚଳର ବିକାଶ ପାଇଁ ଜୀବନ ବ୍ୟାପି ସଂଗ୍ରାମ, ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ଓ ସ୍ନେହଶୀଳା ମହିଳା ଭାବେ ସବୁବର୍ଗର ଲୋକମାନଙ୍କର ସ୍ୱର୍ଗତା ଡା ସୁଚାରୁହାସିନୀ ପାତ୍ର ସମସ୍ତଙ୍କର ପ୍ରିୟପାତ୍ର ଥିଲେ । ସମାଜବାଦୀ ଚିନ୍ତାଧାରା ଯୋଗୁଁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିଲେ ମଧ୍ୟ କ୍ଷମତା ରାଜନୀତିରୁ ଉର୍ଦ୍ଧ୍ୱରେ ରହି କରିଥିବା ଜନସେବା ପାଇଁ ସେ ଚିରକାଳ ଅବିସ୍ମରଣୀୟ ହୋଇ ରହିବେ। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଜେବି କଲେଜ ପ୍ରଫେସର ନିତ୍ୟାନନ୍ଦ ସାହୁ, ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ଡ଼ ଅଲେଖ ଜେନା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ବରିଷ୍ଠ ନେତା ଡା ବାସୁଦେବ ପାତ୍ର,ବିଜେପି ନେତା ଲଳିତ ବେହେରା, ବରିଷ୍ଠ ବିଜେପି ଯୁବନେତା ମିଟୁ ମନୋଜ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ,ରାଜ୍ୟ ବିଜେପି ଯୁବମୋର୍ଚ୍ଚା ପ୍ରାକ୍ତନ ଉପସଭାପତି ରଶ୍ମି ରଞ୍ଜନ ପ୍ରଧାନ,ପ୍ରାକ୍ତନ ପ୍ରଶାସକ ଡ଼ କେଳୁ ଚରଣ ସ୍ୱାଇଁ,ରିଜର୍ଭ ବ୍ୟାଙ୍କ ପରିଚାଳକ ଶାରଦା ପ୍ରସାଦ ମହାନ୍ତି, ସାଂସଦ ପ୍ରତିନିଧି ସଞ୍ଜୟ ରଥ, ରାଜ୍ୟ ବିଜେଡି ପ୍ରାକ୍ତନ ସାଧାରଣ ସମ୍ପାଦକ ରବି ସାମଲ, ପ୍ରାକ୍ତନ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା,ସମାଜ ସେବୀ ଆରତ ରଞ୍ଜନ ବିଶ୍ୱାଳ, ଅଧ୍ୟାପକ ରାମ ଚନ୍ଦ୍ର ପାତ୍ର,ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ଦାସ, ପୂର୍ବତନ ସମିତି ସଭ୍ୟ ଲଳିତ ଧଳ,ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା,ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ ଅବିନାଶ ରାଉଳ,ସଂଗୀତ ନିର୍ଦ୍ଦେଶକ ଶରତ ନାୟକ, ଚିତ୍ରକର ରମେଶ ଦେ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ସମବାୟବିତ ଚିତ୍ତରଞ୍ଜନ ମଲ୍ଲିକ, ଅଧ୍ୟାପିକା ଭଗବତୀ ରାଉତ, ସଂଖ୍ୟା ଲଘୁ ସଂଗଠକ ସେକ ଅବଦୁଲ ବାରୀ,ଅଭିଳାଷ ରାଉଳ, ସମାଜସେବୀ ସଞ୍ଜୟ ସ୍ୱାଇଁ, ପ୍ରକାଶ ଦାସ, ପ୍ରମୋଦ ସାହୁ, ବିମଳା ପାତ୍ର,ଶିକ୍ଷକ ନେତା ରବୀନ୍ଦ୍ର ରାଉଳ, ସଞ୍ଜୟ ବର୍ମା ପ୍ରମୁଖ ଭାଷଣ ଦେଇ ଦିବଙ୍ଗତା ସମାଜସେବିକା ମହୀୟସୀ ଡା ସୁଚାରୁହାସିନୀ ପାତ୍ରଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ କରି ପଟ୍ଟାମୁଣ୍ଡାଇ ଅଞ୍ଚଳର ବିକାଶ ପାଇଁ ଜୀବନ ବ୍ୟାପି ସଂଗ୍ରାମ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡା ଗୌତମ ପାତ୍ର ଧନ୍ୟବାଦ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ପ୍ରଫେସର ତନୁଜା ମହାନ୍ତି, ଗୌରବ ପାତ୍ର, ମିନାକ୍ଷୀ ମହାନ୍ତି,ସିଦ୍ଧାନ୍ତ ପାତ୍ର, ଲାବନ୍ୟା ପାତ୍ର, ପ୍ରମୁଖ ପରିଚାଳନା କରିଥିଲେ । ଧ୍ରୁବ -ଅନ୍ନପୂର୍ଣ୍ଣା କଳା ପରିଷଦ ପକ୍ଷରୁ ନଳିନୀକାନ୍ତ ସ୍ୱାଇଁଙ୍କ ନେତୃତ୍ୱ ରେ କଳାକାରମାନେ ଭଜନ ପରିବେଷଣ କରିଥିଲେ ।

## ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଗ୍ଲୋରୀ ଫେଷ୍ଟ



ପଟ୍ଟାମୁଣ୍ଡାଇ,୨୨ା୩(ସମିସ): ପଟ୍ଟାମୁଣ୍ଡାଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ବାର୍ଷିକ ଉତ୍ସବ ଗ୍ଲୋରୀ ଫେଷ୍ଟ -୨୫ ଅନୁଷ୍ଠିତ ହୋଇଯାଇଛି।ଏହି ଉପଲକ୍ଷେ ଅଧ୍ୟକ୍ଷ ଡ଼ ଅଭୟ କୁମାର ସାହୁଙ୍କ ପୌରହିତ୍ୟ ଓ ଇତିଶ୍ରୀ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପି ଡି ଜି ଅଶୋକ ବିହାରୀ ମହାପାତ୍ର ମୁଖ୍ୟଅତିଥି, ଡ଼ ସୁରେଶ ଚନ୍ଦ୍ର ଖଟୋଇ ମୁଖ୍ୟବକ୍ତା, ସ୍କୁଲ ନିର୍ଦ୍ଦେଶକ ଇଂ ଦେବବ୍ରତ ସ୍ୱାଇଁ ସମ୍ମାନିତଅତିଥି ଭାବେ ଯୋଗ ଦେଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ସଫଳ ହେବା ସହିତ ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୌରବ ବୃଦ୍ଧି କରିଛି ବୋଲି ପ୍ରକାଶ କରିଥିଲେ । ପ୍ରଭାସିନୀ ମହାରଣା ସ୍ୱାଗତଭାଷଣ ଓ ଆକାଂକ୍ଷା ବେହେରା ଅତିଥିପରିଚୟ ପ୍ରଦାନ କରିଥିଲେ। ସ୍କୁଲ ଉପାଧ୍ୟକ୍ଷ ମନୋଜିତ ନାୟକ ଧନ୍ୟବାଦ ଦେଇଥିଲେ ।ଏହି ଉତ୍ସବରେ ସ୍କୁଲ ଚେୟାରମ୍ୟାନ ରାଜଲକ୍ଷ୍ମୀ ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଡା ଗୋଲକ ବିହାରୀ ସ୍ୱାଇଁ, ପ୍ରାକ୍ତନ ପ୍ରଶାସକ ବ୍ରଜବନ୍ଧୁ ଧଳ, ଉପଦେଷ୍ଟା ରମେଶ ଚନ୍ଦ୍ର ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ୭ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ମାନସ ରଞ୍ଜନ ଧଳ ଓ ସମର୍ପିତା ମାହୁନ୍ତଙ୍କୁ ସାଇକଲ ପ୍ରଦାନ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ଶେଷରେ ସ୍କୁଲ କୁନି କୁନି ଛାତ୍ରଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମ ଯଶୋଦାରାଣୀ ଲେଙ୍କା, ମଧୁସ୍ମିତା ଲେଙ୍କା,ଭାଗ୍ୟଶ୍ରୀ ବିହାନି,ମଧୁସ୍ମିତା ପଣ୍ଡା ପରିଚାଳନା କରିଥିବା ବେଳେ ମନୋଜ ନାୟକ, ଭାବଗ୍ରାହୀ ଖଣ୍ଡାୟୀ, ମନୋରଞ୍ଜନ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

# ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା

କେନ୍ଦ୍ରାପଡ଼ା,୨୨ା୩(ସମିସ):

ଚଉଡକୁଲାଟ ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା ସମ୍ପନ୍ନ ହୋଇଛି। ୧୫ ତାରିଖରେ ଆରମ୍ଭ ହୋଇଥିବା ସମିତିସ୍ତରୀୟ ଏହି ଆଧ୍ୟାତ୍ମିକ ଦିବ୍ୟ କାର୍ଯ୍ୟକ୍ରମରେ ଚଉଦକୁଲାଟ ସତ୍ୟସାଇ ସେବା ସମିତି କୋରୋ ସତ୍ୟସାଇ ସେବା ସମିତିଠାରୁ ପଳସିଂହା ପଞ୍ଚାୟତର ମିର୍ଜାପୁର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବାବାଙ୍କ ଦିବ୍ୟ ପାଦୁକା ରଥକୁ ସ୍ୱାଗତ ଜଣାଇ ଆଧ୍ୟାତ୍ମିକ ପରିବେଶରେ ମିର୍ଜାପୁର, କୋଳତିରା, ସାତପଡ଼ା, ତେଲିପାଟଣା, ମହନ୍ତପାଟଣା, ଗୋବିନ୍ଦପାଟଣା, ପଳସିଂହା, ଆମ୍ବପଡା, ସାନମାଣତିଆ, ଜରିଆବାଡ, ବସୁପୁର, ବଡ଼ମାଣତିଆ, କୁମାରପାଟଣାର ହଜାର ହଜାର ସାଇ ଭକ୍ତ ଦିବ୍ୟ ପାଦୁକା ଦର୍ଶନ ଲାଭ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜିକା ସୁଷମା ମଲ୍ଲିକଙ୍କ ଦ୍ୱାରା ସତସଙ୍ଗ କରାଯାଇଥିଲା। ପାଦୁକା ଯାତ୍ରା




ଦ୍ୱିତୀୟ ଦିବସରେ ଓଁକାରମ, ସୁପ୍ରଭାତମ, ନଗର କୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା ପରେ ଦିବ୍ୟ ପାଦୁକା ରଥ ଗାଙ୍ଗପଡା ରାଉତ ସାହି, ଗାଙ୍ଗପଡା, ସୋବଳା, ଗୋଗୁଆ ଦୋବନ୍ଧା, ବାଲିପଡ଼ିଆ, ନୂଆପାଟଣା, ହାଟପାଟଣା, ତେରଗୋଛିଆ, କେଶପୁରରେ ଦିବ୍ୟ ପାଦୁକା ରଥ ଭ୍ରମଣ ପରେ ଜୟଦେବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଭଜନ ଓ ସତସଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ତୃତୀୟ ଦିବସର ଦୈବ ନୀତି ପରେ ଦିବ୍ୟ ପାଦୁକା ରଥକୁ ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ନନ୍ଦଲାଲପାଟଣା, ଅଳପୁଆ, ଗୋପାଳପୁର, ରାମନାୟକଡିଆ, ଶାସନ, ତରଡିପାଳ, ବିଶ୍ୱାଳ ସାହି, ପେଣ୍ଟପାଳ, ଦାଣ୍ଡିସାହି, ନାହିଆଡ଼ିଆରେ ଆଧ୍ୟାତ୍ମିକ ପରିବେଶରେ ଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। ପରଦିନ ଦୈବ ନୀତି ପରେ ଦିବ୍ୟ ରଥକୁ ଶାନ୍ତିପଡ଼ା, ନୂଆଡ଼ିଆ, ଜଗନ୍ନାଥପୁର, ଅଣ୍ଡରା, ତରେଇପାଟଣା, ଚନ୍ଦନପୁର, ନୀଳକଣ୍ଠପୁର, ଜେନା ସାହି, ବେହେରା ସାହିରେ ଭ୍ରମଣ କରାଯାଇ ପାଦୁକା ଦର୍ଶନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ପଞ୍ଚମ ଦିବସରେ ମୂଷାଡ଼ିଆ, ବଳସାହି, ଦେବଳା ନୀଳିକଣ୍ଠ, ଜେନାସାହି, ନୂଆସାହି, ମହାଦେବସାହି, ମିଶ୍ରସାହି, ତଳସାହି, ଦକ୍ଷିଣ, ତମାଳ ରଥଦାଣ୍ଡ ବନ୍ଧସାହି, ନାଥସାହିରେ ଭ୍ରମଣ କରାଯାଇ ଦର୍ଶନ ଦିଆଯାଇଥିଲା। ପାଞ୍ଚ ଦିନର ଦିବ୍ୟ କାର୍ଯ୍ୟକ୍ରମରେ ପଚାଶରୁ ଉର୍ଦ୍ଧ୍ୱ ଗ୍ରାମ ଓ ସାତଟି ବିଦ୍ୟାଳୟର ଅସଂଖ୍ୟ ସାଇ ଶ୍ରଦ୍ଧାଳୁ ଭଗବାନଙ୍କ ଦର୍ଶନ ପାଇପାରିଛନ୍ତି। ବଡ଼ମାଣତିଆ ଜଗନ୍ନାଥ ମନ୍ଦିରରେ ଦିବ୍ୟ ରଥକୁ ଆଧ୍ୟାତ୍ମିକ ପରିବେଶରେ ଇନ୍ଦୁପୁର ସତ୍ୟସାଇ ସେବା ସମିତିକୁ ହସ୍ତାନ୍ତର କରାଯାଇଛି। ଏହି ଦିବ୍ୟ କାର୍ଯ୍ୟକ୍ରମରେ କରୁଣାନିଧି କର, ଜୟଦେବ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ଦାସ, ସାଇ ଆଶିଷ ଦାସ, ପ୍ରଶାନ୍ତ ବିଶ୍ୱାଳ, ସୋନାଲି ବିଶ୍ୱାଳ, ନରହରି ରାଉଳ, ସନ୍ତୋଷ ପାତ୍ର, ଦୁର୍ଗାଶିଷ ମହାନ୍ତି, ବବିତା ମଞ୍ଜରୀ ଦାସ, ପ୍ରେମଲତା ସାହୁ, ଭରତ ସାହୁ, ସରୋଜିନୀ ସାହୁ, ମାଳତୀ ସାହୁ, ଅକ୍ଷୟ ସାହୁ, ପ୍ରତାପ ରାଉତ, ଦେବେନ୍ଦ୍ର ପରିଡା, ଗୋବିନ୍ଦ ଶର୍ମା, ଝୁନିଲତା ଦାଶ, ସୁକାନ୍ତୀ ମିଶ୍ର, ପ୍ରଦୀପ ସାହୁ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ନାରାୟଣ ଦାଶ, ଡମ୍ବରୁ ଭାଇ ପ୍ରମୁଖ ସହଯୋଗ କରିଥିଲେ।

## ଲକ୍ଷ୍ମୀଧର ବାରିକ ପାଇଲେ ଶ୍ରେଷ୍ଠ ବନପାଳ ସମ୍ମାନ



ରାଜନଗର,୨୨ା୩(ସମିସ): ବିଶ୍ୱ ବନଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜନଗର ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ଡିଭିଜନର ଫରେଷ୍ଟର ଲକ୍ଷ୍ମୀଧର ବାରିକଙ୍କୁ ରାଜ୍ୟ ସ୍ତରୀୟ ଶ୍ରେଷ୍ଠ ବନପାଳ ପୁରସ୍କାର ପ୍ରଦାନ କରାଯାଇଛି । ଲୁଣାଜଙ୍ଗଲ ବନଖଣ୍ଡ ରାଜନଗରରେ ଜଙ୍ଗଲ ସୁରକ୍ଷା ଏବଂ ଲୁଣା ଜଙ୍ଗଲ ବନୀକରଣ ରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ବନପାଳ ସମ୍ମାନ ଦିଆଯିବା ସହିତ ୧୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ,ପ୍ରଧାନ ବନସଂରକ୍ଷକ (ବନ୍ୟଜୀବ) ପ୍ରେମ କୁମାର ଝା ଏବଂ ପ୍ରଧାନ ବନସଂରକ୍ଷକ ସୁରେଶ କୁମାର ପନ୍ଥ ପ୍ରମୁଖ ମାନପତ୍ର ପ୍ରଦାନ କରିଥିଲେ।

# କାଳବୈଶାଖୀ ତାଣ୍ଡବ





ବ୍ରହ୍ମପୁର ସହରରେ କାଳବୈଶାଖୀ ଜନିତ ବର୍ଷା-ପବନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ବେଳେ ସହରରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଲହଡ଼ି ମାରୁଛି।

■ ପ୍ରେମ ବିବାହକୁ ବିରୋଧ

## ଟାଙ୍ଗିଆରେ ହାଣି ସମୁଦିକୁ ହତ୍ୟା



ରେଢ଼ାଖୋଲ/ନାକଟିଦେଉଳ,୨୨।୩(ସମିସ): ସମୁଦିର ଟାଙ୍ଗିଆ ଚୋଟରେ ସମୁଦି ମୃତ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ୍ କିସିଣ୍ଡା ଥାନା ଅଧୀନ ଗଞ୍ଜାବାହାଲ ଗ୍ରାମରେ। ମୃତକ ହେଲେ, ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ କିସିଣ୍ଡା ଥାନା ଅଧୀନ ଗଞ୍ଜାବାହାଲ ଗ୍ରାମର ମୁରଲୀଧର ଧଳ। କିସିଣ୍ଡା ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଅଭିଯୁକ୍ତ ସମୁଦି ଗିରିଧାରୀ ସାହୁଙ୍କୁ ଗିରଫ କରିଛି।

ଗିରିଧାରୀଙ୍କ ଝିଅକୁ ମୁରଲୀଧରଙ୍କ ପୁଅ ପ୍ରେମ କରୁଥିଲେ। ୨୦୨୧ ମସିହାରେ ଦୁହେଁ ଘରଲୋକଙ୍କ ବିନା ସହମତିରେ ବିବାହ ମଧ୍ୟ କରିଥିଲେ। ଏହାକୁ କେନ୍ଦ୍ର କରି ସେବେଠାରୁ ଦୁଇ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗଞ୍ଜାବାହାଲ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଗିରିଧାରୀ ସମୁଦି ମୁରଲୀଧରଙ୍କୁ ମାରିବା ପାଇଁ ଜଗି ରହିଥିଲେ। ଏତିକିବେଳେ କାଞ୍ଚନପୁର ଗ୍ରାମ ପଟୁ ଏକ ବାଇକ୍‌ରେ ମୁରଲୀଧର ଘରକୁ ଫେରୁଥିବା ବେଳେ ଗିରିଧାରୀ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମୁରଲୀଧରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା।

## ଯୁବତୀଙ୍କୁ ହତ୍ୟା କରି ଜାଳିଦେଲେ!

■ ପାହାଡ଼ ତଳୁ ନରକଙ୍କାଳ ଉଦ୍ଧାର
■ ପାଖରୁ ମିଳିଲା ଦରପୋଡ଼ା ମୋବାଇଲ, ପ୍ୟାଣ୍ଟ-ସାର୍ଟ ଓ ଛୁରି

ସୋରଡ଼ା,୨୨।୩ (ସମିସ): ସୋରଡ଼ା ଥାନା ଅଧୀନ ଖଜୁରୀପଲ୍ଲୀ ଗାଁ ନିକଟ କେଟାମଣି ପାହାଡ଼ ତଳୁ ଶନିବାର ଏକ ନରକଙ୍କାଳ ଠାବ ହୋଇଛି। ସୋରଡ଼ା ପୁଲିସ କଙ୍କାଳକୁ ଜବତ କରିବା ସହ ନିକଟରୁ ଦୁଇଟି ଦରପୋଡ଼ା ମୋବାଇଲ, ପ୍ୟାଣ୍ଟ, ସାର୍ଟ, ଛୁରି ଜବତ କରିଛି। କଙ୍କାଳଟି ୨୦-୨୫ବର୍ଷ ଯୁବତୀଙ୍କର ହୋଇଥିବା ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣାର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ ପ୍ରଥମେ ଯୁବତୀଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ପେଟ୍ରୋଲ ଢାଳି ପୋଡ଼ି ଦିଆଯାଇଥିବା ଅନୁମାନ କରାଯାଉଛି। ଆସ୍କା ଏସ୍‌ଡିପିଓ ସନ୍ତୋଷ ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ମୁତାବକ, ଶନିବାର ସକାଳେ ସ୍ଥାନୀୟ ଲୋକେ ପାହାଡ଼କୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ କେଟାମଣି ପାହାଡ଼ ତଳେ କଙ୍କାଳ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ସୋରଡ଼ା ଥାନା ଅଧିକାରୀ ସୁଧୀର ସାହୁ ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ଛୁରି, ପ୍ୟାଣ୍ଟ ସାର୍ଟ, ଦୁଇଟି ମୋବାଇଲ ଜବତ କରିଥିଲେ।

## ଅଫିସର୍ ବେଶରେ ଆସି ଲୁଟିଲେ ୩ ଲକ୍ଷର ହାର

କପ୍ତିପଦା, ୨୨।୩(ସମିସ): ସୁଟ୍-ବୁଟ୍ ପିନ୍ଧି ପୂରା ଅଫିସର୍ ବେଶରେ ଆସିଲେ। ଗୋଟିଏ ନାମକରା କମ୍ପାନୀର କର୍ମଚାରୀ କହି ଘରଲୋକଙ୍କୁ ପିତ୍ତଳସମାଗ୍ରୀସହରୁପାଅଳଙ୍କାରମାଗିସଫାକଲେ।ଘଷିଘଷିସବୁଚକ୍‌ଚକ୍ କରିଦେଲେ। ବିଶ୍ୱାସ ହେବାରୁ ଘରଲୋକ ୩ ଲକ୍ଷ ଟଙ୍କାର ସୁନାହାରକୁ ବି ସଫା କରିବାକୁ ଦେଇଦେଲେ। କିନ୍ତୁ ମଉକା ଦେଖି ଲୁଟେରାମାନେ ଚେନ୍‌ଟିକୁ ହରଣଚାଲ କରିନେଲେ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ତଳିଆ ଗାଁରେ। ଠକେଇର ଶିକାର ହୋଇଥିବା ଗାଁର ମିନତି ବେହେରା ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୂରା ଘଟଣାର ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପୁଲିସ୍ ଉଦ୍ୟମ ଚଳାଇଛି। ଏଥିରେ ୨ଜଣ ଅଭିଯୁକ୍ତ ସାମିଲ ଥିବା ଜଣାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଜଗତସିଂହପୁର, ୨୨।୩(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ୨୦୨୪ରେ ସଂଘଟିତ ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଜଗତସିଂହପୁର ପକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଶନିବାର ଅଭିଯୁକ୍ତ ଜ୍ଞାନରଞ୍ଜନ ମଲ୍ଲିକ ଓରଫ୍ ଦୀପୁକୁ ୨୦ ବର୍ଷ ଜେଲ୍ ଓ ୪୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ଅଧିକ ୪ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୧୪ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନା ମୁତାବକ, ୨୦୨୪ ଜାନୁଆରୀ ୨୦ ତାରିଖ ସକାଳେ ଜଣେ ମାନସିକ ଭିନ୍ନକ୍ଷମ ନାବାଳିକା ନିକଟସ୍ଥ ପଡ଼ିଆକୁ ଶୌଚ ହେବାକୁ ଯାଇଥିବା ବେଳେ ଦୀପୁ ତାଙ୍କୁ ଦୁଷ୍କର୍ମ କରିଥିଲା। ପରେ ପୀଡ଼ିତାଙ୍କ ମାଆଙ୍କୁ ମଧ୍ୟ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ଧମକଚମକ ଦେଇଥିଲା। ଏ ସଂପର୍କରେ ପୀଡ଼ିତାଙ୍କ ମାଆ ତିର୍ତ୍ତୋଲ ଥାନାରେ ଏତଲା ଦେବା ପରେ ପୁଲିସ ଦୀପୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶ ମାମଲା ପରିଚାଳନା କରୁଥିଲେ।

**ଦୁଇଦିନ ପରେ ବି ମିଳିଲାନି କାଳବୈଶାଖୀ ସହାୟତା**

### ମନ୍ତ୍ରୀଙ୍କ ବାଟ ଚାହିଁଚାହିଁ ଲୋକ ନିରାଶ

## ପୁଣି ରାଜପଥ କବ୍‌ଜା କଲେ କ୍ଷତିଗ୍ରସ୍ତ




ବାରିପଦା,୨୨।୩(ସମିସ): ମନ୍ତ୍ରୀ ଆସିବେ, କ୍ଷୟକ୍ଷତିର ଆକଳନ ହେବ ଏବଂ ସରକାର କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବେ। ଏମିତି ଆଶାରେ ଆଜି ହଜାର ହଜାର କ୍ଷତିଗ୍ରସ୍ତ ପରିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବାଟ ଚାହିଁ ବସିଥିଲେ। କିନ୍ତୁ ନା ମନ୍ତ୍ରୀ ଆସିଲେ ନା ପ୍ରଶାସନିକ ଅଧିକାରୀ। ତେଣୁ ଏହାର ପ୍ରତିବାଦରେ ନଷ୍ଟ ପନିପରିବା ଧରି ଚାଷୀ ଓ କ୍ଷତିଗ୍ରସ୍ତ ପରିବାର ଜାତୀୟ ରାଜପଥ ଉପରେ ବସି ରହିଲେ।

ମୟୂରଭଞ୍ଜ ଜିଲ୍ଲାରେ କାଳବୈଶାଖୀ ତାଣ୍ଡବକୁ ଦୁଇ ଦିନ ପୂରିଗଲାଣି। କୁଆପଥର ମାଡ଼ରେ ବିଶୋଇ, ବାଙ୍ଗିରିପୋଷି, ସାରସକଣା ଓ କୁଳିଅଣା ବ୍ଲକ ବିଶେଷ ଭାବେ କ୍ଷତି ହୋଇଛି। ଶହଶହ ସଂଖ୍ୟାରେ ଲୋକ ଆହତ ହୋଇଥିବା ବେଳେ ସେମାନଙ୍କ କଚ୍ଚାଘର ଭାଙ୍ଗି ଯାଇଛି। କାହାର ଘର ଆଜବେଷ୍ଟସ୍ କଣା ହୋଇଯାଇଛି ତ କାହାର ଛପର ଉଡ଼ି ଯାଇଛି। ବିପନ୍ନମାନେ ଦୁଇ ଦିନ ହେଲା ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। କିନ୍ତୁ ଏଯାଏ ସେମାନଙ୍କ ପାଖେ ସରକାରୀ ସହାୟତା ପହଞ୍ଚିବା ଦୂରେ ଥାଉ, ବିପନ୍ନ ପରିବାରକୁ ପଲିଥିନ୍ ଖଣ୍ଡିଏ ବି ମିଳିନାହିଁ। ସେହିପରି କୁଆପଥର ମାଡ଼ରେ ଏକର ଏକର ଜମିରେ ହୋଇଥିବା ପରିବା ଚାଷ ନଷ୍ଟ ହୋଇଥିଲେ ହେଁ କୃଷି ଅଧିକାରୀଙ୍କ ଦେଖାନାହିଁ। ଏହାର ପ୍ରତିବାଦରେ ଗତକାଲି ବିଶୋଇ ବ୍ଲକ୍ ଖଡ଼ମବେଡ଼ା ପଞ୍ଚାୟତରେ ଉତ୍ୟକ୍ତ ଲୋକେ ୭ ଘଣ୍ଟା ଧରି ରାଜପଥ ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏପରି ସ୍ଥଳେ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ଶୁଣି ବାଙ୍ଗିରିପୋଷି ବ୍ଲକର କ୍ଷତିଗ୍ରସ୍ତ ପରିବାର ଏବଂ ଚାଷୀ ବ୍ଲକ ମୁଖ୍ୟାଳୟରେ ପହଞ୍ଚିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ମନ୍ତ୍ରୀଙ୍କ ଗସ୍ତ ବାତିଲ ହୋଇଯାଇଥିବା ଶୁଣି କ୍ଷତିଗ୍ରସ୍ତମାନେ ତାତି ଯାଇଥିଲେ। ନଷ୍ଟ ପନିପରିବା ଧରି ସେମାନେ ବାଙ୍ଗିରିପୋଷିଠାରେ ୪୯ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଧାରଣା ଚାଲିଥିଲେ ହେଁ ସ୍ଥାନୀୟ ଆଇଆଇସିଙ୍କ ବ୍ୟତୀତ କେହି ଅଧିକାରୀଙ୍କ ଦେଖା ନଥିଲା।

ଅପରପକ୍ଷେ, ଖବର ପାଇ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ପାଇଁ ବିପନ୍ନ ପରିବାର ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ। ଖୋଲା ଆକାଶ ତଳେ ଥିବା ବିପନ୍ନ ପରିବାରକୁ ପଲିଥିନ୍ ଓ ଖାଦ୍ୟ ଦେବା ଭଳି ସର୍ବନିମ୍ନ ସହାୟତା ସରକାର ଦେଇନପାରିବା ଲଜ୍ଜାଜନକ ବୋଲି ସୁଦାମ କହିଥିଲେ। ତେଣୁ, ଯଥାଶୀଘ୍ର ସମ୍ମାନର ସହ ଆବଶ୍ୟକ ଅନୁସାରେ ସରକାରୀ ସହାୟତା ନ ମିଳିଲେ, ପରିସ୍ଥିତି ଭୟାବହ ହେବ ବୋଲି ସେ ଚେତାବନୀ ଦେଇଥିଲେ।

ପରେ ବାରିପଦା ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପଲିଥିନ୍ ଓ ରାଜସ୍ୱ ଏବଂ କୃଷି ବିଭାଗ ପକ୍ଷରୁ କ୍ଷତି ଆକଳନ ପରେ ସରକାରୀ ସହାୟତା ଦିଆଯିବ ବୋଲି କହିବାରୁ ଅବରୋଧ ହଟିଥିଲା। ପରେ ପଲିଥିନ୍ ନେବାକୁ ବାଙ୍ଗିରିପୋଷି ପଞ୍ଚାୟତର ବିପନ୍ନ ପରିବାର ପଞ୍ଚାୟତ ଅଫିସରେ ପହଞ୍ଚିଥିଲେ। ସେଠାରେ ବିଧାୟିକା ସଞ୍ଜଲି ମୁର୍ମୁ ଓ ତାଙ୍କ ବାପା ବିଜେପି ନେତା ସୁଗଦା ମୁର୍ମୁ ଉତ୍ତେଜିତ ଜନତାଙ୍କ ରୋଷର ଶିକାର ହୋଇଥିଲେ। ବିପନ୍ନଙ୍କ କଥା ନ ବୁଝିଥିବାରୁ ଉଭୟ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ। ପରେ ବିଡିଓ ଓ ତହସିଲଦାରଙ୍କ ସହ ଆଲୋଚନା କରି ରନ୍ଧାଖାଦ୍ୟ ଓ ପଲିଥିନ ଯୋଗାଇବାକୁ ବିଧାୟିକା କହି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଅପରପକ୍ଷେ, ଶୁକ୍ରବାର ଓ ଶନିବାର ବର୍ଷା ଲାଗି ରହିଥିବାରୁ ବିପନ୍ନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି।

## ଚମ୍ପୁଆରେ ମାତିଛି ଗୋଠଛଡ଼ା ଦନ୍ତା

### ଗାଇକୁ ଦଳିଦେଲା, ଜଣଙ୍କ ପେଟରେ ଦାନ୍ତ ପୂରାଇଦେଲା

ଚମ୍ପୁଆ/ବାଲିବନ୍ଧ, ୨୨।୩ (ସମିସ): ଚମ୍ପୁଆ ରେଞ୍ଜ ଉଖୁଣ୍ଡା ଫରେଷ୍ଟ ସେକ୍ସନ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ଉପଦ୍ରବରେ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ଦନ୍ତାଟି ଗୋଟିଏ



ଗାଇକୁ ମାରିବା ସହ ଆଉ ଗୋଟିଏ ଗାଇ ଓ ଜଣେ ଯୁବକଙ୍କୁ ଦରମରା କରିଛି। ଆହତ ଯୁବକଜଣଙ୍କ ହେଲେ, ବାରିଆ ଥାନା ବଡ଼ଡୁମୁରିଆ ଗ୍ରାମର ଜିତେନ ଗୋପ (୪୫)। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଆଜି ଭୋର୍‌ରେ ଉଖୁଣ୍ଡା ଫରେଷ୍ଟ ସେକ୍ସନ୍ ଚକୁଳିଆ ଗ୍ରାମର ମାଗୁଣି ଗିରିଙ୍କ ଘରେ ଏକ ଗୋଠଛଡ଼ା ଦନ୍ତା ପଶିଯାଇଥିଲା। ଦନ୍ତାଟି ତାଙ୍କ ଘର ଭାଙ୍ଗିବା ସହ ଏକ ଗାଇକୁ ଦଳି ଦେଇଥିଲା। ପରେ ଦନ୍ତା ହାବୁଡ଼ରେ ସୀତାରାମପୁର ଗ୍ରାମର ସୁବାସ ମହାନ୍ତଙ୍କ ଗାଇଟି ପଡ଼ିଥିଲା। ଦନ୍ତା ତାକୁ ବି ଆକ୍ରମଣ କରି ଘାଇଲା କରିଦେଇଥିଲା। ଖବର ପାଇ ବନ ବିଭାଗ ହାତୀଟିକୁ ସୀତାରାମପୁର ଜଙ୍ଗଲକୁ ଘଉଡ଼ାଇ ଦେଇଥିଲା। କିନ୍ତୁ ଅପରାହ୍‌ଣରେ ପୁଣିଥରେ ଦନ୍ତାଟି ଗାଁମୁହାଁ ହେବାରୁ ଲୋକମାନେ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଜିତେନ ଗୋପ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ ପେଟରେ ହାତୀଟି ଦାନ୍ତ ପୂରାଇ ଦେଇଥିଲା। ବନ ବିଭାଗର କର୍ମଚାରୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

**ଅସରାଏ ବର୍ଷାରେ ଅବସ୍ଥା ବେହାଲ**

## ଏମ୍‌କେସିଜି ମେଡିକାଲ୍‌ରେ ଆଣ୍ଠୁଏ ପାଣି

ବ୍ରହ୍ମପୁର,୨୨।୩(ସମିସ): କାଳବୈଶାଖୀ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଏମକେସିଜି ମେଡିକାଲ ଜଳାର୍ଣ୍ଣବ ହୋଇଛି। ମେଡିକାଲର ଆଉଟଡୋର ସମେତ ବହୁ ବିଭାଗରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା। ଡାକ୍ତରଖାନାରେ ଚିକିତ୍ସା ଜାରି ରହିଥିବା ବେଳେ ବିଭିନ୍ନ ବିଭାଗର ପ୍ରକୋଷ୍ଠରେ ପାଣି ଭର୍ତ୍ତି ହୋଇଯାଇଥିଲା। ଫଳରେ ରୋଗୀ ଚିକିତ୍ସା ପରିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ ଡାକ୍ତର ଓ କର୍ମଚାରୀଙ୍କୁ ଟେବୁଲ ଓ ଚେୟାର ଉପରକୁ ଉଠିବାକୁ ବାଧ୍ୟ ହୋଇଥିଲେ। ସେହିଭଳି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅନ୍ୟ ଉପାୟ ନପାଇ ପାଣି ଭିତରେ ଠିଆ ହୋଇରହିଥିଲେ। ଡାକ୍ତରଖାନାର ଆଉଟଡୋର୍‌ରେ ପାଣି ପଶିବାରୁ ବହୁ ବିଭାଗର ଆଉଟଡୋର୍‌ରେ ଅପରାହ୍‌ଣ ପରେ ରୋଗୀଙ୍କ ଚିକିତ୍ସା ବନ୍ଦ ରହିଥିବା ଅଭିଯୋଗ ହୋଇଛି।



**ବଜ୍ରପାତ ନେଲା ଜୀବନ**

## ବାପା-ମା’ଙ୍କ ଆଖି ଆଗରେ ଜଳିଗଲା ପୁଅ

ପୁରୀ, ୨୨।୩ (ସମିସ): କାଳବୈଶାଖୀ ଜନିତ ବଜ୍ରପାତ ଆଜି ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତ ଯୁବକ ହେଲେ, ବ୍ରହ୍ମଗିରି ବ୍ଲକ ଗୋବର୍ଦ୍ଧନପୁର ଗାଁର ମନୋଜ କୁମାର ନାୟକ (୨୩)। ବାପା-ମା’ଙ୍କ ଆଖି ଆଗରେ ମନୋଜ ଜୀବନ୍ତ ଜଳି ଯାଇଛନ୍ତି।

ଶନିବାର କାଳବୈଶାଖୀ ପ୍ରଭାବରେ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ହାଲ୍‌କା ପବନ ସାଙ୍ଗକୁ ପ୍ରବଳ ମାତ୍ରାରେ ବଜ୍ରପାତ ହୋଇଥିଲା। ଅପରାହ୍ଣରେ ମନୋଜଙ୍କ ବାପା ଦୁଃଶାସନ ଏବଂ ମା’ ଦୁହେଁ ଗହୀର ବିଲରେ ଚାଷ କରିଥିବା ପୋଟଳ କିଆରିକୁ ଯାଇଥିଲେ। କିଆରିରେ ବର୍ଷା ପାଣି ଜମିଥିବାରୁ ବନ୍ଧ ହାଣି ପାଣି ନିଷ୍କାସନ କରୁଥିଲେ। ସେହି ସମୟରେ ଘନଘନ ବଜ୍ରପାତ ହେବାରୁ ବଡ଼ପୁଅ ମନୋଜ ବାପା, ମା’ଙ୍କୁ ଘରକୁ ଫେରିଆସିବା ପାଇଁ କହିବାକୁ ଯାଇଥିଲେ। ବିଲ ନିକଟରେ ପହଞ୍ଚି ବାପା, ମା’ଙ୍କୁ ଘରକୁ ଆସିବା ପାଇଁ ଡାକୁଥିବା ବେଳେ ହଠାତ୍ ମନୋଜଙ୍କ ଉପରେ ବଜ୍ରପାତ ହୋଇଥିଲା। ବାପା, ମା’ଙ୍କ ଆଖି ଆଗରେ ସେ ଜଳିଯାଇଥିଲେ। ଚିତ୍କାର ଶୁଣି ଆଖପାଖ ବିଲରେ ଥିବା ଲୋକେ ଦଉଡ଼ି ଆସି ମନୋଜଙ୍କୁ ଅଧାପୋଡ଼ା ଅବସ୍ଥାରେ ଉଦ୍ଧାର କରିଥିଲେ। ଏକ ଅଟୋରେ ସେମାନେ ତାଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେତେବେଳକୁ ତାଙ୍କ ଜୀବନ ଚାଲିଯାଇଥିଲା। କିନ୍ତୁ ଏହାକୁ ଦୁଃଶାସନ ସହଜରେ ଗ୍ରହଣ କରିପାରିନଥିଲେ। ପୁଅ ବଞ୍ଚିଯିବ ଭାବି ସେଠାରୁ ୧୦୮ ଆମ୍ବୁଲାନ୍ସରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## କ୍ରିକେଟ୍ ପଡ଼ିଆରେ ଟଳିପଡ଼ିଲେ ଛାତ୍ର

ଦିଗପହଣ୍ଡି,୨୨।୩(ସମିସ): ଦିଗପହଣ୍ଡି ବ୍ଲକ୍ ବୋମକେଇ ପଞ୍ଚାୟତ କୁମରଡ଼ା ଗ୍ରାମରେ କ୍ରିକେଟ ଖେଳ ଚାଲିଥିବା ବେଳେ ବଜ୍ରାଘାତରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ, ବୋମକେଇ ପଞ୍ଚାୟତ ନାରାୟଣପୁର ଗ୍ରାମର ରାଜେଶ ଗୌଡ଼। ଏବର୍ଷ ସେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ଶନିବାର ମଧ୍ୟାହ୍ନରେ ଏହି ଦୁଃଖଦ ଘଟଣା ଘଟିଛି। ସକାଳେ ରାଜେଶ ସାଙ୍ଗମାନଙ୍କ ସହ ନିକଟସ୍ଥ କୁମରଡ଼ା ଗ୍ରାମରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମ୍ୟାଚ ଖେଳିବାକୁ ଯାଇଥିଲେ। ରାସ୍ତାକଡ଼ର ଏକ ଚାଷଜମିକୁ ସମତୁଲ କରି ଗ୍ରାମର ଯୁବକମାନେ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିଲେ। ମ୍ୟାଚ ଚାଲିଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ କାଳବୈଶାଖୀ ସହ ବଜ୍ରପାତ ହୋଇଥିଲା। ବଜ୍ରାଘାତରେ ସେ ଟଳି ପଡ଼ିଥିଲେ। ଅନ୍ୟ ଖେଳାଳିମାନେ ଭୟଭୀତ ହୋଇ ଖେଳ ଛାଡ଼ି ଦୌଡ଼ି ପଳାଇଥିଲେ। ଖବର ପାଇ ଗ୍ରାମବାସୀ ରାଜେଶଙ୍କୁ ଉଦ୍ଧାର କରି ବୋମକେଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ.ଆଇ ଜଗବନ୍ଧୁ ବାର୍ଲା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ଣରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

■ ଗଛ ପଡ଼ି ଭାଙ୍ଗିଲା କାନ୍ଥ

## ଭଣଜାକୁ ବଞ୍ଚାଇବାକୁ ଯାଇ ଗର୍ଭବତୀଙ୍କ ମୃତ୍ୟୁ

ଜୁନାଗଡ଼, ୨୨।୩(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ ସହରର ବଜାରପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ଭଣଜାକୁ ବଞ୍ଚାଇବାକୁ ଯାଇ ଗର୍ଭବତୀ ମାଇଁର ମୃତ୍ୟୁ ଘଟିଛି। ମୃତ ମହିଳାଜଣକ ହେଲେ ସୁରେନ୍ଦ୍ରଙ୍କ ପତ୍ନୀ କୌଶଲ୍ୟା (୨୬)। ଏନେଇ ଜୁନାଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି। ରବିବାର କୌଶଲ୍ୟାଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି। ଶନିବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ସୁରେନ୍ଦ୍ରଙ୍କ ଘର ପାଖରେ ଥିବା ଏକ ବିଶାଳ ତାଳ ଗଛ ତାଙ୍କ ଘର ଉପରେ ପଡ଼ି ଯାଇଥିଲା। ଏହି ସମୟରେ ଘରେ ସୁରେନ୍ଦ୍ରଙ୍କ ପତ୍ନୀ, ଭଉଣୀ ଓ ୪ ବର୍ଷର ଭଣଜା ଥିଲେ। ୪ ବର୍ଷର ଭଣଜାକୁ ବଞ୍ଚାଇବାକୁ ଯାଇ କୌଶଲ୍ୟା ତା’ ଉପରେ ଶୋଇ ପଡ଼ିଥିଲେ। ଏହି ସମୟରେ ଘରର କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ଘରେ ଥିବା ତାଙ୍କ ନଣନ୍ଦ ସାଇପଡ଼ିଶା ଲୋକଙ୍କୁ ଡାକି କୌଶଲ୍ୟା ଓ ତାଙ୍କ ଭଣଜାଙ୍କୁ ଉଦ୍ଧାର କରି ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର କୌଶଲ୍ୟାଙ୍କୁ ମୃତ ଘୋଷାଣା କରିଥିଲେ।

# ବ୍ୟାଙ୍କ୍ ଋଣ କରି କୋଟିଏ ଟଙ୍କା ଠକେଇ; ମହିଳା ଗିରଫ

ହିନ୍ଦୋଳ, ୨୨।୩(ସମିସ)

ଅନ୍ୟ ମହିଳାଙ୍କ ନାମରେ ବ୍ୟାଙ୍କରୁ ଋଣ କରି ପ୍ରାୟ କୋଟିଏ ଟଙ୍କା ଠକି ନେଇଥିବା ଅଭିଯୋଗରେ ଢେଙ୍କାନାଳ ଜିଲ୍ଲା ବାଲିମି ଥାନା ପୁଲିସ ଦୁଦୁରୁକୋଟ ଗ୍ରାମର ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ଦୁଦୁରୁକୋଟ ଗ୍ରାମର ଅମିତା ପଟ୍ଟନାୟକ। ୨ ବର୍ଷ ପୂର୍ବରୁ ଅମିତା ସେହି ଗ୍ରାମର ଅନୁସୟା ପ୍ରଧାନ, ମମତା ପରିଡ଼ା, ନଳିନୀ ଜେନାମଣି ସମେତ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ନାମରେ ପ୍ରାୟ କୋଟିଏ ଟଙ୍କା ଋଣ କରି ତାହାକୁ ହଡ଼ପ କରିଥିଲେ। ଏଥିସହ ବିଭିନ୍ନ ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ନେଇଯାଇଥିଲେ। ଏ ନେଇ ଠକେଇର ଶିକାର ମହିଳାମାନେ ୮ ମାସ




ପୂର୍ବରୁ ବାଲିମି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିଦିନଠାରୁ ଅମିତା ଫେରାର ହୋଇଯାଇଥିଲେ। ପୁଲିସ ଘଟଣାର ତଦନ୍ତ କରି ଅମିତାଙ୍କୁ ଖୋଜୁଥିବା ବେଳେ ଶୁକ୍ରବାର ତାଙ୍କୁ ଭୁବନେଶ୍ୱର ଭରତପୁର ଅଞ୍ଚଳରୁ ଗିରଫ କରିଛି। ପରେ ତାଙ୍କୁ ଦୁଦୁରୁକୋଟ ଗ୍ରାମକୁ ଆଣି ପୁଲିସ ତଦନ୍ତ କରିଥିଲା। ଗ୍ରାମର ଅନୁସୟା ପ୍ରଧାନଙ୍କ ନାମରେ ଅମିତା ୫ଲକ୍ଷ ଋଣ କରି ସେହି ଟଙ୍କାକୁ ହଡ଼ପ କରିବା ସହ ତାଙ୍କଠାରୁ ବିଶ୍ୱାସ ଜନ୍ମାଇ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ମଧ୍ୟ ନେଇଥିବା ଅନୁସୟା ଅଭିଯୋଗ କରିଥିଲେ। ସେହିପରି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ନାମରେ ବ୍ୟାଙ୍କରୁ ଋଣ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବାର ଅଭିଯୋଗରେ ପୁଲିସ ଏକ ମାମଲା ରୁଜୁକରି ଅମିତାଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଅମିତା ଧରାପଡ଼ିଥିବା ବେଳେ ଠକେଇର ଶିକାର ମହିଳାମାନେ କିପରି ସେମାନଙ୍କ ଟଙ୍କା ଓ ସୁନାଗହଣା ଫେରିପାଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ

ପରଜଙ୍ଗ, ୨୨।୩(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଚାନ୍ଦପୁର ଗ୍ରାମରେ ଶନିବାର ସକାଳେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ହରି ସାହୁଙ୍କ ପୁଅ ରାହାସ ସାହୁଙ୍କ ଦ୍ୱିତୀୟ ସ୍ତ୍ରୀ ଶାନ୍ତି ସାହୁ। ଯୌତୁକ ଦାବି କରି ରାହାସ ଓ ତାଙ୍କ ପ୍ରଥମ ସ୍ତ୍ରୀର ୨୫ ବର୍ଷୀୟ ପୁଅ ପ୍ରଶାନ୍ତ ସାହୁ ଓରଫ ମୂଷା ମିଶି ଶାନ୍ତିଙ୍କୁ ହତ୍ୟା କରିଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି।

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ବସୁଲେଇ ପଞ୍ଚାୟତ ନିମଡିହ ସାହିର ସ୍ୱର୍ଗତ ରଘୁ ସାହୁଙ୍କ ବଡ଼ଝିଅ ଶାନ୍ତି ଆଜକୁ ପ୍ରାୟ ୧୩ ବର୍ଷ ପୂର୍ବେ ରାହାସଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତେବେ ଶାନ୍ତିଙ୍କ



ଆକସ୍ମିକ ମୃତ୍ୟୁ ହୋଇଥିବା ଶନିବାର ସକାଳେ ତାଙ୍କ ବାପଘର ଲୋକେ ଖବର ପାଇ ଚାନ୍ଦପୁର ଗାଁକୁ ଯାଇଥିଲେ। ସେଠାରେ ଶାନ୍ତିଙ୍କ ମୃତଦେହ ପଡ଼ିରହିଥିଲା। ତାଙ୍କ ଡାହାଣ କାନରୁ ରକ୍ତ ବାହାରୁଥିବା ବେଳେ ବେକରେ ଦାଗ ରହିଥିବା ବାପଘର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପରଜଙ୍ଗ ଥାନାକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଯୌତୁକ ପାଇଁ ରାହାସ ଓ ପ୍ରଶାନ୍ତ ମିଶି ଶାନ୍ତିଙ୍କୁ ହତ୍ୟା କରିଥିବା ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପରଜଙ୍ଗରେ କାଳବୈଶାଖୀ ବର୍ଷା



ପରଜଙ୍ଗ, ୨୨।୩(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ହଠାତ୍ କାଳବୈଶାଖୀଜନିତ ବର୍ଷା ହୋଇଛି। ବର୍ଷା ସାଙ୍ଗକୁ ବଜ୍ରପାତ ଓ ପବନ ହୋଇଥିଲା। ଅଞ୍ଚଳରେ ବର୍ଷର ପ୍ରଥମ କାଳବୈଶାଖୀ ବର୍ଷା ଦେଖିବାକୁ ମିଳିଥିଲା। ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିଲା। ବିଭିନ୍ନ ଗ୍ରାମରେ ସପ୍ତଦୋଳ ମହୋତ୍ସବ ଚାଲିଥିବା ବେଳେ ହଠାତ୍ ଅଦିନିଆ ବର୍ଷା ଦର୍ଶକଙ୍କ ଉତ୍ସାହକୁ ଫିକା କରିଦେଇଥିଲା। ସନ୍ଧ୍ୟାରୁ ବର୍ଷା ଆରମ୍ଭ ହୋଇଥିବାରୁ ତାତିରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଛି।

## ସାପ କାମୁଡ଼ାରେ ସାପଧରାଳି ଗୁରୁତର

ଢେଙ୍କାନାଳ, ୨୨।୩(ସମିସ): ସଦର ଥାନା ତାଳବରକୋଟ ଗ୍ରାମରେ ସାପ ଧରୁଥିବା ବେଳେ ସାପ କାମୁଡ଼ାରେ ଜଣେ ସାପଧରାଳି ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସାପ ଧରାଳୀ ଚିକୁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରୁ ବିଷଧର ସାପଙ୍କୁ କାବୁ କରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଛାଡ଼ିଥାନ୍ତି। ଶୁକ୍ରବାର ରାତିରେ ତାଳବରକୋଟ ଗ୍ରାମରେ ଏକ ଚନ୍ଦନ ବୋଡ଼ା ସାପ ଉଦ୍ଧାର କରିବା ପାଇଁ ଚିକୁ ଓ ତାଙ୍କ ଟିମ ପହଞ୍ଚିଥିଲେ। ସାପକୁ ଧରିବା ବେଳେ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସେଠାରେ ଉପସ୍ଥିତ ସାଥୀମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ବାଉଁଶକଣରୁ ୯ ଟନ୍ କୋଇଲା ଜବତ



ଭୁବନ, ୨୨।୩(ସମିସ): ଭୁବନ ଥାନା ବାଉଁଶକଣ ଶିଳ୍ପାଞ୍ଚଳରେ ଥିବା ନିକାଞ୍ଚନ ସ୍ଥାନରେ ପୁଲିସ ଚଢ଼ଉ କରି ସେଠାରେ ଗଦା ହୋଇଥିବା ପ୍ରାୟ ୯ ଟନ୍ କୋଇଲା ଜବତ କରିଛି। ଥାନାଧିକାରୀ ଧୀରେନ୍ଦ୍ର ସ୍ୱାଇଁ କୋଇଲାକୁ ଜବତ କରି ଥାନାକୁ ଆଣିଛନ୍ତି। ଜବତ କୋଇଲାର ଆନୁମାନିକ ମୂଲ୍ୟ ୬୦ ହାଜର ଟଙ୍କା ହେବ।

## ଗାଡ଼ି ସହ ଶାଳବହ୍ଲା ଜବତ

ଭୁବନ, ୨୨।୩(ସମିସ): ବନବିଭାଗ ପକ୍ଷରୁ ଭୁବନ ବନାଞ୍ଚଳ ଅଧୀନ ଟିପିଲେଇ ସଂରକ୍ଷିତ ଜଙ୍ଗଲରେ ଅତର୍କିତ ଚଢ଼ଉ କରାଯାଇ ଶାଳ ବହ୍ଲା ସହ ଏକ ଟାଟା ଏସିଇ ଗାଡ଼ି ଜବତ କରାଯାଇଛି। ଗଛ କଟାଯାଇ ଟାଟା ଏସିଇ ଗାଡ଼ିରେ ବୋଝେଇ କରାଯାଇ କେନାଲ ରାସ୍ତାରେ ଆସୁଥିବା ବନ ବିଭାଗକୁ ସୂଚନା ମିଳିଥିଲା।



ବନପାଳ କଳ୍ପନା ବେହେରାଙ୍କ ନେତୃତ୍ୱରେ ସେଠାରେ ଚଢ଼ଉ ବେଳେ ବନକର୍ମଚାରୀଙ୍କୁ ଦେଖି ମାଫିଆମାନେ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ବନ ବିଭାଗ ଗାଡ଼ି ଓ ସେଥିରେ ବୋଝେଇ ହୋଇଥିବା ବିପୁଳ ପରିମାଣର ଶାଳ ବହ୍ଲା ଜବତ କରିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି।

# କୋଇଲା ଟ୍ରକ ଚଳାଚଳ ବନ୍ଦ କରିବାକୁ ଦାବିପତ୍ର

ପରଜଙ୍ଗ, ୨୨।୩(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଆଦର୍ଶ ବିଦ୍ୟାଳୟ ନିକଟରେ କୋଇଲା ବୋଝେଇ ଟ୍ରକ ଚଳାଚଳକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। କିଛି ମାସ ହେଲା ତାଳଚେର ଅଞ୍ଚଳରୁ ଶହ ଶହ ସଂଖ୍ୟାରେ କୋଇଲା ବୋଝେଇ ଟ୍ରକ୍ ପରଜଙ୍ଗ ବଜାର ଦେଇ ପରଜଙ୍ଗ ଷ୍ଟେସନ ଭିତରେ ରହିଥିବା କୋଇଲା ଡିପୋକୁ ଯାଉଛି। କୋଇଲା ଟ୍ରକ ଚଳାଚଳ ଯୋଗୁଁ ପରଜଙ୍ଗ ବଜାରରୁ ଭାଲୁମୁଣ୍ଡା ଛକ ଦିଗକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ପରିବାର ଲୋକେ କୋଇଲା ଗୁଣ୍ଡରେ ଅତିଷ୍ଠ ହୋଇପଡ଼ିଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ବଜାର ଦେଇ ଟ୍ରକ୍ ଚଳାଚଳ ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ବସ୍ତିବାସିନ୍ଦାଙ୍କ ବାରମ୍ବାର ବିରୋଧ ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ବଜାର ମଧ୍ୟରେ କୋଇଲା ଟ୍ରକ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ପରେ ଶହ ଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକ



୫୩ନଂ ଜାତୀୟ ରାଜପଥ ଦେଇ ବାରିହାପୁର ଛକରୁ ଅଳ୍ପ ଦୂରରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଯାଇଥିବା ରେଳପଥ ଦେଇ କୋଇଲା ଡିପୋକୁ ଯାତାୟାତ କରୁଥିଲା। ଫଳରେ କୋଇଲା ଗୁଣ୍ଡ ଉଡ଼ିବା ଦ୍ୱାରା ବାରିହାପୁର ଗ୍ରାମବାସୀ ଅତିଷ୍ଠ ହୋଇ କୋଇଲା ଟ୍ରକ୍ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ ଓ ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ତେବେ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ରହିବା ସହ କୋଇଲା ଟ୍ରକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆନ୍ଦୋଳନ ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ କୋଇଲା ଟ୍ରକ୍‌ଗୁଡ଼ିକ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା।

# ରାସ୍ତାଖୋଳାକୁ ନେଇ ଥାନା ଘେରଉ



ଭୁବନ, ୨୨।୩(ସମିସ): ଭୁବନ ଥାନା ଭୂଷଳ ପଞ୍ଚାୟତ ଚଣ୍ଡିପାଳ ଗାଁ ରାସ୍ତାକୁ ଜେସିବି ମେସିନରେ ଖୋଳି କିଛି ଲୋକ ନିଜ ଜମିରେ ମିଶାଇଥିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ଥାନା ଘେରଉ କରିବା ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପୂର୍ବପରି ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।

୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ରାସ୍ତାରେ ଗ୍ରାମବାସୀ ଗୋହିରା ନଦୀକୁ ଗାଧୋଇବାକୁ ଯାଉଥିଲେ। ଏହି ରାସ୍ତା ଦେଇ ଗ୍ୟାସ ପାଇପ୍ ଲାଇନ ଯାଇଛି। ତେବେ ପୁରୁଷୋତ୍ତମ ବେହେରା ଓ ରବି ବେହେରା ରାସ୍ତାକୁ କାଟି ଦେଇଛନ୍ତି। ବର୍ତ୍ତମାନ ଅଣଓସାରିଆ ରାସ୍ତା ସାଙ୍ଗକୁ ସୋଲାର ବିଦ୍ୟୁତ୍ ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସେହିପରି ଗାଈଗୋରୁ ସେହି ରାସ୍ତାରେ ଯାତାୟାତ କରିପାରୁ ନ ଥିବା ଅଭିଯୋଗ ହୋଇଛି। ୨ ଦିନ ପୂର୍ବେ ବିଦ୍ୟୁତ୍ ଲାଗି ଗାଈର ମୃତ୍ୟୁ ହୋଇଛି। ରାସ୍ତାରେ ଯିବାବେଳେ କଣ୍ଟାରେ ଶାଢ଼ି ଲାଗିଯାଉଛି। ଏହାର ପ୍ରତିବାଦରେ ଗ୍ରାମର ପ୍ରଫୁଲ୍ଲ ବେହେରା, ରସ ବେହେରା ଓ କାମିନୀ ସାହୁଙ୍କ ନେତୃତ୍ୱରେ ଶତାଧିକ ପୁରୁଷ, ମହିଳା ଥାନା ଘେରଉ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ହିନ୍ଦୋଳ/ଖଜୁରିଆକଟା, ୨୨।୩(ସମିସ): ଓଡ଼ିଶାରେ ଜାତୀୟ ରାଜପଥ ସମ୍ପ୍ରସାରଣ ଓ ଉନ୍ନତୀକରଣରେ ମୁଖ୍ୟବିନ୍ଧାଣୀ ଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନ ବୋଲି ବିଜେଡି ପକ୍ଷରୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଶୋକସଭାରେ କହିଛନ୍ତି ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ। ସାତମାଇଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଡା. ପ୍ରଧାନଙ୍କ ତୈଳଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ବିଜେଡି



ଜିଲ୍ଲା ସମ୍ପାଦକ ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ନୂଆବଗ ସରପଞ୍ଚ ମାନସ ଦେହୁରୀ, ବିଜେଡି ନେତା ସୁନୀଲ ସାମଲ, ମାନସ ସାମଲ, ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ସାହୁ କହିଥିଲେ ଯେ ଡା. ପ୍ରଧାନ ତାଙ୍କ ରାଜନୈତିକ ଗୁରୁଥିଲେ। ରାଜ୍ୟରେ ସେ ଅନେକ ଜନହିତକର କାର୍ଯ୍ୟ କରିବା ସହ ଓଡ଼ିଶାର ଜାତୀୟ ରାଜପଥକୁ ନୂଆରୂପ ଦେଇ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ହିନ୍ଦୋଳ ବିଜେଡି କାର୍ଯ୍ୟାଳୟରେ ତାଙ୍କ ତୈଳଚିତ୍ର ସ୍ଥାନ ପାଇବା ସହିତ ପୂଜା ପାଇବେ ବୋଲି ସାହୁ ଘୋଷଣା କରିଥିଲେ।

■ ଅନୁଗୋଳରେ ସେକ୍ସ ରାକେଟ୍ ଠାବ ଘଟଣା

# ୪ ଗିରଫ, ଅନ୍ୟମାନଙ୍କୁ ଖୋଜୁଛି ପୁଲିସ

ଅନୁଗୋଳ, ୨୨।୩(ସମିସ): ଅନୁଗୋଳ ଦୁର୍ଗାବିହାର ଅଞ୍ଚଳରେ ସେକ୍ସ ରାକେଟ୍ ଠାବ ହେବା ପରେ ପୁଲିସ ତଦନ୍ତ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ସହର ଉପକଣ୍ଠ କୁରୁଡୋଳର ସୁଧୀରସାହୁ(୨୮), କାମାକ୍ଷାନଗରରସୁମନ ଷେଣ୍ଠ (୨୮), ନିଶା ଥାନା ଗୋଳାବନ୍ଧ ଗାଁର ଶୁଭମ ବିଶ୍ୱାଳ (୨୨) ଓ ଲିଙ୍ଗରାଯୋଡ଼ିର ଜଗଜୀବନ ପଟ୍ଟନାୟକ (୪୪)।

ସୂଚନା ଅନୁସାରେ, ଗୁରୁବାର ରାତିରେ ସୁଧୀର ଝାଡ଼ଖଣ୍ଡର ଜଣେ ୨୬ ବର୍ଷୀୟ ଯୁବତୀଙ୍କୁ ଆଣି ଆଣି ତାଙ୍କ ଘରେ ରଖିଥିଲେ। ସେହି ରାତିରେ ୬ ଯୁବକଙ୍କୁ ଯୁବତୀଙ୍କ ପାଖକୁ ପଠାଇଥିଲେ। ସମସ୍ତେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସୁଧୀର ନିଜେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଥିଲେ। କିନ୍ତୁ ଯୁବତୀ ଜଣଙ୍କ ଟଙ୍କା ମାଗିବାରୁ ସେମାନଙ୍କ ଭିତରେ ବିବାଦ ଆରମ୍ଭ ହୋଇଥିଲା। ଏହି ସମୟରେ ସୁଧୀର ଯୁବତୀଙ୍କୁ ଠେଲିଦେବାରୁ ସେ ତଳେ ପଡ଼ି ଆହତ ହୋଇଥିଲେ। ପରେ ଯୁବତୀଜଣଙ୍କ ସେଠାରୁ ଚାଲିଯାଇ ନିକଟସ୍ଥ ଏକ ଘରେ ଆଶ୍ରୟ ନେଇଥିଲେ। ଶୁକ୍ରବାର ଏ ନେଇ ଯୁବତୀ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ମିଳିବାରୁ ସେମାନଙ୍କ ଡାକ୍ତରୀ ମାଇନା କରାଯିବା ପରେ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

■ ନିମ୍ନମାନର କାର୍ଯ୍ୟ

# ଭୁଶୁଡ଼ି ପଡ଼ିଲା ରେଲ୍‌ୱେ ଅଣ୍ଡରପାସ୍

ଢେଙ୍କାନାଳ, ୨୨।୩(ସମିସ): ନିମ୍ନମାନର କାର୍ଯ୍ୟ ଯୋଗୁଁ ସଦର ବ୍ଲକ ଗୋବିନ୍ଦପୁର ଯୋରନ୍ଦା ରୋଡ୍ ରେଳ ଷ୍ଟେସନ ନିକଟରେ ଥିବା

● ୫ ଗ୍ରାମବାସୀଙ୍କ ଯାତାୟାତରେ ବାଧାପ୍ରାପ୍ତ



ରେଳବିଭାଗ ଅଣ୍ଡରପାସ ଭୁଶୁଡ଼ି ପଡ଼ିଛି। ତେବେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଗ୍ରାମବାସୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଗୋବିନ୍ଦପୁର ଛକରୁ ଗହମଖୁଣ୍ଟି, କପିଳାସ, କାଇମାଟି ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଏହି ରାସ୍ତା ସଂଯୋଗ କରୁଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ସେଠାରେ ଏକ ଅଣ୍ଡରପାସ ନିର୍ମାଣ କରାଯାଇଛି। ଏହି ଅଣ୍ଡରପାସ ଦେଇ ବହୁ ଲୋକ ଯାତାୟାତ କରୁଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ହଠାତ ଏକ ସାଇଡ ୱାଲ ଭାଙ୍ଗିଯାଇଥିଲା। ସାଇଡ୍ ୱାଲରୁ କଂକ୍ରିଟ ଖଣ୍ଡ ଖସିବା ସହ ମାଟିଗୁଡ଼ିକ ଅଣ୍ଡରପାସ ତଳେ ଗଦା ହୋଇଯାଇଥିଲା। ତେବେ ଠିକାଦାର ରାତାରାତି ମାଟି ଉଠାଇ ଘଟଣାକୁ ଲୁଚାଇବାକୁ ଉଦ୍ୟମ କରିଥିଲେ। ସୂଚନା ପାଇ ରେଳ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିଥିବା ଜଣାପଡ଼ିଛି।

# ଜିଲ୍ଲା ଏଡିଇଓ ସଂଘର ନୂତନ କର୍ମକର୍ତ୍ତା



ଢେଙ୍କାନାଳ, ୨୨।୩(ସମିସ): ସ୍ଥାନୀୟ ଏକ ହୋଟେଲରେ ଜିଲ୍ଲା ଏଡିଇଓ ସଂଘର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ସଂଗଠନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଜିଲ୍ଲା ସଂଘ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ମଳୟ କୁମାର ସାହୁ, ସମ୍ପାଦକ ଭାବେ ରୁଦ୍ର ପ୍ରସାଦ ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ସୁଜିତ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସଭାପତି ପ୍ରଭାତ ତିୱାରୀ, ସମ୍ପାଦକ ସଂଗ୍ରାମ ସିଂ, କୋଷାଧ୍ୟକ୍ଷ ଦେବାଶିଷ ରାଉତ, ଉପସଭାପତି ସୁରେଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସମ୍ପାଦକ ଡ. ଅଜୟକୁମାର ଜେନାଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭାପତି ଏବଂ ସମ୍ପାଦକମାନେ ଉପସ୍ଥିତ ଥିଲେ।

# ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

ଗଁଦିଆ, ୨୨।୩(ସମିସ): ଢେଙ୍କାନାଳ ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକ ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଙ୍କିରା ସରପଞ୍ଚ ରଞ୍ଜୁଲତା ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷକ ହେମନ୍ତ କୁମାର ବ୍ରହ୍ମ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଶୋକ ପତି, ପୂର୍ବତନ ସରପଞ୍ଚ ଅଜୟ କୁମାର ଧୀର, ପୁରାତନ ଛାତ୍ର ସଂସଦ ସଭ୍ୟ ମନୋଜ କୁମାର ବ୍ରହ୍ମ, ନାରାୟଣ ସିଂ, ରଞ୍ଜନ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ସୁମତୀ ନାଏକ, ସଂଘମିତ୍ରା ସାମଲ, ସାଇଶ୍ରୀ ବାରିକ, ସୁମିତ୍ରା ରାଉଳ, ଆହୁତି ପଣ୍ଡିତ, ନିରୁପମା ସାହୁ, ପୀତାମ୍ବର ଦଳେଇ, ଅଞ୍ଜଳି ବ୍ରହ୍ମ, ଇସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ବ୍ରହ୍ମ ଖେଳନା କିଭଳି ମଣିଷ



ଜୀବନ ସହ ଜଡ଼ିତ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜସେବୀ ପତି ସଂସ୍କୃତି ପରମ୍ପରା ଓ ଖେଳନା କିଭଳି ଆମ ଜୀବନ ସହ ଜଡ଼ିତ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱରଚିତ କବିତା ପାଠ କରି ସଂସ୍କୃତି ଖେଳନାର ଭବିଷ୍ୟତ ଦିଗ ଉପରେ ଆଲୋକପାତ କରାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଥଯାତ୍ରା, ହୋଲି, ମକରସଂକ୍ରାନ୍ତି, ପଣାସଂକ୍ରାନ୍ତି, ଗୋପାଳ ଲଉଡ଼ି ଖେଳ, କୁମାରପୂର୍ଣ୍ଣିମା, ରଜ, ମାଣବସା ଗୁରୁବାର, ଦଶହରା, ରକ୍ଷାବନ୍ଧନ, ଚିତାଲାଗି ଅମାବାସ୍ୟା ଆଦି ସମ୍ପର୍କରେ ଚିତ୍ରାଙ୍କନ ସହ ଅଭିନୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ ନୃତ୍ୟ, ପାରମ୍ପରିକ ଆଦିବାସୀ ନୃତ୍ୟ, ଜଗନ୍ନାଥ ଗୀତିକା, ଗୀତାପାଠ, ସ୍ୱାଗତିକା ଗୀତିକା ମଧ୍ୟ ଅଭିନୟ କରାଯାଇଥିଲା।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଢେଙ୍କାନାଳ, ୨୨।୩(ସମିସ)

ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ପାଇଁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ମନୋନୀତ କରାଯାଇଥିଲା। ପ୍ରଥମ ସୋପାନରେ ୧୮-୨୫ ବର୍ଷ ବୟସରେ 'ମାଇଁ ଭାରତ' ପୋର୍ଟାଲରେ ଅପଲୋଡ୍ କରିଥିବା ଭିଡିଓରୁ ୧୫୦ଜଣ ଯୁବପ୍ରତିଭାଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କୁ ନେଇ ୨ ପର୍ଯ୍ୟାୟରେ ୨୦ ଓ ୨୨ ତାରିଖ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଢେଙ୍କାନାଳ ଏବଂ ଦ୍ୱିତୀୟ ଦିବସରେ ଅନୁଗୋଳ ଜିଲ୍ଲା ପାଇଁ କାର୍ଯ୍ୟକ୍ରମ କରାଯାଇଥିଲା। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା, ମହାବିଦ୍ୟାଳୟର




ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ନେହରୁ ଯୁବକେନ୍ଦ୍ର ଢେଙ୍କାନାଳ ଜିଲ୍ଲା ଯୁବ ଅଧିକାରୀ ବାସୁଦେଓ ଦାସ, କାର୍ଯ୍ୟକ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର, ସମାଜସେବୀ ସରୋଜ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅମୃତ କୁମାର ସେଠ, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ଇଂରାଜୀ ବିଭାଗ ସହକାରୀ ଅଧ୍ୟାପକ ଆଦିତ୍ୟ ମେହେର ଏବଂ ସମାଜସେବୀ ସରୋଜ କୁମାର ଶତପଥୀ ଯୋଗଦେଇ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପାଇଁ ଶତାଧିକ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରି ୧୦ଜଣଙ୍କୁ ଚୟନ କରିଥିଲେ। ନୋଡାଲ ଅଧିକାରୀ ତଥା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ଉଇଲସନ୍ ଉଦ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମ ପାଇଁ ନୋଡାଲ ସେଣ୍ଟର କରିଥିବାରୁ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଓ ଯୁଥ୍ ଅଫିସର ଅଜିତ୍ ଖୁସ୍‌ୱାହାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଛ ଟଙ୍କା ମାଗିବାରୁ ଯୁବତୀଙ୍କୁ ହତ୍ୟା

ମାଲକାନଗିରି/ମାଥିଲି,୨୨।୩(ସମିସ): ଭାଗ ପୋଖରୀରୁ ମାଛ ଚୋରି କଲେ। ମାଛ ବାବଦ ଟଙ୍କା ମାଗିବାରୁ ଯୁବତୀକୁ ଟାଙ୍ଗିଆରେ ହାଣିଦେଲେ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ମହୁପଦର ଗ୍ରାମରେ ଆଜି ଏପରି ଏକ ଆପରାଧିକ



ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଲକ୍ଷ୍ମୀ କଲାର (୨୩)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଜଣେ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଲକ୍ଷ୍ମୀ ଗାଁର ଏକ ପୋଖରୀରେ ମାଛ ଚାଷ କରିଥିଲେ। ତେବେ ଗ୍ରାମର ଜଣେ ବ୍ୟକ୍ତି ସେଠାରୁ ମାଛ ଚୋରି କରି ନେଇଥିବା ଜାଣି ଲକ୍ଷ୍ମୀ ଗତକାଲି ରାତିରେ ତାଙ୍କ ଘରକୁ ଯାଇଥିଲେ। ଚୋରି କରିଥିବା ମାଛ ବାବଦ ଟଙ୍କା ଦେବାକୁ ସେ ଉକ୍ତ ବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଟଙ୍କାଦେବା ବଦଳରେ ଓଲଟି ଗାଳିଗୁଲଜ କରିବାରୁ ଲକ୍ଷ୍ମୀ ଫେରି ଆସିଥିଲେ। ତେବେ ଆଜି ସକାଳେ ଘରେ ଲକ୍ଷ୍ମୀ ଲୁଗା ଶୁଖାଉଥିବା ବେଳେ ହଠାତ୍ ସମ୍ପୃକ୍ତ ବ୍ୟକ୍ତି ଆସି ତାଙ୍କ ମୁଣ୍ଡକୁ ଏକ ଟାଙ୍ଗିଆରେ ଚୋଟ ପକାଇଥିଲା। ଲକ୍ଷ୍ମୀ ତଳେ ପଡ଼ିଯିବା ପରେ ପାଖରେ ବାସନ ମାଜୁଥିବା ତାଙ୍କ ସାନ ଭଉଣୀ ଦେଖି ପାଟି କରିବାରୁ ଗାଁ ଲୋକ ପହଞ୍ଚିଥିଲେ। ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀଙ୍କୁ ମାଥିଲି ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୁଲିସ୍ ମହୁପଦର ଗ୍ରାମର ଜଣେ ଯୁବକକୁ ଅଟକ ରଖି ପଚରାଉଚରା କରୁଛି।

## ବିଜେପି ରାୟଗଡ଼ାରେ ଆତଙ୍କରାଜ ଚଳାଇଛି : ବିଜେଡି

ଭୁବନେଶ୍ୱର,୨୨।୩(ସମିସ): ସବ୍‌କା ସାଥ୍ ସବ୍‌କା ବିକାଶର ନାରା ଦେଇ ବିଜେପି ରାଜ୍ୟରେ କ୍ଷମତା ହାସଲ କରିଛି; ହେଲେ ରାୟଗଡ଼ା ବିଜେପି ଜିଲ୍ଲା ସଭାପତି ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଧମକ ଚମକ ଦେଇ ମୋଟା ଅଙ୍କର ମାସିକ ଚାନ୍ଦା ଆଦାୟ ଆରମ୍ଭ କରିଛନ୍ତି। ଗତ ପ୍ରାୟ ମାସେ ତଳେ ନିଯୁକ୍ତି ହୋଇଥିବା ବିଜେପି ଜିଲ୍ଲା ସଭାପତି ଚାନ୍ଦା ମାଗି ଏକ ପ୍ରକାରର ଆତଙ୍କରାଜ ସୃଷ୍ଟି କରିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।



■ ଚାନ୍ଦା ନ ଦେଲେ ଅଫିସରଙ୍କୁ ଜିଲ୍ଲାରୁ ବିଦା କରାଯାଉଛି

■ ସୁନା ଦୋକାନ, ମିଲ ଓ ଶିକ୍ଷରୁ ଚାନ୍ଦା ଆଦାୟ ହେଉଛି

ନିବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଛନ୍ତି ଯେ ବିଜେପି ରାୟଗଡା ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଗତ କିଛିଦିନ ହେଲା ଜିଲ୍ଲାର ବ୍ୟବସାୟୀଙ୍କଠାରୁ ଜୋରଜବରଦସ୍ତ ଭାବେ ଚାନ୍ଦା ଦାବି କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ସୁନା ଦୋକାନୀଙ୍କ ଠାରୁ ଏକ ଲକ୍ଷ, ମିଲରଙ୍କ ଠାରୁ ଦୁଇ ଲକ୍ଷ ଓ ଶିକ୍ଷାନୁଷ୍ଠାନରୁ ପାଞ୍ଚ ଲକ୍ଷ ଟଙ୍କା ଦାବି କରୁଛନ୍ତି। ଏହି ଚାନ୍ଦା ଟଙ୍କା ନ ଦେଲେ ତାଙ୍କ ବ୍ୟବସାୟ ବନ୍ଦ କରି ଦିଆଯିବ ବୋଲି ଧମକ ଦେଉଛନ୍ତି। ଶ୍ରୀ ଆନନ୍ଦ ନିଜେ ଜଣେ ଓକିଲ ଓ ସେ ସର୍ବୋଚ୍ଚ ନ୍ୟାୟାଳୟରେ ଓକିଲାତି କରୁଥିବା ଦାବି କରୁଛନ୍ତି। ଆନନ୍ଦଙ୍କ ଏହି ଆଚରଣରେ ଅତିଷ୍ଠ ହୋଇ ରାୟଗଡ଼ାର ବ୍ୟବସାୟ ସଙ୍ଘ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବୋଲି ପ୍ରଦୀପ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଜିଲ୍ଲା ବିଜେପି ସଭାପତି କିଛି ଦିନ ତଳେ ରାୟଗଡାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାବ୍ୟତୀତ ସେ ଅନ୍ୟ ସରକାରୀ ଅଧିକାରୀଙ୍କୁ ମଧ୍ୟ ଧମକ ଚମକ ଦେଉଛନ୍ତି। ଓଡିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ, ଏଭଳି ଆଚରଣ ଗ୍ରହଣୀୟ ନୁହେଁ। ବ୍ୟବସାୟୀ ବନ୍ଧୁ ମାନେ ରାଜ୍ୟ ସରକାରଙ୍କ ନିକଟରେ ନିଜର ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ରାଜ୍ୟ ସରକାର ଯେପର୍ଯ୍ୟନ୍ତ ତାଙ୍କ ପତ୍ରର ଜବାବ ଦେଇ ନାହାନ୍ତି, ବିଜେପିର ଆତଙ୍କରାଜ ବିରୋଧରେ ବିଜୁ ଜନତା ଦଳ ଜବାବ ଦେବ ଓ ଭୟର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ବ୍ୟବସାୟ ସଙ୍ଘ କରିଥିବା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେବା ସହିତ ଏଥିରେ ସମ୍ପୃକ୍ତ ଥିବା ବିଜେପି ନେତା ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ ମାଝୀ ଦାବି କରିଛନ୍ତି।

■ ବାଲିଆ କଲେଜ ଛାତ୍ରୀ ଅସଦାଚରଣ ଘଟଣା

## ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକଙ୍କୁ କୋର୍ଟ ଚାଲାଣ

ଯାଜପୁର,୨୨।୩(ସମିସ): ବରୀ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟର ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅର୍ଥନୀତି ବିଭାଗ ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ କୋର୍ଟ ଚାଲାଣ କରିଛି। ବରୀ ପୁଲିସ ଅଧ୍ୟାପକ ଶ୍ରୀ ଧଳଙ୍କୁ ଗୁଜୁରାଟର ସୁରଟ ଅଞ୍ଚଳରୁ ଗିରଫ କରିଥିଲା। ଏକ ସ୍ୱତନ୍ତ୍ର ଟିମ୍ ସହାୟତାରେ ଆଜି ଯାଜପୁର ଏସଡିଜେଏମଙ୍କ କୋର୍ଟରେ ହାଜର କରିଥିଲା ପୁଲିସ। ତାଙ୍କ ଜାମିନ ନାମଞ୍ଜୁର ହେବା ପରେ ଯାଜପୁର ସବ୍ ଜେଲକୁ ପଠାଇଦିଆଯାଇଛି। ସେ ଜାନୁଆରୀ ୬ ତାରିଖରୁ ଦୁଇ ମାସ ଧରି ଫେରାର ଥିଲେ। ଏହାକୁ ନେଇ ନାନା ବିଶୃଙ୍ଖଳା ଓ ଆନ୍ଦୋଳନ ଦେଖାଯିବା ପରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ପୂର୍ବରୁ ଅଧ୍ୟକ୍ଷ ଓ ତାଙ୍କ ସହଯୋଗୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ସୂଚନା ମୁତାବକ, ଅଭିମନ୍ୟୁ ସାମନ୍ତସିଂହାର କଲେଜର ଜଣେ ଛାତ୍ରୀ ତାଙ୍କୁ ଅର୍ଥନୀତି ବିଭାଗ ଅଧ୍ୟାପକ ବିଦ୍ୟାଧର ଧଳ ଅସଦାଚରଣ କରିଥିବା ନେଇ ବରୀ-ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଧ୍ୟାପକଙ୍କ ଗିରଫ ଦାବିରେ ବିକ୍ଷୋଭ କରାଯାଇଥିଲା। ଅଧ୍ୟାପକଙ୍କୁ ସୁରକ୍ଷା ଦେଉଥିବା ଅଧ୍ୟକ୍ଷଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଏହି ଘଟଣାକୁ ଗୁରୁତ୍ୱ ଦେଇଥିଲେ। ଏଭଳି ସମ୍ବେଦନଶୀଳ ଘଟଣାରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବରୀ-ରାମଚନ୍ଦ୍ରପୁର ଥାନା କାର୍ଯ୍ୟକୁ ବରୀ ବିଜେଡି ପକ୍ଷରୁ ଅଚଳ କରି ଦିଆଯିବ ବୋଲି ବିଧାୟକ ଶ୍ରୀ ମଲ୍ଲିକ ପୁଲିସ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଘଟଣାକୁ ଗୁରୁତ୍ୱ ଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯିବା ସହ ଛାତ୍ରୀଙ୍କୁ



ଅସଦାଚରଣ କରିଥିବା ଅଭିଯୁକ୍ତ ତଥା ଅର୍ଥନୀତି ବିଭାଗର ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରିବା ପାଇଁ ବରୀ-ରାମଚନ୍ଦ୍ରପୁର ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀ ଶ୍ରୀ ଧଳଙ୍କୁ ଗିରଫ କରିବାକୁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଉଦ୍ୟମ ଜାରି ରଖିଥିଲେ। ମଙ୍ଗଳବାର ବରୀ ଓ ଯାଜପୁର ପୁଲିସର ମିଳିତ ସହଯୋଗରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ସୁରଟରୁ ଗିରଫ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପତ୍ନୀ ଓ ତିନି...

ହସ୍ପିଟାଲ ନେଇଥିଲା। ହେଲେ ତିନି ସନ୍ତାନଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିବା ପରେ ପୁଲିସ ସମସ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ଅନ୍ୟପକ୍ଷରେ ପୁଲିସ ହେପାଜତରେ ଯୋଗେଶଙ୍କ ପତ୍ନୀଙ୍କ ଚିକିତ୍ସା କରାଯାଉଛି। ଯୋଗେଶ ଏହି କାଣ୍ଡ ଘଟାଇବା ପରେ ପ୍ରଥମେ ସେ ହିଁ ପଡୋଶୀଙ୍କୁ ଖବର ଦେଇଥିଲେ। ଏହା ଶୁଣି ପଡ଼ୋଶୀ ହତବାକ୍ ହୋଇଯାଇଥିଲେ । ତେବେ କେଉଁ କାରଣ ପାଇଁ ଯୋଗେଶ ଏଭଳି କାଣ୍ଡ ଭିଆଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଅଭିଯୁକ୍ତ ଯୋଗେଶ ସହାରନପୁର ବିଜେପି ଜିଲ୍ଲା କାର୍ଯ୍ୟକାରିଣୀର ସଦସ୍ୟ ବୋଲି ଜଣାପଡ଼ିଥିଲା ବେଳେ ସେ କିଛି କାରଣ ପାଇଁ ଗତ କିଛି ମାସ ହେଲା ମାନସିକ ଚିନ୍ତାରେ ରହିଥିଲେ ବୋଲି କୁହାଯାଉଛି। ତେବେ ପୁଲିସ ଘଟଣାର ଯାଞ୍ଚ ଆରମ୍ଭ କରିଥିବାରୁ ଆଗକୁ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

## ଆମେରିକାରୁ ପୁଣି...

ହେବ। ଏମାନେ ୨୦୨୨ ଅକ୍ଟୋବରରୁ ଆମେରିକାରେ ରହୁଛନ୍ତି।

ହୋମଲାଣ୍ଡ ସିକ୍ୟୁରିଟିର ସଚିବ କ୍ରିଷ୍ଟି ନୋଇମ କହିଛନ୍ତି ଯେ ଏହି ପ୍ରବାସୀ ନାଗରିକ ଆର୍ଥିକ ପ୍ରାୟୋଜକଙ୍କ ମାଧ୍ୟମରେ ଦୁଇ ବର୍ଷ ପାଇଁ କାମ କରିବାକୁ ଆସିଥିଲେ। ଏବେ ଏହି ପ୍ରବାସୀଙ୍କ ଆଇନଗତ ସୁରକ୍ଷା ରଦ୍ଦ କରିବା ପାଇଁ ନୋଟିସ ଜାରି କରାଯାଇଛି। ଏପ୍ରିଲ ୨୪ରୁ କିମ୍ବା ନୋଟିସ ଜାରି ହେବାର ୩୦ ଦିନ ମଧ୍ୟରେ ସେମାନେ ବୈଧାନିକ କ୍ଷମତା ହରାଇବେ। ଏହି ନୂଆ ନୀତି ଦ୍ୱାରା 'ହ୍ୟୁମାନିଟାରିଆନ ପାରୋଲ ପ୍ରୋଗ୍ରାମ' ଦ୍ୱାରା ଆମେରିକା ଆସିଥିବା ବିଦେଶୀ ନାଗରିକ ପ୍ରଭାବିତ ହେବେ। ତେବେ ମୋଟ କେତେ ଲୋକଙ୍କ ପାଖରେ ଆଇନଗତ ସୁରକ୍ଷା ରହିଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ୩ କୋଟି ସରକାରୀ...

ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ, କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ୍ ପୋଡ଼ାପଦର ଓ ତଳନାଗି ପଞ୍ଚାୟତ ପିଇଓ ଦେବାନନ୍ଦ ସାଗର। ୩ କୋଟି ୨୬ ଲକ୍ଷ ୮ ୭ ହଜାର ଶହେ ଟଙ୍କା ସରକାରୀ ଅନୁଦାନ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଧରିଥିଲା।

ଦେବାନନ୍ଦଙ୍କ କାରନାମା ଶୁଣିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ସରପଞ୍ଚଙ୍କ ଡିଜିଟାଲ ଦସ୍ତଖତ ବ୍ୟବହାର କରି ସେ ସରକାରୀ ଅନୁଦାନକୁ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିବା ପରେ ସେଥିରେ ଜୁଆ ଖେଳୁଥିଲେ। ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଆସିବା ପରେ ସେ 'ଫ୍ଲେୟାର ପ୍ଲେ' ନାମକ ଏକ ଆପ୍ ଜରିଆରେ ଜୁଆ ଖେଳୁଥିଲେ। ଭିଜିଲାନ୍ସର ତଦନ୍ତ ଅନୁଯାୟୀ, ସେ ପୋଡ଼ାପଦର ପଞ୍ଚାୟତର ୧ କୋଟି ୫୫ ଲକ୍ଷ ୭୫୮ ଟଙ୍କା ଏବଂ ତଳନାଗି ପଞ୍ଚାୟତର ୧କୋଟି ୭୧ଲକ୍ଷ ୮ ୬ହଜାର ୩୪୨ ଟଙ୍କା ଆତ୍ମସାତ୍ କରିଛନ୍ତି। ୨୦୧୮ ମେ'ରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ଏହି ଟଙ୍କା ଆତ୍ମସାତ୍ ହୋଇଛି। ଏନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଶନିବାର ଅପରାହ୍ଣରେ ଭବାନୀପାଟଣାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ କୋରାପୁଟ ଭିଜିଲାନ୍ସ ଏସ୍‌ପି ପିକେ ପଣ୍ଡା ଏହି ସୂଚନା ଦେଇଛନ୍ତି। ଏହି ଘଟଣାର ଏବେ ବି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଏଥିରେ ଯେଉଁମାନେ ବି ସମ୍ପୃକ୍ତି ରହିଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ୨୦୨୩ମସିହାରେ ଥୁଆମୂଳ ରାମପୁର ବ୍ଲକ ବଡ଼ଛତ୍ରଙ୍ଗ, ବିରିକୋଟ ଓ ଲାଞ୍ଜିଗଡ଼ ବ୍ଲକର ପାହାଡ଼ପଦର ଆଦି ୩ଟି ପଞ୍ଚାୟତରେ ସମ୍ପୃକ୍ତ ପିଇଓ ସାଗର କାର୍ଯ୍ୟରତ ଥିବା ବେଳେ ୧ କୋଟି ୪ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେ ନିଲମ୍ବିତ ରହିଥିଲେ। ଏବେ ନିଲମ୍ବିତ ପିଇଓ ପୁଣି ଟଙ୍କା ଆତ୍ମସାତ କରିବା ଚର୍ଚ୍ଚାର ବିଷୟ ହୋଇଛି। ସରକାରୀ ଅର୍ଥ ହେରଫେର କରିଥିବା ଦେବାନନ୍ଦଙ୍କ ବିରୋଧରେ ୨୦୨୨ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମକଦ୍ଦମା ରୁଜୁ ହୋଇଥିଲା। ୨୦୨୩ରେ ଆଉ ୨ଟି କେସ୍ ରୁଜୁ ହୋଇଥିଲା। ତେବେ ଏଥି ପୂର୍ବରୁ ଦେବାନନ୍ଦ ଆତ୍ମହତ୍ୟା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ।

ଥୁଆମୂଳ ରାମପୁର ବ୍ଲକର ବିରିକୋଟ ପଞ୍ଚାୟତର ୩୪ ଲକ୍ଷ ୯ ୭ ହଜାର ୪୨୦ ଟଙ୍କା ଏବଂ ବଡ଼ଛତରଙ୍ଗ ପଞ୍ଚାୟତର ୨୨ ଲକ୍ଷ ୭ ୬ ହଜାର ୧୦୮ ଟଙ୍କା ବିଭିନ୍ନ ବାଟରେ ହେରଫେର ହୋଇଥିଲା। ଏ ନେଇ ସମସ୍ତେ ଚୁପ ରହିଥିଲେ। ସେ ସମୟରେ କ୍ୟାସ୍ ରେକର୍ଡ ନ ଥିବା ବେଳେ ମିଥ୍ୟା କ୍ୟାସ୍‌ବୁକ୍ ପ୍ରସ୍ତୁତ କରି କାମ ଚଳାଯାଉଥିବା ଭିଜିଲାନ୍ସର ତଦନ୍ତ ପରିସରକୁ ଆସିଥିଲା। ଏହି ଘଟଣା ସମ୍ପର୍କରେ ସରପଞ୍ଚ ଓ ବିଡିଓଙ୍କୁ ଅନ୍ଧାରରେ ରଖି ଦେବାନନ୍ଦ ଏଭଳି କାର୍ଯ୍ୟ କରୁଥିବା ଭିଜିଲାନ୍ସ ଜାଣିପାରିବା ସତ୍ତ୍ୱେ ତଦନ୍ତ କାହିଁକି ଆଗକୁ ବଢ଼ିନଥିଲା ବୋଲି ପ୍ରଶ୍ନ ଉଠିଛି। ଏହି ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ପ୍ରମୋଦ ଆଇନ୍ଦଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଗତକାଲି ସମାନଧରଣର ଏକ ଘଟଣାରେ ଗଂଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ରାଧାଦେଇପୁର ପଞ୍ଚାୟତର ପିଇଓ କ୍ଷେତ୍ରମୋହନ ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ସେ ସରପଞ୍ଚଙ୍କ ଜାଲ୍ ଦସ୍ତଖତରେ ପାଖାପାଖି ୪୩ ଲକ୍ଷ ସରକାରୀ ଟଙ୍କା ଉଠାଇବା ପରେ ସେଥିରେ କ୍ରିକେଟ୍ ବେଟିଂ କରିଥିଲେ।

## ବିନୋଦ ଶୁକ୍ଲାଙ୍କୁ...

ପ୍ରତିମା ଓ ପ୍ରଶଂସାପତ୍ର ପୁରସ୍କାର ଭାବେ ପ୍ରଦାନ କରାଯାଇଥାଏ। ତେବେ ଦେଶର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ଭାବେ ଏହି ପୁସ୍କାର ନିମନ୍ତେ ମନୋନୀତ ହୋଇଥିବାରୁ ବିନୋଦ କୁମାର ଖୁସି ବ୍ୟକ୍ତ କରିଥିବା ବେଳେ ଏଭଳି ସମ୍ମାନ ପାଇବେ ବୋଲି ସେ କେବେ ଭାବିନଥିବା କହିଛନ୍ତି। ସେ ତାଙ୍କ ଲେଖନୀ ପରିଚାଳନା କରିବା ସମୟରେ କୌଣସି ପୁରସ୍କାର କିମ୍ବା ସମ୍ମାନ ପାଇବା କଥା ଚିନ୍ତା କରିନ ଥାଆନ୍ତି। କିନ୍ତୁ ଦେଶର ସର୍ବୋଚ୍ଚ ସମ୍ମାନ ପାଇଁ ତାଙ୍କ ନାମ ଘୋଷଣା କରାଯାଇଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି କହିଛନ୍ତି।

## ଜନସଂଖ୍ୟା ଏକମାତ୍ର...

ପୁନଃନିର୍ଦ୍ଧାରଣ ବୈଠକକୁ ଏକ ଭିଡ଼ିଓ ସମ୍ବୋଧନ କରି ନବୀନ ଏହି ମତବ୍ୟକ୍ତ କରିଛନ୍ତି।

ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି ଯେ ଜନସଂଖ୍ୟା ନିୟନ୍ତ୍ରଣ ଓ ସ୍ଥିରୀକରଣ ପାଇଁ ବହୁତ ଭଲ କାମ କରିଥିବା ରାଜ୍ୟ ଗୁଡ଼ିକରେ ବସବାସ କରୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ତଥା ଅଧିକାର ସୁନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ଆମ ଦେଶର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏଜେଣ୍ଡା। ରାଜ୍ୟମାନଙ୍କ ହସ୍ତକ୍ଷେପରେ ଏହି ଜାତୀୟ ଏଜେଣ୍ଡାକୁ ବିକେନ୍ଦ୍ରୀକୃତ କରାଯାଇଥିଲା ଓ ବର୍ଷ ବର୍ଷ ଧରି କେନ୍ଦ୍ର ସରକାର ଏହାକୁ ଉଚ୍ଚ ପ୍ରାଥମିକତା ଦେଇଥିଲେ। ରାଜ୍ୟଗୁଡ଼ିକ ମଧ୍ୟ ନିଜସ୍ୱ ପଦକ୍ଷେପ ନେବା ସହ ଏହି ଜାତୀୟ ଏଜେଣ୍ଡାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କେରଳ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ଓଡ଼ିଶା ପରି ରାଜ୍ୟଗୁଡ଼ିକ ଏହି କ୍ଷେତ୍ରରେ ବହୁତ ସଫଳ ହୋଇଛନ୍ତି। ଯଦି ଏହି ରାଜ୍ୟଗୁଡ଼ିକ ଜନସଂଖ୍ୟାକୁ ସ୍ଥିରୀକରଣ କରିବା ଦିଗରେ ନିଜର ଲକ୍ଷ୍ୟ ହାସଲ କରି ନ ଥାନ୍ତେ, ତାହେଲେ ଆଜି ଭାରତରେ ଜନସଂଖ୍ୟା ବିସ୍ଫୋରଣ ହୋଇଥାନ୍ତା ଯାହା ଆମର ବିକାଶମୂଳକ ପ୍ରଗତିକୁ ପଥଚ୍ୟୁତ କରିଥାନ୍ତା ବୋଲି ନବୀନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ ଏକ ସକରାତ୍ମକ ଜାତୀୟ ଏଜେଣ୍ଡା ପ୍ରତି ଏହା ଆମର ଅବଦାନ । ମାତ୍ର କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ କରାଗଲେ ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି, ସେମାନଙ୍କ ପ୍ରତି ଅନ୍ୟାୟ ହେବ। ଯଦି ୨୦୨୬ ମସିହାର ଆନୁମାନିକ ଜନସଂଖ୍ୟା ସଂଖ୍ୟାକୁ ବିଚାରକୁ ନିଆଯିବ, ତାହେଲେ ଆମେ ଉଭୟ ଲୋକସଭା ଏବଂ ବିଧାନସଭାରେ ଆସନ ହରାଇବୁ। ଓଡ଼ିଶାବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ଯାହା ଆବଶ୍ୟକ ତାହା କରିବ। ଅତଏବ ଆମ ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ୍ ନୁହେଁ ବୋଲି ଆମର ମତ । ଦ୍ୱିତୀୟତଃ କେନ୍ଦ୍ର ସରକାର ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ସହିତ ଏନେଇ ବିସ୍ତୃତ ଆଲୋଚନା କରି ଦ୍ୱନ୍ଦ୍ୱ ଦୂର କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ଆଜିର ବୈଠକ ଆୟୋଜନ କରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ, କେ ଷ୍ଟାଲିନଙ୍କୁ ନବୀନ ଧନ୍ୟବାଦ୍ ଜଣାଇଛନ୍ତି। ଭିଡିଓର ପ୍ରାରମ୍ଭରେ ନବୀନ ବୈଠକରେ ଉପସ୍ଥିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଜେଡି ପକ୍ଷରୁ ବୈଠକରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଓ ଡ. ଅମର ପଟ୍ଟନାୟକ ଯୋଗ ଦେଇଥିଲେ।

ବୈଠକରେ ଅଧ୍ୟକ୍ଷତା କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ କହିଛନ୍ତି ଯେ, ଯଦି କେବଳ ଜନସଂଖ୍ୟାକୁ ଆଧାର କରି ସଂସଦୀୟ କ୍ଷେତ୍ରର ସୀମା ପୁନଃ ନିର୍ଦ୍ଧାରଣ କରାଯାଏ ତେବେ ସମସ୍ତ ଦକ୍ଷିଣ ଭାରତୀୟ ରାଜ୍ୟ ସହ ଅନ୍ୟ ବିକାଶଶୀଳ ରାଜ୍ୟଗୁଡ଼ିକ ରାଜନୈତିକ ଦୃଷ୍ଟିକୋଣରୁ ଶକ୍ତିହୀନ ହୋଇପଡିବେ। ଏହାଛଡା ଆଗାମୀ ଦିନରେ ଏହିସବୁ ରାଜ୍ୟ କେନ୍ଦ୍ର ନିକଟରେ ନିଜର ସ୍ୱର ଉତ୍ତୋଳନ କରିବା ଓ ଅଧିକାର ଦାବିକ୍ଷେତ୍ରରେ ମଧ୍ୟ ଦୁର୍ବଳ ହୋଇପଡିବେ । ତେଣୁ କୌଣସି ସ୍ଥିତିରେ ଆମେ ଆମର ସଂସଦୀୟ ପ୍ରତିନିଧିତ୍ୱରେ ଆଞ୍ଚ ଆଣିବାକୁ ଦେବୁ ନାହିଁ ବୋଲି ଷ୍ଟାଲିନ କହିଛନ୍ତି। ସେହିପରି କେରଳ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନ କହିଥିଲେ ଯେ, କୌଣସି ରାଜ୍ୟ ସହ ଆଲୋଚନା ନ କରି କେନ୍ଦ୍ର ସରକାର ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସାମ୍ବିଧାନିକ ନୁହେଁ। ବରଂ କେନ୍ଦ୍ର ସରକାର କେବଳ ରାଜନୈତିକ କାରଣରୁ ସଙ୍କୁଚିତ ମନୋଭାବ ନେଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାକୁ ଆମେ କଦାଚିତ ଗ୍ରହଣ କରିବୁ ନାହିଁ । ସେହିପରି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରମୁଖ ମଧ୍ୟ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିବା ସହ ନିଜ ରାଜ୍ୟର ସ୍ୱାର୍ଥ ପ୍ରସଙ୍ଗ ଉଲ୍ଲେଖ କରିବା ସହ ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ସୀମା ପୁନଃନିର୍ଦ୍ଧାରଣ ବନ୍ଦ କରିବାକୁ ଦାବି ରଖିଛନ୍ତି।

## ଉଡ଼ାଇ, ବୁଡ଼ାଇ...

ବ୍ୟତୀତ ଶନିବାର ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱର ସମେତ ଖୋର୍ଦ୍ଧା, ବ୍ରହ୍ମପୁର ଆଦି ସହରେ ମଧ୍ୟ ବର୍ଷା ଦେଖିବାକୁ ମିଳିଛି। ଏହି ସମୟରେ ଛତ୍ରପୁରରେ ୬୨ ମିମି, ବ୍ରଜରାଜନଗରରେ ୩୨୦ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି।

କାଳବୈଶାଖୀ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇ ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସି ଆସିଛି। ସେହିପରି ଉପକୂଳ ଓଡ଼ିଶାର ଅଧିକାଂଶ ସହରରେ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ହ୍ରାସ ହୋଇଛି। ବାଲେଶ୍ୱରରେ ଶୁକ୍ରବାର ତାତି ୩୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଶନିବାର ଏହା ୨୨.୪ ଡିଗ୍ରୀକୁ ଖସି ଆସିଛି। ସେହିପରି ଚାନ୍ଦବାଲିରେ ୩୫.୬ରୁ ୨୬.୬, ଭୁବନେଶ୍ୱରରେ ୩୪.୫ରୁ ୨୫.୪କୁ ହ୍ରାସ ପାଇଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ଓ ଧୀରେ ଧୀରେ ପୁଣି ତାପମାତ୍ରା ବୃଦ୍ଧି ପାଇବ। ୨୮ ପରେ ପୂର୍ବଭଳି ତାତି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ରବିବାର ବର୍ଷାର ପରିମାଣ ଅଧିକାଂଶ ସ୍ଥାନରେ କମିଯିବ। ରବିବାର ପରେ ୨୪ ତାରିଖ ଯାଏଁ ରାଜ୍ୟରେ କିଛି ସ୍ଥାନରେ କାଁ ଭାଁ କାଳବୈଶାଖୀ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ସରପଞ୍ଚ କରିବେ...

ବ୍ଲକସ୍ତରରେ କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ଗ୍ରାମୀଣ ଗୃହ, ଶୌଚାଳୟ ସଂକ୍ରାନ୍ତ ପ୍ରକଳ୍ପ ନିମନ୍ତେ ବାଲିର ଆବଶ୍ୟକତା ସମ୍ପର୍କରେ ସଂପୃକ୍ତ ବ୍ଲକର ବିଡିଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବେ। ଏହାପରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନୂତନ କରି ଗଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ କମିଟି ଆଗରେ ଏହି ଆବଶ୍ୟକତା ଉପସ୍ଥାପନ କରିବେ।

ଅପରପକ୍ଷେ ସମାନ ଭାବେ ପଞ୍ଚାୟତସ୍ତରରେ ଏକ କମିଟି ଗଠନ କରାଯିବ। ଏହି କମିଟିରେ ସରପଞ୍ଚ ଅଧ୍ୟକ୍ଷ ରହିବେ ଓ ଥିବାବେଳେ ବାଲି ଉତ୍ସର ଥିବା ୱାର୍ଡର ୱାର୍ଡ ମେମ୍ବର, ଜିପିଏଲଏଫ ଅଧ୍ୟକ୍ଷା, ସଂପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ବିଡ଼ିଓଙ୍କ ଦ୍ୱାରା ମନୋନୀତ ଜଣେ ବ୍ଲକ କର୍ମଚାରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ସଦସ୍ୟ ରହିବେ। କମିଟିର ଅଧ୍ୟକ୍ଷ ଭାବେ ସରପଞ୍ଚ ସଂପୃକ୍ତ ଅଞ୍ଚଳର ବାଲି ଉତ୍ସର ଲିଜ ଡିଜ ପ୍ରକ୍ରିୟା କାର୍ଯ୍ୟନ୍ୱୟନ କରିବାକୁ କ୍ଷମତାପ୍ରାପ୍ତ ରହିବେ। ବାଲି ଉତ୍ସର ପରିଚାଳନା ପାଇଁ ଗ୍ରାମ ପଞ୍ଚାୟତସ୍ତରୀୟ କମିଟି ଆଉଟସସୋର୍ସିଂ ଭାବେ କର୍ମଚାରୀ ନିଯୁକ୍ତ କରିବ। ରେଜିଷ୍ଟର ପରିଚାଳନା ପାଇଁ ଜଣେ ଆକାଉଣ୍ଟାଣ୍ଟ-କମ୍- ଡିଇଓ ଓ ବାଲି ଉତ୍ସ ନିରୀକ୍ଷଣ ପାଇଁ ଦୁଇଜଣ ସୁରକ୍ଷା କର୍ମୀ ନିଯୁକ୍ତି ପାଇବେ। ଏମାନଙ୍କର ପାରିଶ୍ରମିକ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ଥିରୀକୃତ ହେବ ଓ ସଂପୃକ୍ତ ଅଞ୍ଚଳରୁ ବାଲି ଉତ୍ସର ପରିଚାଳନାରୁ ପ୍ରାପ୍ତ ରାଜସ୍ୱରୁ ଏହି ପାରିଶ୍ରମିକ ପ୍ରଦାନ କରାଯିବ। ପଞ୍ଚାୟତସ୍ତରରେ ବିଭିନ୍ନ ଲାଭାର୍ଥୀ ସମ୍ପର୍କିତ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ପାଇଁ ଆବଶ୍ୟକୀୟ ବାଲି ସମ୍ପର୍କରେ ବ୍ଲକ ଦ୍ୱାରା ନିଯୁକ୍ତ କର୍ମଚାରୀ ବିଡିଓଙ୍କୁ ଅବଗତ କରିବେ। ପଞ୍ଚାୟତସ୍ତରରେ ଲାଭାର୍ଥୀଙ୍କୁ ମିଳିବାକୁ ଥିବା ବାଲିକୁ ବିଡିଓ ମଞ୍ଜୁର କରିବେ ଓ ସମସ୍ତ ବାଲିର ଚାଲାଣ ପ୍ରକ୍ରିୟା ଆଇଫୋର୍‌ଏମଏସ ମାଧ୍ୟମରେ ସମ୍ପାଦିତ କରାଯିବ।

ବର୍ତ୍ତମାନ ସମୟରେ ବାଲି ଚୋରା ଚାଲାଣ ଏବଂ ଆବଶ୍ୟକତାରୁ ଉତ୍ତୋଳନ ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ବିଗତ କିଛି ବର୍ଷ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାଲି ମାଫିଆମାନେ ସକ୍ରିୟ ଥିବାବେଳେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି। ପ୍ରଶାସନର ନିଷ୍କ୍ରିୟତା କାରଣରୁ ସରକାର ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ବିଧାନସଭାରେ ଏବଂ ବିଧାନସଭା ବାହାରେ ଏନେଇ ବିଜେଡି ପକ୍ଷରୁ ଉଦବେଗ ପ୍ରକାଶ ପାଇବା ପରେ ସରକାର ଚେତିଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସରକାରଙ୍କ ସୂଚନା ଅନୁଯାୟୀ ଗତ ୧୧ ମାସରେ ବାଲି ଚୋରିରେ ସଂପୃକ୍ତ ପ୍ରାୟ ୩୮ ୯୫ଟି ଗାଡ଼ିକୁ ଜବତ କରାଯାଇଛି ଓ ୪୦ କୋଟି ୭୩ ଲକ୍ଷ ଟଙ୍କା ଜରିମାନା ଭାବରେ ଆଦାୟ ହୋଇଛି।


**AFFIDAVIT**

By virtue of an affidavit sworn before Mrs. Raina Naik, Executive Magistrate, Bhubaneswar, dated 19th March, 2025 Vide Sl No.35 dt. 19/03/2025. I, **B.Tulasi**, W/o- B. Lingaraja, Near Jhadeswari Temple, Bapuji Nagar, PO- Bapuji Nagar, Bhubaneswar, PS- Capital, Dist- Khordha, Odisha-751009, declare that I have changed my Son's name from **B. Giri to B. Giri Sethi**, Henceforth, my son shall be known as **B. Giri Sethi** for all purposes. **B.TULASI**

**AFFIDAVIT**

I, Manish Gurjar, W/o- Nitin Panjabrao Gurjar, resident of A402, Krishna Enclave, Sarbahal, Po/Ps- Jharsuguda, Odisha, Pin- 768201 declare by this affidavit No. 02 dtd- 21/03/2025 that now onward, I shall be known as **Manisha Nitin Gurjar** for all future purposes.

**AFFIDAVIT**

By virtue of an affidavit sworn before Mrs. Raina Naik, Executive Magistrate, Bhubaneswar, dated 19th March, 2025 Vide Sl No.33 dt. 19/03/2025. I, **B. Lingaraja**, S/o- B. Chandraya, Near Jhadeswari Temple, Bapuji Nagar, PO- Bapuji Nagar, Bhubaneswar, PS- Capital, Dist- Khordha, Odisha-751009, declare that I have changed my name from **B. Lingaraja to B. Lingaraja Sethi**, Henceforth, I shall be known as **B. Lingaraja Sethi** for all purposes. **B. LINGARAJA SETHI**

**AFFIDAVIT**

I, Zakir Hussain, S/o- Md Salamat Hussain resident of At- Plot No. 187, Saheed Nagar, PO/PS- Saheed Nagar, Bhubaneswar, Dist- Khordha, Pin- 751007, Odisha. Declare by this affidavit No. 65, dated- 10/03/2025 that now onwards I shall be known as **MD ZAKIR HUSSAIN** for all future purposes.

**AFFIDAVIT**

By virtue of an affidavit shown before The Executive Magistrate Baripada, Vide Affidavit No - 1700, dated 19/03/2025. I YUDHISTHIRA NAIK, S/o- Late Surendranath Naik, Address At- Orachandabilla, Po- Orachandabilla, PS - Betnoti, Mayurbhanj, Odisha, Pin Code - 757103 declare that, I have changed my name form Yudhisthhir Naik (old name ) to YUDHISTHIRA NAIK (new name). Henceforth, I shall be Known as YUDHISTHIRA NAIK (new name) for all purpose. **Sd/- YUDHISTHIRA NAIK**

**AFFIDAVIT**

I, Mohammad Hanif, S/o- Wazu Mohammed, resident of Vill- Jairampur, PO- Kood, PS- Salipur, Dist- Cuttack, Pin- 754221 declared by this affidavit No. 1021, dtd- 18/03/2025 that now onwards I shall be known as **Mohammed Hanif** for all future purposes.

**AFFIDAVIT**

By virtue of an Affidavit in the Court of Executive Magistrate, Jajpur No.1910 dt.04.03.2025 I Manaranjan Sahoo, S/o Dinabandhu Sahoo, vill- Belarpur, PO- Debidwar, PS- Jajpur, Dist- Jajpur state that my actual name is Manaranjan Sahoo but wrongly mentioned in my son's Birth Certificate No. 02025817510 as M Sahoo. Hence Manaranjan Sahoo and M. Sahoo belong to one and same person.

**AFFIDAVIT**

By virtue of an affidavit sworn In the court of Executive Magistrate, Bhogarai, Balasore dated 13.03.2025 I, Bhabani Singha, D/o- Pradeep Singha, At. Nafrai, Po. Sankhari, PS. Bhogarai, Dist. Balasore, Odisha, PIN. 756037 declare that I have changed my name from Monalisha Singha to Bhabani Singha. Henceforth, I shall be known as Bhabani Singha every where for all purposes.

**AFFIDAVIT**

I, **Rama Chandra Barik**, aged about 29 yrs, S/o.: Chaitanya Barik, resident of Phandi Colony, PPL Township, Paradip, P.S.: Paradip Model, Dist.: Jagatsinghpur, Odisha, PIN- 754145 declare by this affidavit No.: 886, dtd.: 03.03.2025 that now onwards my fathers name shall be known as **Chaitanya Barik** instead of Chaitany Barik for all future purposes.

**AFFIDAVIT**

I, Manjiree Gurjar, D/o Nitin Panjabrao Gurjar, resident of A402, Krishna Enclave, Sarbahal, Po/Ps Jharsuguda, Odisha, Pin- 768201 declare by this affidavit No. 08 dtd- 19/03/2025 that now onward, I shall be known as **MANJIREE NITIN GURJAR** for all future purposes.

**AFFIDAVIT**

I, Manjiree Nitin Gurjar, D/o- Nitin Panjabrao Gurjar, resident of A402, Krishna Enclave, Sarbahal, Po/Ps- Jharsuguda, Odisha, Pin- 768201 declare by this affidavit No. 11 dtd- 21/03/2025 that now onward, I shall be known as **Manjiree Gurjar** for all future purposes.

**ODISHA HYDRO POWER CORPORATION LTD.** CAD-2912

(A Government of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL)

UPPER KOLAB HYDRO ELETRIC PROJECT

AT/PO: BARINIPUT, DIST: KORAPUT – 764006, ODISHA

PHONE: - (06854)242001 (O), FAX: - (06854) 242038

E-mail: sgmel.ukhep@gmail.com

**TENDER CALL NOTICE NO UKHEP- 36/24-25, DATED. 20/03/25**

Sealed tenders are invited in TWO PARTS i.e. (1) Technical Bid & (2) Price Bid in separate sealed envelopes from Registered agencies/contractors having valid contract labour license, valid registration with EPF, ESI, PAN, GST Regn. For the work mentioned below by engaging Un-skilled and Semi-skilled workmen on job contract basis for a period of 01(One) calendar year.

| Description of work | Cost of tender paper in Rs (Non-Refundable) | EMD in Rs. (Refundable) |
|---|---|---|
| Job Contract for Annual Operation & Maintenance work of water supply system for a period of 12 months, UKHEP, Bariniput. | 7080/- (Rs.6000/-+18% GST) | 23,500/- |

The sale of Tender Paper will be from : 10:00 Hrs of 26/03/25 to 11.00 Hrs of 05/04/25

The last date & time of receipt of Tender : 12.00 Hrs of 05/04/2025

The date and time of opening of Tender : 12.30 Hrs of 05/04/2025

For details of tender documents, Terms & conditions, downloading, please visit our website www.ohpcltd.com.

C & P Head,
Upper Kolab H.E.Project,
Bariniput

OIPR-04002/11/0062/2425












# ପ୍ରଣମ୍ୟ ରମାକାନ୍ତ

ସମକାଳୀନ ଓଡ଼ିଆ କବିତାର ଧୁରୀଣ ବିନ୍ଧାଣି ପଦ୍ମଭୂଷଣ କବି ରମାକାନ୍ତ ରଥ । ଓଡ଼ିଆ କବିତାରେ ସେ ସୃଷ୍ଟି କରିଥିଲେ ଏକ ନୂଆ ଯୁଗ । ଭାରତୀୟ ପୁରାଣ, ପରମ୍ପରା ଓ ଆଧୁନିକତାର ସମନ୍ୱୟରେ ତାଙ୍କ କବିତା ସମୃଦ୍ଧ । ସାତ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କର ସାଧନାମଗ୍ନ ଜୀବନ ଓଡ଼ିଆ କବିତାକୁ ଦେଇଛି ନୂଆ ଦିଶା । ରମାକାନ୍ତଙ୍କ କବିତାର ଭାବ, ଭାଷା, ଶୈଳୀ ସବୁଥିରେ ରହିଛି ସ୍ୱାତନ୍ତ୍ର୍ୟ । ଜୀବନାନୁଭବ ଓ ସୌନ୍ଦର୍ଯ୍ୟାନୁଭବର କମନୀୟ ପରିପ୍ରକାଶ ତାଙ୍କ କବିତାକୁ କରିଛି ଅଧିକ ଲୋକପ୍ରିୟ ଓ ପ୍ରାଣବନ୍ତ । ଆଜି କବି ସଶରୀରରେ ନାହାନ୍ତି ସତ, ହେଲେ ତାଙ୍କ କବିତାର କମନୀୟ ପଦପଙ୍କ୍ତି ସବୁବେଳେ ସ୍ପନ୍ଦିତ ହେଉଥିବ ଅଗଣିତ ରସପିପାସୁ କାବ୍ୟମୋଦି ପାଠକଙ୍କ ହୃଦୟରେ । 'ଶ୍ରୀରାଧା'ର ପ୍ରିୟ କବି, ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ସମର୍ପିତ 'ସୃଜନିକା'ର ଏଇ ସ୍ୱତନ୍ତ୍ର ଫର୍ଦ୍ଦ ।

## ଓଡ଼ିଆ କବିତାର ଯୁଗ ପ୍ରବର୍ତ୍ତକ

**ଶାନ୍ତନୁ କୁମାର ଆଚାର୍ଯ୍ୟ**

ରମାକାନ୍ତ ରଥ ମୋ' ଠାରୁ ବୟସରେ ଦେଢ଼ ବର୍ଷ ସାନ । ତାଙ୍କର ୧୯୩୪ ଡିସେମ୍ବରରେ ଜନ୍ମ, ମୋର ୧୯୩୩ ମସିହା ମେ' ମାସରେ ଜନ୍ମ । କଟକ ରେଭେନ୍ସା କଲେଜରେ ପଢ଼ିବା ବେଳେ ସେ ଆମ ତଳ ଶ୍ରେଣୀରେ ପଢୁଥିଲେ । ସେ ଜଣେ ଖୁବ୍ ଉଦ୍‌ଯୋଗୀ ପିଲା ଥିଲେ । ତେବେ ବିଶେଷ କଥାବାର୍ତ୍ତା କରୁ ନଥିଲେ, ଚୁପ୍‌ଚାପ ରହୁଥିଲେ । ସେ ରେଭେନ୍ସା କଲେଜରେ ଛାତ୍ର ସଂସଦର ସଭାପତି ହୋଇଥିଲେ । ଇଂରାଜୀରେ ଏମ୍.ଏ. ପାସ୍ କରିବା ପରେ କିଛି ବର୍ଷ ସେ ଅଧ୍ୟାପକ ଥିଲେ । ତା'ପରେ ଆଇ.ଏ.ଏସ୍. ହୋଇଥିଲେ । ସେ ଜଣେ ଅଗ୍ରଗଣ୍ୟ କାବ୍ୟିକ ସ୍ରଷ୍ଟା ଥିଲେ । ଅଧ୍ୟାପକ ଥିବା ସମୟରେ ତାଙ୍କର କେତେକ ଲେଖା ଖବରକାଗଜରେ ପ୍ରକାଶ ପାଉଥିଲା । ବିଶେଷ କରି 'ଝଙ୍କାର' ପତ୍ରିକାରେ ପ୍ରକାଶ ପାଉଥାଏ । ସେ ଲେଖାଗୁଡ଼ିକ ପଢ଼ିବା ପରେ ମନେ ହେଉଥାଏ ଯେ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ ପ୍ରମୁଖ ଟି.ଏସ୍. ଇଲିୟଟ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକଙ୍କ ପରେ ଓଡ଼ିଆ କବିତାରେ ରମାକାନ୍ତ ରଥ ଏକ ନୂଆ ଯୁଗ ସୃଷ୍ଟି କରିଥିଲେ । ତାହା ବେଶ୍ ଗୃହୀତ ହୋଇଥିଲା । କବିତାରେ ତାଙ୍କର ଉପମା ଦେବାର ଶୈଳୀ ଥିଲା ବେଶ୍ ନିଆରା । ତାଙ୍କ ସହିତ ମୋର ଘନିଷ୍ଠ ସଂପର୍କ ଥିଲା । ଅତି ଅନ୍ତରଙ୍ଗ ଭାବେ ତାଙ୍କ ସହିତ ମିଶିଛି । ଆମ ଚିନ୍ତାଧାରାରେ କେତେକ ସାମଞ୍ଜସ୍ୟ ରହିଛି । ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ନିଶ୍ଚୟ । ■

## ଓଡ଼ିଆ କବିତାର ଶିଖର ପୁରୁଷ: ରଥାରୋହୀ ରମାକାନ୍ତ

**ବିଭୂତି ପଟ୍ଟନାୟକ**

ରମାକାନ୍ତ ରଥଙ୍କୁ ଦେଖିବା ଆଗରୁ ତାଙ୍କ 'ଚେଙ୍ଗିଜ୍ ଖାଁ' କବିତା ପଢ଼ି ମୁଁ ତାଙ୍କର ଭକ୍ତ ହୋଇଯାଇଥିଲି । ୧୯୫୨ ମସିହା 'ଆସନ୍ତାକାଲି'ରେ ଏ କବିତାଟି ପ୍ରକାଶିତ ହୋଇଥିଲା । ମୁଁ ସେତେବେଳେ ଜଗତସିଂହପୁର ଶ୍ରୀକୃଷ୍ଣ ଏକାଡେମୀର ଥିଲି ଦଶମ ଶ୍ରେଣୀର ଛାତ୍ର । 'ଚେଙ୍ଗିଜ୍ ଖାଁ କବିତାଟି ମୋତେ ଅପୂର୍ବ ମନେ ହୋଇଥିଲା । କବି ଇତିହାସ ବହିର ପୃଷ୍ଠାରୁ ଉଠାଇ ଆଣି 'ଚେଙ୍ଗିଜ୍ ଖାଁ'ଙ୍କୁ ଜନ ଅଦାଲତର କାଠଗଡ଼ାରେ ଛିଡ଼ା କରାଇଦେଇଛନ୍ତି ।

କଲେଜରେ ପଢ଼ିବା ପାଇଁ କଟକ ଆସିଲି । ରମାକାନ୍ତ ରଥଙ୍କ ସହ ଦେଖାହେଲା । କିନ୍ତୁ 'ଚେଙ୍ଗିଜ୍ ଖାଁ' କବିତା କାହିଁକି ତାଙ୍କର କୌଣସି କବିତା ସଂକଳନରେ ନାହିଁ, ଏକଥା ତାଙ୍କୁ ପଚାରିବା ପାଇଁ ମୋର ସାହସ ହୋଇ ନ ଥିଲା । ପ୍ରତିମାସ ପ୍ରଥମ ସପ୍ତାହରେ ଇଂଲିଶ୍ ମାଗାଜିନ୍ କିଣିବା ପାଇଁ ମୁଁ କଟକ ଯାଉଥିଲି । ଥରେ 'କାରାଭାନ' ଓ 'ମିରର୍' ପତ୍ରିକା ଦୁଇଟି କିଣି ଫେରି ଆସିବାକୁ ବସିଥିବାବେଳେ ରମାକାନ୍ତ ବାବୁ ଦେଖାହେଲେ । କହିଲେ, 'କାରାଭାନ', 'ମିରର୍' ସହିତ ତୁମେ 'ଏନ୍‌କାଉଣ୍ଟର' ପତ୍ରିକା ମଧ୍ୟ କିଣିକରି ପଢ଼ । 'ଏନ୍‌କାଉଣ୍ଟର' ପତ୍ରିକାର ସମ୍ପାଦକ ଥିଲେ ବିଖ୍ୟାତ କବି ଷ୍ଟିଫେନ୍ ସ୍ପେଣ୍ଡର୍ । ଏହିପରି ଭାବରେ ରମାକାନ୍ତ ବାବୁ ମୋତେ ନିୟମିତ ଏନ୍‌କାଉଣ୍ଟର କିଣି ପଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ । ସେତେବେଳେ ରମାକାନ୍ତ ବାବୁ ଇଂଲିଶ୍ ସାହିତ୍ୟରେ ରେଭେନ୍‌ସାରେ ଏମ୍.ଏ. ପଢୁଥିଲେ । ଆଇଏଏସ୍ ପାଇଲା ପରେ ରମାକାନ୍ତ ବାବୁ ଅଧ୍ୟାପନା ଛାଡ଼ି କଟକରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟରେ ଯୋଗ ଦେଲେ । 'ଝଙ୍କାର'ରେ ପ୍ରକାଶିତ ତାଙ୍କର 'ପ୍ରଥା ବିରୋଧୀ' କବିତାଟି ପ୍ରକାଶିତ ହୋଇଥିଲା । ପ୍ରମୋସନ୍ ପାଇବା ପରେ ତାଙ୍କର କଟକରୁ ବଦଳି ହୋଇଗଲା । ସରକାରୀ କ୍ୱାର୍ଟର୍ ଛାଡ଼ିବା ବେଳେ ମୋତେ ଡକାଇ ପଠାଇଲେ । ମୁଁ ତାଙ୍କ ସରକାରୀ ବାସଭବନରେ ପହଞ୍ଚିଲା ପରେ ମୋତେ କହିଲେ- ଏ ଯେଉଁ ଇଂଲିଶ୍ ପେପର ଜମା ହୋଇଛି, ଏଗୁଡ଼ାକ ସମୟ କଟାଇବା ପାଇଁ ମୁଁ କିଣି ପଢୁଥିଲି । ତୁମେ ଏଥିମଧ୍ୟରୁ ଯେଉଁ ବହି ଗୁଡ଼ିକ ପଢ଼ିବାକୁ ଚାହୁଁଛ, ନେଇଯାଅ । ମୁଁ ଦୁଇ ତିନିଟି ବହି ବାଛି ସାରିବା ପରେ, ସେ ନିଜ ତରଫରୁ ଜର୍ମାନୀ ଔପନ୍ୟାସିକ ଗୁଣ୍ଟର୍ ଗ୍ରାସ୍‌ଙ୍କ 'ଟିନ୍ ଡ୍ରମ୍' ବହିଟି ଆଣି ବଢ଼ାଇଦେଲେ । କହିଲେ, ଏ ବହିଟି ତୁମକୁ ଉପନ୍ୟାସ ଲେଖିବା ପାଇଁ ସାହାଯ୍ୟ କରିବ । ମୁଁ ଗୁଣ୍ଟର ଗ୍ରାସ୍‌ଙ୍କ 'ଟିନ୍ ଡ୍ରମ୍' ବହିଟି ଆଣିଲି । ୧୦ରୁ ୧୨ ପୃଷ୍ଠା ପଢ଼ିସାରିଲା ପରେ କିଛି ବୁଝି ନ ପାରି ଥୋଇ ଦେଇଥିଲି । କିନ୍ତୁ ତା'ର ପରବର୍ତ୍ତୀ ବର୍ଷ 'ଟିନ୍ ଡ୍ରମ୍' ନୋବେଲ ପୁରସ୍କାର ପାଇଲା । ମୁଁ ବୁଝି ପାରିଲି ରମାକାନ୍ତ ବାବୁଙ୍କର ଆନ୍ତର୍ଜାତିକ କଥାସାହିତ୍ୟରେ କେତେ ଗଭୀର ପ୍ରବେଶ ଥିଲା । କଥା ହେଉଛି ଭିନ୍ନ ଏକ ଉଚ୍ଚତାକୁ ନେଇ ଗଲା ପରେ ଗଳ୍ପ ଉପନ୍ୟାସ ମଧ୍ୟ ଉଚ୍ଚତା ଆରୋହରଣ କରିଥାଏ । ରମାକାନ୍ତ ବାବୁ କେବଳ ମୋତେ ନୁହେଁ, ବହୁ ତରୁଣ ଲେଖକ ଲେଖିକାଙ୍କୁ ପଛ ଧାଡ଼ିରୁ ଉଠାଇ ଆଣି ଆଗ ଧାଡ଼ିରେ ବସାଇ ଦେଇଥିଲେ । ସେ ଅଜାତଶତ୍ରୁ ନ ଥିଲେ, କିନ୍ତୁ ଶତ୍ରୁମାନଙ୍କୁ ନିଜର ରକ୍ଷଣଶୀଳ, ଉଦାର ଦୃଷ୍ଟିଭଙ୍ଗୀରେ ବିଚାର କରି ସେମାନଙ୍କୁ ପରମବନ୍ଧୁରେ ପରିଣତ କରି ପାରୁଥିଲେ । ତାଙ୍କର ଏହି ଈଶ୍ୱରୀୟ କବିତ୍ୱ ଯୋଗୁଁ ସେ ପରଶ୍ରୀକାତର ମାନସିକମାନଙ୍କର ବିଷ ଦୃଷ୍ଟିରେ ପଡୁଥିଲେ । କିନ୍ତୁ ପରକୁ ଆପଣାର କରିବା ଯାଦୁ ଜାଣିଥିବା ଯୋଗୁଁ ନିନ୍ଦା, ଅପମାନକୁ ସେ ଖାତିର ନ କରି ସେ ନିଜ ସୃଷ୍ଟି ସାଧନାରେ ଲିପ୍ତ ରହୁଥିଲେ । ସେ ଓଡ଼ିଶା ସରକାରଙ୍କ ଚିଫ୍ ସେକ୍ରେଟେରୀ ଥିବାରୁ ଓଡ଼ିଶାର ଅଧିକ ଲୋକ ତାଙ୍କୁ ଜାଣିଥିଲେ ବୋଲି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ନିଜ ଶ୍ରଦ୍ଧାଞ୍ଜଳିରେ ଉଲ୍ଲେଖ କରିଥିଲେ । ଏଥିରେ କୌଣସି ସତ୍ୟତା ନାହିଁ । ତାଙ୍କ ପୂର୍ବରୁ ଅନେକ ଯୋଗ୍ୟ ଚିଫ୍ ସେକ୍ରେଟେରୀ ଥିଲେ । ତାଙ୍କ ପରେ ମଧ୍ୟ ଯୋଗ୍ୟ ଲୋକ ମୁଖ୍ୟ ଶାସନ ସଚିବ ପଦ ଅଳଙ୍କୃତ କରିଥିଲେ, କିନ୍ତୁ କେନ୍ଦ୍ର ସାହିତ୍ୟ ଅକାଦେମୀର ଦୀର୍ଘ ୮୦ ବର୍ଷର ଇତିହାସରେ ସେ ଜଣେ ମାତ୍ର ଓଡ଼ିଆ ଯିଏ ସଭାପତି ପଦ ଅଧିକାର କରିଥିଲେ । ସରସ୍ୱତୀ ସମ୍ମାନ ପାଇଥିବା 'ଶ୍ରୀରାଧା' ଏବଂ ସାହିତ୍ୟ ଅକାଦେମୀର ସଭାପତି ପଦ ଯୋଗୁଁ ଦେଶ ବିଦେଶରେ ସେ ପରିଚିତ ଏବଂ ପ୍ରତିଷ୍ଠିତ । ସାହିତ୍ୟ କୀର୍ତ୍ତିର ରସାରଣ କରିଥିବା ରମାକାନ୍ତ ଆମ ଭିତରେ ନ ଥିବା ଯେତିକି ସତ୍ୟ, ନ ଥାଇ ମଧ୍ୟ ସେ ରହିଥିବା ଏହିପରି ଅକାଟ୍ୟ ସତ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସେ ଥିଲେ ଶିଖର ପୁରୁଷ । ଆସନ୍ତା ୫୦ ବର୍ଷ ମଧ୍ୟରେ ଅନ୍ୟ କେହି ଏହି ଶିଖର ସ୍ପର୍ଶ କରିବା ସହଜ ବା ସମ୍ଭବପର ହେବ ବୋଲି ମନେ ହେଉନାହିଁ । ■



## ରମାକାନ୍ତଙ୍କ କୃତି ପ୍ରେରଣାପ୍ରଦ

**କେ. ଶ୍ରୀନିବାସ ରାଓ**

ପ୍ରସିଦ୍ଧ ଓଡ଼ିଆ କବି, ବିଦ୍ୱାନ ଏବଂ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ମହତ୍ତର ସଦସ୍ୟ ରମାକାନ୍ତ ରଥ ଆଉ ନାହାନ୍ତି ବୋଲି ଜାଣି ଖୁବ୍ ଦୁଃଖ ଲାଗୁଛି । ତାଙ୍କ କବିତା ଅଗଣିତ ବ୍ୟକ୍ତିଙ୍କୁ ଗଭୀର ଭାବରେ ଆତ୍ମନିରୀକ୍ଷଣ କରିବାକୁ ତଥା ଭୌତିକ ଜଗତ ବାହାରେ ଜୀବନ, ମୃତ୍ୟୁ, ଅସ୍ତିତ୍ୱ ବିଷୟରେ ଜିଜ୍ଞାସା କରିବାକୁ ସାହାଯ୍ୟ କରିଥିଲା । ଏଥିସହ ଅନେକଙ୍କୁ ନିଜ ନିଜର ସାଂସ୍କୃତିକ ମୂଳକୁ ପୁନର୍ବାର ଖୋଜିବା ଏବଂ ପୁନଃଆବିଷ୍କାର କରିବାକୁ ଶକ୍ତି ଦେଇଥିଲା । "ଶ୍ରୀରାଧା" ଏବଂ "ସପ୍ତମ ଋତୁ" ଭଳି ତାଙ୍କର ପ୍ରସିଦ୍ଧ ଏବଂ ଅମର କୃତିଗୁଡିକ ଆତ୍ମ-ଆବିଷ୍କାରର ଯାତ୍ରାରେ ସର୍ବଦା ସାହାଯ୍ୟ କରୁଥିବେ । ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ଶ୍ରୀ ରଥ ଓଡ଼ିଶାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୨୦୦୬ ମସିହାରେ ତାଙ୍କୁ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା । ■

## ପ୍ରେମର ଅଧାମ୍

**ହରପ୍ରସାଦ ଦାସ**

ରମାକାନ୍ତ ରଥଙ୍କ ତିରୋଧାନ ପରର ଶୋକଚ୍ଛାୟାରେ ତାଙ୍କର ସ୍ମୃତିଚାରଣ ପାଇଁ ତାଙ୍କର କାବ୍ୟଯାତ୍ରା ସହିତ ପରିଚିତ ଦୁଇପିଢ଼ିର ଓଡ଼ିଆ କବି ତାଙ୍କର କବିତାକୁ ନିଜନିଜର ମାର୍ଗରେ ସ୍ମରଣ କରୁଚନ୍ତି ଓ ଠାବ କରିବାକୁ ଚାହୁଁଚନ୍ତି ଠିକ୍ କୋଉଠି ତାଙ୍କର କବିତାର ଲୟ ନିର୍ଣ୍ଣାୟକ ଥିଲା । ବିଭିନ୍ନ ଦିଗରୁ ଆରମ୍ଭ ହୋଇଥିବା ସବୁ ଅନ୍ୱେଷଣ "ଶ୍ରୀରାଧା"ରେ ବା ଖୁବ୍ ବେଶିରେ "ଶ୍ରୀ ପଳାତକ" ଯାଏଁ ଆସି ସରିଯିବାରେ ବିସ୍ମିତ ହେବାର ନାହିଁ, କାରଣ ଅନେକ କୋଠରିରେ ବିତରିତ ରମାକାନ୍ତଙ୍କ ଜୀବନଦୃଷ୍ଟିର ଉପାଦାନ ତାଙ୍କ ନିଜ ଜୀବନକୁ ନେଇ ଆଗକୁ ବଢ଼ିବାରେ ସବୁଠୁ ବଡ଼ ଅନ୍ତରାୟ ଥିଲା ତାଙ୍କର ଭୌତିକ ଜୀବନର ସମ୍ପନ୍ନ ସ୍ଥିରତା । ସତେ ଯେମିତି ସେ ତାଙ୍କର ଅନ୍ତଃକରଣରେ ଦୁଃଖୀ, ଅଭାବୀ, ଏକାକୀ, ଅସହାୟ ଓ ପ୍ରେମକାଙ୍ଗାଳ ମଣିଷଟିଏ ହୋଇ ରହିବାକୁ ଚାହୁଁଥିଲେ, କିନ୍ତୁ ଜୀବନ ତାଙ୍କୁ ଦେଇଥିଲା ଶକ୍ତି, ସାମର୍ଥ୍ୟ, ସଫଳତା, ସମ୍ପନ୍ନତା, ରୂପ ଓ ବିଭବ । ନିଜର ଅନ୍ତଃସତ୍ତା ଓ ବହିରାବରଣ ଭିତରେ ଗୋଟେ ଦ୍ୱନ୍ଦ୍ୱାତ୍ମକ ବିରୋଧ ଓ ସମାଧାନ ତାଙ୍କର କବିତା । ଦ୍ୱନ୍ଦ୍ୱ ଥିଲା ପ୍ରେମ ଓ ସମୟ ଭିତରେ । ସମାଧାନ ଥିଲା ମରଣରେ । ପ୍ରେମ, ସମୟ ଓ ମରଣ, ଏହି ତିନି ବାହୁରେ ଘେରା ଯୋଡ଼ିଏ ଚରିତ୍ର ଶ୍ରୀକୃଷ୍ଣ ଓ ଶ୍ରୀରାଧା ତାଙ୍କୁ ମିଳିଥିଲେ ଦ୍ୱାପରରେ । ସେ ନିଜର ପ୍ରାଣପିଣ୍ଡର ବଡ଼ଭାଗ, ତାଙ୍କର ଅନ୍ତଃକରଣର ଝରସର ଭାବ ପାଇଥିଲେ ରାଧାଙ୍କ ଭିତରେ ଓ ତାଙ୍କର ବଳକା ଅଂଶ ଟିକକର ଭଙ୍ଗୁରତା ଓ ନିଲଠା ଟାଣପଣର ସଂକେତ ପାଇଥିଲେ କୃଷ୍ଣଙ୍କ ଭିତରେ । ବସ୍ତୁତଃ ନିଜର ପ୍ରେମ, ସମୟ ଓ ମରଣ ନିଜେ ଭିଆଇ, ତା'ର ବିଡ଼ମ୍ବନା ଓ ବିପୁଳତା ଭୋଗ କରିବାରେ ଥିଲା ତାଙ୍କର ଅନୁପମ କବିତ୍ୱ । ଭାରତୀୟ ସାହିତ୍ୟରେ ଏ କବିତ୍ୱର ପଟାନ୍ତର ନାହିଁ । ଯେଉଁମାନେ ଧର୍ମବୀର ଭାରତୀଙ୍କ "କନୁପ୍ରିୟା"କୁ ତୁଳନୀୟ ମନେକରନ୍ତି ସେମାନେ ବୁଝନ୍ତି ନାହିଁ ଯେ ରମାକାନ୍ତଙ୍କ ରାଧାକୃଷ୍ଣ ଯୋଡ଼ିଏ ଚରିତ୍ର ନୁହଁନ୍ତି, ଏମାନେ ହରାଇବା ଓ ପାଇବାର ଗୋଟିଏ ଦ୍ୱୈତ, ପରସ୍ପର ପରିପୂରକ ଯୋଡ଼ିଏ ମେଟାଫର! ବସ୍ତୁତଃ ପାଇବା ଓ ହରାଇବର ଯେଉଁ ଯୋଡ଼ିଏ ପରସ୍ପର ବିଜଡ଼ିତ ଭାବଲୋକ ପାଇଁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ସ୍ମରଣୀୟ, ରମାକାନ୍ତ ରଥ ଥିଲେ ତା'ର ପ୍ରତିନିଧି କବି ! ଭାରତୀୟ କଳ୍ପନାର ସୂତ୍ରରେ ବିଶ୍ୱର ଅଭାବ ଓ ପୂର୍ଣ୍ଣତାକୁ ନିଜ ଭିତରେ ଧରିବାର ଓ ଅଭିବ୍ୟକ୍ତି ଦେବାର ମାନବିକତା ଓ କବିତ୍ୱ ରମାକାନ୍ତ ରଥଙ୍କୁ ଜଣେ ଯୁଗନିର୍ଦ୍ଧାରକ କବି ଭାବରେ ସ୍ମରଣୀୟ କରି ରଖିବ । ■

## ବିନମ୍ର କବି ରମାକାନ୍ତ ରଥ

**ବିଜୟାନନ୍ଦ ସିଂହ**

ପଦ୍ମଭୂଷଣ ରମାକାନ୍ତ ରଥ ଭାରତୀୟ ସାହିତ୍ୟର ବିରଳ ସାରସ୍ୱତ ପ୍ରତିଭା । ସେ ଭାରତୀୟ କାବ୍ୟ ପରମ୍ପରାର ଶିଖର ପୁରୁଷ । ରମାକାନ୍ତ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ହୋଇଥିଲେ ମଧ୍ୟ ସାହିତ୍ୟ ସଂଗଠନରେ ସ୍ୱକୀୟ ଦକ୍ଷତା ପ୍ରତିପାଦନ କରିଛନ୍ତି । ସେ ଓଡ଼ିଶାର ଏକମାତ୍ର ସାରସ୍ୱତ ପ୍ରତିଭା ଯିଏ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଓ ସଭାପତି ପଦ ମଣ୍ଡନ କରି ଓଡ଼ିଆ ଜାତୀୟ ଜୀବନକୁ ଆଲୋକିତ କରିଯାଇଛନ୍ତି । କବିତା ରଚନାରେ ସର୍ବୋତ୍ତମ ସଫଳତା ଲାଭ କରିଥିଲେ ମଧ୍ୟ ସେ ଗଳ୍ପ, ପ୍ରବନ୍ଧ ବି ଲେଖିଛନ୍ତି, ଅନୁବାଦ ବି କରିଛନ୍ତି । ସବୁ ଲେଖାରେ ତାଙ୍କର ବିନମ୍ର ଭାବ ଉପଲବ୍ଧ ହୁଏ । ସେ ବ୍ୟକ୍ତିଗତ ଜୀବନରେ ଯେପରି ସହଜ, ସରଳ, କୋମଳ ମଣିଷ ଥିଲେ, ସାହିତ୍ୟ ରଚନାରେ ମଧ୍ୟ କୋମଳ ଓ ସରଳ ଭାବକୁ ଛୁଇଁ ଥିଲେ । ସେଥିପାଇଁ ସେ ଥରେ ଲେଖିଥିଲେ, "ଶେଷକୁ ସ୍ୱୀକାର କରିବାକୁ ଦ୍ୱିଧା ନାହିଁ ଯେ, ପ୍ରତିଟି ଲେଖା ଲେଖି ସାରିଲା ପରେ ଅନୁଭବ କରେ ହାରିଯାଇଥିବାପରି । ମୋର ସବୁଠୁ ଭଲ କବିତାଟି ଲେଖିପାରିନାହିଁ ।" କବିତାକୁ ନେଇ ନିଜର ଦୃଷ୍ଟି ଓ ଦର୍ଶନକୁ ରମାକାନ୍ତ ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି, ଯାହା ପାଠକଙ୍କୁ ମୁଗ୍ଧ କରାଏ । ରମାକାନ୍ତଙ୍କ ଭାଷାରେ "ଭଲ କବିତାଟିକୁ ପଢ଼ିଲା ମାତ୍ରେ ଆପେ ଆପେ ଚିହ୍ନି ହୋଇଯାଏ । କିନ୍ତୁ ସେ କବିତାଟି କାହିଁକି ଭଲ ହୋଇଛି ବୁଝାଇ କହିବା କଷ୍ଟକର । ଯେଉଁ କବିତା ପଢ଼ିଲା ମାତ୍ରେ ପାଠକ ନିଜକୁ କହିବ ଯେ ଏ କବିତାରେ ତ ମୁଁ ଯାହା ଅନୁଭବ କରିଛି, ତାହା କୁହାଯାଇଛି । ପୁଣି ତା'ର ଭାଷା ବି ମୁଁ କହିବାକୁ ଚାହୁଁଥିବା ଭାଷା । ଏଭଳି କବିତାକୁ ଭଲ କବିତା ବୋଲି ବୁଝିବାକୁ ହେବ । ଏହି କବିତାରେ ପାଠକ କବି ହୋଇଯାଏ; କବି ଓ ପାଠକ ଅଲଗା ଅଲଗା ହୋଇ ରହନ୍ତି ନାହିଁ ।" (ମୁଁ କାହିଁକି ଲେଖେ) ଯଶସ୍ୱୀ କବି ରମାକାନ୍ତ ଯଥାର୍ଥରେ ଏକ ନୂତନ କାବ୍ୟ ଯୁଗର ସ୍ରଷ୍ଟା । ■

## ତମେ ଆଉ ନାହିଁ ବୋଲି ଖବର ଆସିଛି

**ପ୍ରୀତିଧାରା ସାମଲ**

ପ୍ରଗାଢ଼ ଭଲ ପାଇବା ଏବଂ ଏଇ ଭଲ ପାଇବା ମାଧ୍ୟମରେ ମୃତ୍ୟୁକୁ ଉପେକ୍ଷା କରି ଆସୁଥିବା ଆମର ପ୍ରିୟ କବି ରମାକାନ୍ତ ରଥ ଆଉ ନାହାନ୍ତି ବୋଲି ଆସିଥିବା ଖବରକୁ କ'ଣ ବିଶ୍ୱାସ କରାଯାଇପାରେ! ଆମ ସମୟର ସବୁଠାରୁ ଅଧିକ ପଠିତ, ଚର୍ଚ୍ଚିତ, ଆଲୋଚିତ-ସମାଲୋଚିତ ଓ ଲୋକପ୍ରିୟ ପ୍ରଣମ୍ୟ କବି ଯିଏ ଆମ ହାତଧରି କବିତାର କାରୁକାର୍ଯ୍ୟ ଶିଖେଇଚନ୍ତି, ଯିଏ ଓଡ଼ିଆ କବିତାକୁ ସର୍ବଭାରତୀୟ ସ୍ତରରେ ମର୍ଯ୍ୟାଦାଜନକ ସ୍ଥାନରେ ଅଧିଷ୍ଠିତ କରେଇଛନ୍ତି । ନବେ ଦଶକ ପରେ କବିତା ଲେଖୁଥିବା ଆମ ପିଢ଼ିର ସୌଭାଗ୍ୟ ଯେ ଆମେ ତାଙ୍କ ଛାଇରେ ବଡ଼ ହେଇଚୁ, ତାଙ୍କ କବିତା ପଢ଼ି କବିତାର ଉଚ୍ଚାରଣ ଶିଖିଚୁ । ସେ ଶରଶଯ୍ୟାରେ ଶୋଇଥିଲେ, କଷ୍ଟ ପାଉଥିଲେ କିନ୍ତୁ ସେ ଥିଲେ ବୋଲି ଆମ ମଥା ଉପରେ ଆକାଶଟିଏ ଥିଲା । ଏବେ କଳ୍ପନା କରିହେଉନି ରମାକାନ୍ତ ରଥ ନଥିବାର ପୃଥିବୀ କେମିତି ଥିବ । ଏ-୫୦ ଖାରବେଳ ନଗରରୁ ଚିଠି ଆସିବନି । ଏଇ ଠିକଣା ଥିବା କବିତା କୌଣସି ପତ୍ରିକାରେ ଦେଖିବାକୁ ମିଳିବନି । 'କେମିତି ଅଛ' ବୋଲି ଏକ ମଧୁର ଆତ୍ମୀୟ ସ୍ୱର ଶୁଣିବାକୁ ମିଳିବନି ।

ଏକାଧାରରେ ଜଣେ ପ୍ରେମିକ ଓ ସନ୍ନ୍ୟାସୀ, ଜଣେ ସଂସାରୀ ଓ ବୈରାଗୀ କବି ରମାକାନ୍ତ ରଥ ଭାରତୀୟ କାବ୍ୟ ସିଂହାସନର ଅପ୍ରତିହତ ସମ୍ରାଟ, ଶ୍ରେଷ୍ଠ କବି, ଏତେ ଯଶ ଓ ଖ୍ୟାତିର ଅଧିକାରୀ, ଅଥଚ କେତେ ଯେ ବିନୟୀ ଯିଏ ତାଙ୍କ ସଂସ୍ପର୍ଶରେ ଆସିଛି ସେ ଉପଲବ୍ଧି କରିଛି । ସେ ଦେଖିବାକୁ ଗ୍ରୀକ୍ ପୁରାଣର ଜଣେ ଦେବତା ଭଳି । ତାଙ୍କ ଭଳି ସୌମ୍ୟ ସୁଦର୍ଶନ ବ୍ୟକ୍ତିତ୍ୱ ଓ ଲଳିତ କୋମଳ ହୃଦୟ ଥିବା ଅନ୍ୟ ଜଣେ ବ୍ୟକ୍ତି ସମ୍ଭବପର ନୁହେଁ । ଏତେ ଉଦାର, ଏତେ ବିନମ୍ର ଜଣେ ମଣିଷ ହେଇପାରେ ଯିଏ ସଫଳତାର ଶିଖର ଆରୋହଣ କରିଛନ୍ତି, ଯିଏ ରୂପ, ଯଶ ଓ ବିଭବର ଅସପତ୍ନ ଅଧିକାରୀ ଅଥଚ ନିଜ ସହକବିମାନଙ୍କ ପ୍ରତି ଯେତିକି ଶ୍ରଦ୍ଧାଶୀଳ, ଅନୁଜମାନଙ୍କ ପ୍ରତି ମଧ୍ୟ ସେତିକି ସ୍ନେହସିକ୍ତ ।

ନିଜର ପ୍ରାପ୍ତି ଅପେକ୍ଷା ଅନ୍ୟମାନଙ୍କ ପାଇଁ କ'ଣ କରିପାରିବେ ସେଥିପାଇଁ ସର୍ବଦା ବ୍ୟସ୍ତ । କବିତାର ଏକ ଅନତିକ୍ରମଣୀୟ ବିରାଟ ସୌଧ ଗଢ଼ି ସାରିବା ପରେ ମଧ୍ୟ ଅହଂକାର ଯାହାକୁ ସ୍ପର୍ଶ କରିପାରି ନଥିଲା । ଉତ୍ତର ପିଢ଼ିର ସମ୍ଭାବନାମାନଙ୍କୁ ହାତ ଧରି ସାହିତ୍ୟର ରାଜ୍ୟକୁ ନେଇ ଆସିବାର ଦାୟିତ୍ୱ ନିଷ୍ଠାର ସହ ତାଙ୍କ ବ୍ୟତୀତ ଆଉ କେହି ଜଣେ ତୁଲେଇ ପାରି ନାହାନ୍ତି । ତାଙ୍କ ଅନୁପସ୍ଥିତି ଓଡ଼ିଆ ସାହିତ୍ୟ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ।

ଅସହ୍ୟ ଥିଲା କବିଙ୍କୁ ଫଟୋରେ ଫୁଲମାଳରେ ସଜା ହେଇଥିବା ଦେଖିବା । ଅସହ୍ୟ ଥିଲା କବିଙ୍କ ଫଟୋକୁ ଥର ଥର ହାତରେ ପୋଛି ଦେଇ ମାଉସୀ କାନ୍ଦୁଥିବାର ଦୃଶ୍ୟ । କବିଙ୍କ ଶବ ଶୋଭାଯାତ୍ରା ଦେଖିପାରିବିନି ବୋଲି ଗଲିନି ସିନା, ସେ ନଥିବା ଘରେ ଫୁଲମାଳରେ ସଜା ହେଇଥିବା ଆମ ସମସ୍ତଙ୍କର ହିରୋ କବି ରମାକାନ୍ତ ରଥ ଏଇ ଆସିବେ, ଅଗଣାରେ ପଡ଼ିଥିବା ଚେୟାର୍‌ରେ ବସି ପଚାରିବେ, କିଓ କେତେବେଳେ ଆସିଲ? ସେଇ ଅପେକ୍ଷାରେ ବସିବସି ଫେରି ଆସିଲି । ସେ ସେମିତି ଫଟୋରୁ ଚାହିଁଥିଲେ, କିଛି କହିଲେନି । ମୁଁ କ'ଣ ଶେଷ ଥର ପାଇଁ ଯାଇଥିଲି ତାଙ୍କୁ ଘରକୁ?

**" ତମେ ଏବେ ଖୁବ୍ ଦୂରେ, ଏଣିକି ଆମର**
**ଆଉ ଦେଖା ହେବ ନାହିଁ, କିନ୍ତୁ**
**ଯେଉଁଠାରେ ଥାଅ ପଛେ ସେଠାରେ ତମର**
**ପ୍ରତିଦିନ ନିରୁଦ୍‌ବିଗ୍ନ ହେଉ ଓ ପ୍ରତି ରାତିରେ**
**ତମେ ଶୋଇବା ବେଳଠୁଁ ଉଠିବା ପର୍ଯ୍ୟନ୍ତ**
**ସବୁ ଅନ୍ଧକାରାଚ୍ଛନ୍ନ ବାଟଘାଟ ଆଲୋକିତ ହେଉ**
**କଦାପି ଲିଭୁ ନଥିବା ଆଲୋକମାଳାରେ ।" (ସୀମାନ୍ତ ବାସ)** ■

## ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'କୁନି ପ୍ରତିଭାଙ୍କୁ ସୁଯୋଗ ଦେଲେ ଭବିଷ୍ୟତରେ ପ୍ରତିଭାଧାରୀ ହୋଇପାରିବେ'

ଡେରାବିଶ,୨୨।୩(ସମିସ):

କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଗତ ୨୦ ତାରିଖରୁ ଅନୁଷ୍ଠିତ ହୋଇ ଆସୁଥିବା ମଧୁସାଗର ମହୋତ୍ସବର ଗତକାଲି ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଉତ୍ସବରେ ମହୋତ୍ସବ କମିଟିର ସଭାପତି ଡାକ୍ତର ବିଶ୍ୱ ପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟ ଅତିଥିଭାବରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ମଧୁସାଗର ମହୋତ୍ସବର ସମାଜପ୍ରତି ଥିବା ଅନେକ ଶିକ୍ଷଣୀୟ ବାର୍ତ୍ତା ଏବଂ ଗ୍ରାମାଞ୍ଚଳରେ ଥିବା କୁନି ପ୍ରତିଭାମାନଙ୍କୁ ମଞ୍ଚରେ ସୁଯୋଗ ଦେଇ ଉତ୍ସାହିତ କରିବା ଦ୍ୱାରା ସେମାନେ ଭବିଷ୍ୟତରେ ପ୍ରତିଭାଧାରୀ କଳାକାର ହୋଇପାରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଭାସ୍କର ଚନ୍ଦ୍ର ନାୟକ, କବି ଏବଂ ଗୀତିକାର ମାନସୀପ୍ରଭା ସ୍ୱାଇଁ, କେନ୍ଦ୍ରାପଡ଼ା ଡାଏଟ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷା ଅନିମା ବେହେରା, ଅଧ୍ୟାପିକା ବନ୍ଦିତା ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଅରବିନ୍ଦ ଆଚାର୍ଯ୍ୟ, ଇଂ ବିଭୁଦତ୍ତ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ସାହୁ, କିଶୋର ଚନ୍ଦ୍ର ମଲିକ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟିର ସମ୍ପାଦକ ମଦନ ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ମହେଶ୍ୱର ମଣ୍ଡଳ ଓ ଅକ୍ଷୟ କୁମାର ମିଶ୍ରଙ୍କ ସହଯୋଗରେ ସ୍ଥାନୀୟ ବିଣାପାଣି ସଂଗୀତ ସଦନର ଛାତ୍ରୀମାନଙ୍କ ଦ୍ୱାରା ସମବେତ ସଙ୍ଗୀତ ଗାନ କରାଯାଇଥିଲା। ନୃତ୍ୟାଙ୍ଗନା ସୋନୁ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଶିଶୁବିଦ୍ୟାମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ରାଜକନିକାର କୁନି କଳାକାରମାନଙ୍କ ଦ୍ୱାରା ସଙ୍ଗୀତଗାନ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଇଂ ବିଭୁଦତ୍ତ ମିଶ୍ର, ଅଂଚଳର ବୟୋଜ୍ୟେଷ୍ଠ କିଶୋର ମଲିକ, ଜମଧର ସେବା ସମବାୟ ସମିତିର ସମ୍ପାଦକ ବୈରାଗୀ ଚରଣ ସାହୁ, ସମାଜସେବୀ ମାନସୀ ପରିଡ଼ାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଡକ୍ଟର ମୁରଲୀଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନାରାୟଣ ସ୍ୱାଇଁ, ସୁଧାକର ନାୟକ, ଶିଶୁମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର କୁମାର ମହାନ୍ତି, ବସନ୍ତ କୁମାର ଜେନା, ନଗେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ପ୍ରତ୍ୟେକ ପରିବାର ବନ ମହୋତ୍ସବ ପାଳନ କରନ୍ତୁ: ବାବା ବଳିଆ

**ରାଜନଗର,୨୨।୩(ସମିସ):** ସନାତନ ଧର୍ମର ଅନନ୍ୟ ପ୍ରବକ୍ତା ଆଧ୍ୟାତ୍ମିକ ଗୁରୁ ପଦ୍ମଶ୍ରୀ ବାବା ବଳିଆ ମଦନପୁରଠାରେ ଆୟୋଜିତ ଧର୍ମସଭାରେ ଯୋଗଦେଇ ପ୍ରତ୍ୟେକ ପରିବାର ବନ ମହୋତ୍ସବ ପାଳନ କରିବା ଉଚିତ ବୋଲି କହିଛନ୍ତି।ବିଶ୍ୱ ତାପନ ଯୋଗୁଁ ମାନବ ସମାଜ ଆଗାମୀ ଦିନରେ ଭୟଙ୍କର ବିପତି ସମ୍ମୁଖୀନ ହେବାକୁ ଯାଉଛି। ଗଛଟିଏ ଲଗାଇ ଏହାର ଯତ୍ନ ନିଜ ପିଲାଙ୍କ ଭଳି ନେବା ଉଚିତ। ପ୍ରତ୍ୟେକ ପରିବାର ଏକ ସାମାଜିକ ବନ୍ଧନ ଠାରୁ ଦୂରେଇ ରହି ବ୍ୟକ୍ତି କେନ୍ଦ୍ରିକ ହେବା ଯୋଗୁ ପରିବାରରେ ଶାନ୍ତି ଭଙ୍ଗ ହେଉଛି। ସମୟ ଆସିଛି ପ୍ରତ୍ୟେକ ପରିବାରରୁ ଗୋଟିଏ ସୂତାରେ ବାନ୍ଧି ଶାନ୍ତି, ମୈତ୍ରୀ, ଭାତୃତ୍ୱ ବନ୍ଧନରେ ଆବଦ୍ଧ ହେବାକୁ ହେଲେ ଈଶ୍ୱର ବିଶ୍ୱାସୀ ହୁଅ ଏବଂ ସତସଙ୍ଗ କରିବାକୁ ପଦ୍ମଶ୍ରୀ ବାବା ବଳିଆ ଗତକାଲି ସନ୍ଧ୍ୟାରେ ରାଜନଗର ନିର୍ବାଚନ ମଣ୍ଡଳୀର ମଦନପୁରସ୍ଥିତ ଅନନ୍ତ ନୀଳୟରେ ଆୟୋଜିତ ଧର୍ମ ସଭାରେ କହିଛନ୍ତି। ଏ ମାଟି ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମ ଭୂମି। ବିଶ୍ୱ ଦରବାରରେ ବାୟାବାବା ଯେଉଁ ମହାମନ୍ତ୍ର ଗାଇବା ଲେଖିଯାଇଛନ୍ତି। ଆଜିର ଯୁବ ସମାଜ ଏଥିପ୍ରତି ଧ୍ୟାନ ଦେଇ ଆଗାମୀ ଦିନରେ ଏକ ସୁନ୍ଦର ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରବଚନ ମାଧ୍ୟମରେ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପରାମର୍ଶ ଦେଇଛନ୍ତି। ବାବା ତାଙ୍କ ଦୁଇ ଦିନିଆ ରାଜନଗର ଗସ୍ତ ସମୟରେ ପୃଥକ ପୃଥକ ଧର୍ମ ସଭାରେ ଯୋଗ ଦେଇଛନ୍ତି। ଏହି ଧର୍ମ ସଭାକୁ ପଣ୍ଡିତ ସୁକାନ୍ତ କୁମାର ମିଶ୍ର ସଂଯୋଜନା କରିଥଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜନଗର, ପଟ୍ଟାମୁଣ୍ଡାଇ, ଆଳି, କନିକା, ମହାକାଳପଡ଼ା ଅଞ୍ଚଳର ଭକ୍ତ ମାନେ ଏଥିରେ ଯୋଗ ଦେଇଥିଲେ।



## କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ୟୁଥ୍ ପାର୍ଲିଆମେଣ୍ଟ ଉଦ୍‌ଯାପିତ

**ଡେରାବିଶ, ୨୨।୩ (ସମିସ):** ଡେରାବିଶ ବ୍ଲକ ଗୁଆଳସିଂ ପଂଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆଜି ୟୁଥ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଆଜିର ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଶିଶିରକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅତିଥିଭାବରେ ଏସ୍‌ଏନ୍‌ଓ ଡେପୁଟି ସେକ୍ରେଟାରୀ ଏନଏସ୍‌ଏସ୍ ରମେଶ ଚନ୍ଦ୍ର ବେହେରା, ଜଗତସିଂହପୁର ଡିପିଓ ବିଜୟିନୀ ପଡ଼ିହାରୀ, ଏନ୍‌ୱାଇକେର ଯୁବ ଅଧିକାରୀ ନିଖିଲ କୋକଲା, ଗୋଲି ତିରୁପତି ରେଡ୍ଡି, କେନ୍ଦ୍ରାପଡ଼ା ଏନଏସ୍‌ଏସ୍ ଜିଲ୍ଲା ଅଧିକାରିଣୀ ପଦ୍ମଜା କବି ଶତପଥି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପାର୍ଲିଆମେଣ୍ଟ ରେ ମତ ଉପସ୍ଥାପନା ଶୈଳୀକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ୩୦ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପାଚଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରକୁ ମନୋନିତ ହୋଇଥିବା କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ଏନ୍‌ଏସ୍‌ଏସ୍ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ମହାନ୍ତି ସଂଯୋଜନା କରିଥିବା ବେଳେ ନେହେରୁ ଯୁବକେନ୍ଦ୍ରର କର୍ମକର୍ତ୍ତା ଓ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ, ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।



## ବାଲିଆ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ଡେରାବିଶ, ୨୨।୩(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ସରକାରୀ ଉଚ୍ଚବିଦ୍ୟାଳୟର ୧୯୭୪ ବ୍ୟାଚ୍ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବଣହରା ଗ୍ରାମରେ ଅରକ୍ଷିତ ଦାସ ମଠ ପରିସରରେ ଆୟୋଜିତ ଏହି ବନ୍ଧୁ ମିଳନ ଉତ୍ସବରେ ୧୯୭୪ ବ୍ୟାଚ୍‌ର ୪୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇଥିଲେ। ଏହି ବ୍ୟାଚ୍‌ର ଛାତ୍ର ତଥା କୁରୁକ୍ଷେତ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସୁରେନ୍ଦ୍ର ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୃତିଗତ ଜୀବନ ଓ ଅବସର ଜୀବନ ମଧ୍ୟରେ ଏକ ତୁଳନାତ୍ମକ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ସରକାରୀ, ବେସରକାରୀ ସଂସ୍ଥାର ବ୍ୟବସାୟ ପ୍ରତିଷ୍ଠାନ ଓ କୃଷିକାର୍ଯ୍ୟରେ କାର୍ଯ୍ୟକରିଥିବା ସମସ୍ତ ଛାତ୍ର ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଏକ ସହଭୋଜନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦୋଳଗୋବିନ୍ଦ ମଲ୍ଲ, ପ୍ରହଲ୍ଲାଦ ସ୍ୱାଇଁ, ନିରଞ୍ଜନ ଦାଶ, ଗୌରାଙ୍ଗ ଚରଣ ଦାସ, ଡଃ, ସୁକାନ୍ତ ମହାରଣା, ଭାସ୍କର ଚନ୍ଦ୍ର ନାୟକ, ବିଜୟ କେତନ ସାହୁ, ନାରାୟଣ ସ୍ୱାଇଁ, ସରୋଜ ଭଦ୍ର, ବ୍ରଜକିଶୋର ମିଶ୍ର, ମୃତ୍ୟୁଞ୍ଜୟ ସାହୁ, ଅଜୟ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅସହାୟ ଓ ଗରିବ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



**ତିର୍ତ୍ତୋଲ, ୨୨।୩(ସମିସ):** ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କୃଷ୍ଣନନ୍ଦପୁରଠାରେ ପବିତ୍ର ରମଜାନ ପର୍ବ ଅବସରରେ ପାରାଦୀପ ପରିବହନ ସଂସ୍ଥାର ଖାନ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଗରିବ ଓ ଅସହାୟ ପରିବାରକୁ ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି। ସଂସ୍ଥାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଖାଲିଦ ଖାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାର ନିର୍ଦ୍ଦେଶକ ପ୍ରଭାତ କୁମାର ନନ୍ଦୀ ଓ ଜିଏମ ଶେଖ୍ ଆଜାମ ଅଲ୍ଲୀ ଉପସ୍ଥିତ ରହି ଏହି ରାସନ ସାମଗ୍ରୀ ପ୍ୟାକେଟ ବଣ୍ଟନ କରିଥିଲେ। ଫାଉଣ୍ଡେସନର ରିଲିଫ ଟିମ୍ ସଦସ୍ୟ ଶେଖ୍ ସବିର ଅଲ୍ଲୀ, ଶେଖ୍ ସଲାଉଦ୍ଦିନ, ଶେଖ୍ ଆକିବ ଅଲ୍ଲୀ, ଶେଖ୍ ସାକିବ ଅଲ୍ଲୀ, ଶେଖ୍ ଇମ୍ରାନ, ଶେଖ୍ ସଫୟତ, ଶେଖ୍ ଅନୱାର, ଶେଖ ଅମିର ଅଲ୍ଲୀ, ଶେଖ କମର ଅଲ୍ଲୀ, ଶେଖ ଆୟାତ, ଶେଖ ମୋଜାମିଲ, ଶେଖ ଫେଜ, ଶେଖ ପରଜାନ, ଶେଖ ତହସିବ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ବନ୍ଧପାଟଣା ବିଦ୍ୟାଳୟରେ ନିରାପତ୍ତା ଓ ସୁରକ୍ଷା ତାଲିମ ଶିବିର

**ରାଜନଗର, ୨୨।୩(ସମିସ):** ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ- ଶିକ୍ଷୟିତ୍ରୀଙ୍କୁ ନେଇ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ ଶିବିରରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ ପୌରହିତ୍ୟ କରିଥିବା ବେଳେ ଜଗନ୍ନାଥପୁରଶାସନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଶଶିଶେଖର ରଥ ଯୋଗଦେଇ ନିରାପତ୍ତା ଓ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧୀରେନ୍ ବିଶ୍ୱାଳ, ସିଡବ୍ଲୁଏସଏନର ଅଭିରାମ ପାତ୍ର ,ଆଲୁମ୍ନି କମିଟି ସଦସ୍ୟ ମଳୟ କୁମାର ସାହୁ,ଶିକ୍ଷୟିତ୍ରୀ ସବିତା ମିଶ୍ର,ନିରାକାର ସେଠୀ, ଶ୍ରଦ୍ଧାଞ୍ଜଳି ଦାଶ, ମନସ୍ୱିନୀ ରଥ , ଅଭିଲିପ୍ସା ଦାଶ, ପ୍ରଲ୍ୟ କୁମାର ମଲ୍ଲିକ ,ସତ୍ୟନାରାୟଣ ମହାନ୍ତି,ପଦ୍ମଲୋଚନ ସ୍ୱାଇଁ, ଭାଗ୍ୟଶ୍ରୀ କୁଣ୍ଡ ,ରାଜେଶ କୁମାର ପ୍ରଧାନ ପ୍ରମୁଖ ଶିବିରାର୍ଥି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ତାରିଣୀ ପ୍ରିୟଦର୍ଶିନୀ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଶିକ୍ଷୟିତ୍ରୀ ଉର୍ମିଳା ପରିଡ଼ା ବେଦମନ୍ତ୍ର ପାଠ କରିଥିଲେ। ପ୍ରଭାତରେ ଇକୋକ୍ଲବ ତରଫରୁ ଛାତ୍ରଛାତ୍ରୀମାନେ ନିକଟସ୍ଥ ଗ୍ରାମଗୁଡିକୁ ଶୋଭାଯାତ୍ରାରେ ଯାଇ ପ୍ଲାଷ୍ଟିକମୁକ୍ତ ପରିବେଶ ଓ ପ୍ଲାଷ୍ଟିକ ଜିନିଷ ବର୍ଜନ ଉପରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।



## ଅଳସୁଧା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜଗତସିଂହପୁର,୨୨।୩(ସମିସ):** ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଅଳସୁଧା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ଟୁକୁମଣି ଦେଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ଭ୍ରମରବର ସ୍ୱାଇଁ ଓ ଓଷ୍ଟାର ଜିଲ୍ଲା ସମ୍ପାଦକ ନାରାୟଣ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଓ ସଂସ୍କାରୀ ହେବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ କନକଦୁର୍ଗା କ୍ଲଷ୍ଟରର ସିଆରସିସି ଆର୍ତ୍ତତ୍ରାଣ ଦାସ ସ୍ୱାଗତ ଭାଷଣ ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଦୀପ ସ୍ୱାଇଁ, ପଣସପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧାମୋହନ ଚକ୍ରବର୍ତ୍ତୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ଓଝା ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ।

## ଇଦ୍ ଓ ରାମନବମୀ ପାଇଁ ଶାନ୍ତି କମିଟି ବୈଠକ



**ଜଗତସିଂହପୁର,୨୨।୩(ସମିସ):** ଆଗକୁ ଆସୁଛି ଇଦ୍ ପର୍ବ ଏବଂ ରାମନବମୀ । ଉଭୟ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ଲକ୍ଷ୍ୟରେ ଜଗତସିଂହପୁର ସଦର ଥାନା ପକ୍ଷରୁ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର ଦିନ ସଦର ଥାନା ପରିସରରେ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା ଶାନ୍ତିକମିଟି ବୈଠକ। ଏଥିରେ ୱାର୍ଡ ନମ୍ବର ୧୭ର ପାରିଷଦ ଏବଂ ଦେଉଳିଗ୍ରାମେଶ୍ୱର ଅଞ୍ଚଳର ଉଭୟ ସମ୍ପ୍ରଦାୟର ମୁରବୀମାନେ ଯୋଗ ଦେଇଥିଲେ। ସେହିପରି ଶନିବାର ଦିନ ପିତେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ସଦର ଥାନାର ଆଡିସିନାଲ ଆଇଆଇସି ଦିଲ୍ଲୀପ କୁମାର କାଣ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଉଭୟ ସମ୍ପ୍ରଦାୟର ମୁରବୀମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ପାଳିତ ହେବାକୁ ଯାଉଥିବା ଇଦ୍ ଏବଂ ରାମନବମୀ ଉତ୍ସବ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ପାଳନ କରିବାକୁ ଉଭୟ ବୈଠକରେ ଆଲୋଚନା କରାଯାଇଥିଲା। ପରସ୍ପର ମଧ୍ୟରେ ସଦ୍‌ଭାବ ଏବଂ ଭାଇଚାରା ରକ୍ଷା କରି ଉତ୍ସବ ପାଳନ କରିବାକୁ ପୁଲିସ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଥିଲା।

## 'ଅବ୍ୟକ୍ତ ପ୍ରଗାଢ଼ ଅନୁଭବର କାବ୍ୟିକ ପ୍ରକାଶ ହିଁ କବିତା'

**କେନ୍ଦ୍ରାପଡା,୨୨।୩(ସମିସ):** ୨୧ ମାର୍ଚ୍ଚ ବିଶ୍ୱ କବିତା ଦିବସ ଅବସରରେ ମାନବ ସଭ୍ୟତାର ସୂକ୍ଷ୍ମ ଅବବୋଧ ନିର୍ମାଣରେ କବିତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରାଯାଇଛି। ଏହି ଅବସରରେ ସାଂସ୍କୃତିକ ଅନୁଷ୍ଠାନ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜରର୍ସ ଓ ସିମ୍ଫୋନି ତରଫରୁ ବିଶ୍ୱ କବିତା ଦିବସ ପାଳନ କରାଯାଇଛି। 'ଦ ନୂଆ କବିତାର ମାରାଥନ' ଓ ମୋ ପାଇଁ କବିତା' ଶୀର୍ଷକ ଆଲୋଚନା ଓ ଏକ ଅର୍ଦ୍ଧ ନୂତନ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରଖ୍ୟାତ କବି ପଦ୍ମ ଭୂଷଣ ସ୍ୱର୍ଗତ ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। କବି ଓ କଥାକାର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଅନ୍ନପୂର୍ଣ୍ଣା ମହାନ୍ତି, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ କବି ସତୀର୍ଥର ସମ୍ପାଦକ ମନ୍ମଥ ନାଥ ବରାଳ, ଅଧ୍ୟାପକ ଓ କବି ତ୍ରିଲୋଚନ ପ୍ରଧାନ, ବିଶିଷ୍ଟ କବି ବୃନ୍ଦାବନ ଦାସ ଓ ପ୍ରେମାନନ୍ଦ ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇ ବିଶ୍ୱ କବିତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରରେ ବରିଷ୍ଠ କବି ପ୍ରମୋଦ ସିଂ, ଅକ୍ଷୟ କୁମାର ନାୟକ, ଶୁଭ୍ରାଂଶୁ କୁମାର ଦାସ, ପୁଷ୍ପାଞ୍ଜଳି ପଣ୍ଡା, ସ୍ୱପ୍ନାଂଶୁ କୁମାର ଦାସ, କବିତା ମୁଦୁଲି, ଗୋଲାପ ରାଉତ, ଲିଜା ପଣ୍ଡା, ରଞ୍ଜନ ବାଇ, ପବିତ୍ର କୁମାର ସାହୁ, ନୃସିଂହ ଚରଣ ତ୍ରିପାଠୀ, ପ୍ରୀତମ ତ୍ରିପାଠୀ, ରଶ୍ମୀ ରଞ୍ଜନ ବାରିକ୍ , ତାରିଣୀ କୁମାର ପାଟଯୋଶୀ ପ୍ରମୁଖ ଯୋଗ ଦେଇ କବିତା ପାଠ କରିଥିଲେ। ମନ୍ତ୍ରମୁଗ୍ଧ କବିତାମୟ ପରିବେଶର ସମାପନ ସହ ପରିଶେଷରେ ସିମ୍ଫୋନିର ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।



## ୧ରୁ ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୫'

# ଅଡିସନ୍‌ରେ ଭାଗନେଲେ ୧୧ଟି ଦଳ

ଜଗତସିଂହପୁର,୨୨।୩(ସମିସ):

ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ସଦରର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଆୟୋଜିତ ହେବ ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୫'। ଏହି ଅବସରରେ ପ୍ରତ୍ୟେକ ଦିନ ସଂଧ୍ୟାରେ ସାଧାରଣ ସଭା ଏବଂ ଓଡିଶା ତଥା ଅନ୍ୟ ରାଜ୍ୟର ସୁପ୍ରତିଷ୍ଠିତ କଳାକାର ଓ କଳା ଅନୁଷ୍ଠାନମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ତେବେ ସଭା ପୂର୍ବରୁ ଜଗତସିଂହପୁର ଜିଲ୍ଲାର ସାଂସ୍କୃତିକ ଅନୁଷ୍ଠାନ ମାନେ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏଥିପାଇଁ ଅଡିସନ ବ୍ୟବସ୍ଥା କରାଯାଇଛି। ଶନିବାର ଦିନ ଆଦିକବି ସାରଳାଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ପ୍ରଥମ ଦିନର ଅଡିସନରେ ମୋଟ ୧୧ଟି ନୃତ୍ୟ ଦଳ ଭାଗ ନେଇଥିଲେ। ଏଥିରେ ଓଡିଶୀ ନୃତ୍ୟଗୁରୁ ସନ୍ତୋଷ ରାଉତ ଏବଂ ସଞ୍ଜୀବ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହୋତ୍ସବ ସାଂସ୍କୃତିକ ଉପ-କମିଟିର ସଦସ୍ୟ ତଥା ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ଜିଲ୍ଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆସନ୍ତା ୨୪ ତାରିଖରେ ୨ୟ ଦିନର ଅଡିସନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି।





ହିନ୍ଦୁ ଓ ମୁସଲିମ୍ ଭାଇଚାରର ପ୍ରତୀକ ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥାନ ଭାବେ ଖୋର୍ଦ୍ଧା ଜିଲ୍ଲା କାଇପଦରସ୍ଥିତ ବାବା ବୁଖାରୀ ପୀଠ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।ଏହି ପୀଠର ବିଶେଷତ୍ୱ ହେଉଛି ଉଭୟ ମନ୍ଦିର ଏବଂ ମସଜିଦ ଏଠାରେ ରହିଛି । ଉଭୟ ହିନ୍ଦୁ ଏବଂ ମୁସଲିମ ଏହି ପୀଠକୁ ଯାଇ ପୂଜାର୍ଚ୍ଚନା କରିଥା'ନ୍ତି ।

# ବୁଖାରୀ ପୀଠରୁ ଭାଇଚାରା ବାର୍ତ୍ତା



ରଞ୍ଜିତ କେଏନ୍ ସାମନ୍ତରାୟ

ପୀଠର ଅନେକ କିମ୍ବଦନ୍ତି ଥିବା ବେଳେ ପ୍ରାୟ ୧୭ ଶହ ମସିହାରେ ହଜରତ ବୁଖାରୀ ପୀରବାବା ନାମକ ଜଣେ ମୁସଲିମ ସନ୍ୟାସୀ ସେତେବେଳର ସବୁଜ ବଣ ଜଙ୍ଗଲ ପରିବେଷ୍ଟିତ ଖୋର୍ଦ୍ଧା ଜିଲ୍ଲାର ପ୍ରମୁଖ ଐତିହାସିକ ପୀଠ ବରୁଣେଇ ପାହାଡ଼ ନିକଟରେ ଧ୍ୟାନ କରିବାକୁ ବସବାସ କରୁଥିଲେ । ସେତେବେଳେ ବୁଖାରୀ ପୀରବାବା ରାଜ୍ୟର ବାଲେଶ୍ୱର କଟକ ଆଦି ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଏହି ଜଙ୍ଗଲରେ ଆଶ୍ରୟ ନେଇଥିଲେ ।ସେହି



ସମୟରେ ଏହି ଜଙ୍ଗଲକୁ ନିକଟବର୍ତ୍ତି ଗ୍ରାମର ଜଣେ ଗଉଡ ପରିବାରର ୧୨ବର୍ଷୀୟ ବାଳକ ପ୍ରତିଦିନ ଗାଈ ଚରାଇବାକୁ ଆସିବା ସମୟରେ ବାବାଙ୍କୁ ଦେଖିବାକୁ ପାଇଥିଲା । ପରେ ବାବାଙ୍କ ସମ୍ପର୍କରେ ବାଳକ ଜଣକ ଆସିଥିଲା । ସମୟକ୍ରମେ ବାବାଙ୍କ ଚେଲା ଉକ୍ତ ବାଳକ ଜଣକ ପାଲଟିଯାଇଥିଲା । ପ୍ରତିଦିନ ଖିର ଏବଂ ଗୁଡ ଆଣି ବାବାଙ୍କୁ ସେବନ ଲାଗି ଦେଇଥାଏ । ସବୁ ଦିନ ଯିବା ଆସିବା ସମୟରେ ଦିନେ ଦେଖିବାକୁ ପାଇଥିଲା ଯେ ବାବା ଧ୍ୟାନ କରୁଥିବା ସମୟରେ ମାଟି ହୁଙ୍କା ବାବାଙ୍କ ଚାରି ପଟେ ହୋଇ ଯାଇଛି । ଏହା ପରେ ବାବଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ତୋର ଯଦି ବାସିବାର ଇଛା ଅଛି ତେବେ ଆସି ବସ ବୋଲି ବାବା କହିଥିଲେ । ପରେ ବାଳକ ଜଣକ ବାବାଙ୍କ ଡାହାଣ ପାଶ୍ୱର୍ରେ ବସି ରହିଥିଲା । ପରେ ଉଭୟଙ୍କ ଶରୀର ମାଟି ହୁଙ୍କାରେ ଆଚ୍ଛାଦିତ ହୋଇ ଯାଇଥିଲା । ସମୟକ୍ରମେ ଉଭୟ ଦେହତ୍ୟାଗ କରିଥିଲେ । ଉଭୟ ବାଳକ ଏବଂ ସନ୍ୟାସୀଙ୍କର ସମାଧିପୀଠଟି ସମୟକ୍ରମେ ବାବା ବୁଖାରୀ ଏବଂ ପୀରବାବା ପୀଠ ଭାବରେ ହିନ୍ଦୁ ଓ ମୁସଲିମ ଭାଇଚାରାର ପ୍ରତୀକ ଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା ।

ପୀଠରେ ପୂଜା ପାଉଥିବା ବାବାଙ୍କ ସମାଧିସ୍ଥଳରେ ହେଉଥିବା ଗୁଡକୋରା ଭୋଗକୁ ମାଳିଘର ପରିବାର ପ୍ରସ୍ତୁତ କରିଥାନ୍ତି ।ବାବାଙ୍କ ପୂଜାର୍ଚ୍ଚନା ଲାଗି ଦୈ÷ନନ୍ଦିନ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଫୁଲ ଏହି ଗ୍ରାମର ମାଳି ପରିବାର ଯୋଗାଇ ଥାନ୍ତି ।ମାତ୍ର ମୁସଲିମ ପୂଜକ ବାବାଙ୍କୁ ଗୋଲାପ ଜଳରେ ସ୍ନାନ କରିବା ସହିତ ଚାଦର ଢାଙ୍କି ପୂଜା କରିଥାନ୍ତି ।ଏଥିଲାଗି ଗ୍ରମରେ ୮ଘର ପୂଜକ ମୁସଲିମ,୫ ଘର ଗୁଡିଆ ଓ ୨ଘର ମାଳି ପରିବାର ବାବାଙ୍କ ସେବାରେ ଲାଗି ରହିଛନ୍ତି । ଏମାନେ ସାପ୍ତାହିକ ପାଳିରେ କାର୍ଯ୍ୟ କରିଥାନ୍ତି । ସପ୍ତାହର ପ୍ରତ୍ୟେକ ଗୁରୁବାର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ତେଣୁ ଏହି ପୀଠର ବହୁ ସ୍ୱତନ୍ତ୍ରତା ଏବଂ ଅନେକ ମହାନତା ରହିଛି । ଏଥିଲାଗି ରାଜ୍ୟ ସମେତ ଦେଶ ବିଦେଶରର କୋଣ ଅନୁକୋଣରୁ ବହୁ ହିନ୍ଦୁ ମୁସଲିମ ଶ୍ରଦ୍ଧାଳୁ ବାବାଙ୍କ ସମଧିସ୍ଥଳକୁ ଦର୍ଶନ କରିବାକୁ ଆସିଥାନ୍ତି ।

ତେବେ ପୀଠର ଅବସ୍ଥିତି ସମ୍ପର୍କରେ କହିବାକୁ ଗଲେ ଜିଲ୍ଲାର ଖୋର୍ଦ୍ଧା ସହର ଠାରୁ ମାତ୍ର ୧୦ କିଲୋମିଟର ଦୂର କାଇପଦର ଗ୍ରାମ । ଏହି ଗ୍ରାମରେ ୪ଶହ ମୁସଲିମ ପରିବାର ଥିବା ବେଳେ ୪ହଜାର ହିନ୍ଦୁ ପରିବାର ବସବାସ କରୁଛନ୍ତି ।ମାତ୍ର ଏମାନଙ୍କ ମଧ୍ୟରେ ସଦାସର୍ବଦା ବାବାଙ୍କ ମହିମାରୁ ଭାଇଚାରାର ମନୋଭାବ ରହି ଆସିଛି । ଆଜି ପୀଠର ଚତୁଃପାଶ୍ୱର୍ରେ ଆଉ ସବୁଜିମା ଗଛଲତା ଦେଖିବାକୁ ମିଳୁନାହିଁ । ବର୍ତ୍ତମାନ ପୀଠଟି ଜନବସତି ମଧ୍ୟ ଭାଗରେ ବିରାଜମାନ ।ବର୍ତ୍ତମାନ ପ୍ରମୁଖ ପର୍ଯ୍ୟଟନସ୍ଥଳି ଭାବେ ଦେଶର ପର୍ଯ୍ୟଟନ ମାନଚିତ୍ରରେ ମଧ୍ୟ ସ୍ଥାନ ପାଇଛି ।

## ଚମତ୍କାରୀ କୂଅ



ସ୍ଥାନୀୟ ଲୋକ ଓ ଐତିହାସିକଙ୍କ ମତରେ ୧୫୫୨ ମସିହାରେ ଜଣେ ହଜରତ ବୁଖାରି ପୀରବାବା ନାମକ ବ୍ୟକ୍ତି କାଇପଦର ଅଞ୍ଚଳକୁ ଆସିଥିଲେ । ଏହି ଠାରେ ରହି ଜାତି ଧର୍ମ ଭୁଲି ମଣିଷ ଜାତିର ସେବା କରି ଆସୁଥିଲେ ।ଲୋକ କଥା ଅନୁସାରେ ଏକଦା ପିଇବା ପାଇଁ ପାଣି ନଥିବାରୁ ସେହି ପୀରବାବା ନିଜର ଚିମୁଟାରେ ଭୂମିକୁ ପ୍ରହାର କରି ପାଣି ବାହାର କରି ଚମତ୍କାର ଦେଖାଇଥିଲେ । ବର୍ତ୍ତମାନ ସେହି ପୀଠ ପରିସରରେ ସେହି ଚମତ୍କାରୀ କୂଅ ରହିଛି ।ସେହି କୂଅର ପାଣିକୁ ପ୍ରସାଦ ଭାବେ ଗ୍ରହଣ କଲେ ଅସାଧ୍ୟ ରୋଗ ଭଲ ହୋଇଥାଏ ବୋଲି ସାଧାରଣରେ ଆଶା ଓ ବିଶ୍ୱାସ ରହିଛି ।



## ଜନଶ୍ରୁତି ଅଛି

ଜନଶ୍ରୁତି ଅଛି ଏକଦା ଗଜପତି ମହାରାଜା ରାମଚନ୍ଦ୍ରଦେବ ରୋଗରେ ପୀଡିତ ହୋଇ ବାବାଙ୍କ ସମ୍ପର୍କରେ ଜାଣିବା ପରେ ତାଙ୍କ ଆଶ୍ରିତ ହୋଇଥିଲେ । ବାବାଙ୍କ ଅଲୌକିକ ଶକ୍ତି ପ୍ରଭାବରେ ସେ ରୋଗ ମୁକ୍ତ ହୋଇଥିଲେ । ପରେ ରାଜା ବାବାଙ୍କ ନାମରେ ୧୦ବାଟି ୧୦ ମାଣ ଜମି ଦାନ କରିଥିଲେ ।

# ଦାଦନରୁ ମୁକ୍ତି ଦେଇଛି ଗୋଷ୍ଠୀଶ୍ରମ



ଶୁଭ୍ରାଂଶୁ କୁମାର ନାୟକ

**୧୦ ମହିଳା ସ୍ୱାବଲମ୍ବୀ**

ଆଜିର ନାରୀ ଆଗରେ ଅବଳା ଦୁର୍ବଳା ଶବ୍ଦ ଏବେ ଅତୀତ ପାଲଟିଛି । ପ୍ରତିକ୍ଷେତ୍ରରେ ନାରୀ ତାର ପାରଦର୍ଶିତା ଦେଖାଉଛି । ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନ୍ୟ ପାଇଁ ସାହାରା ପାଲଟିଛନ୍ତି । ସଂଘର୍ଷରୁ ସଫଳତା ପାଇ ନିଜ ଗୋଡ଼ରେ ଛିଡ଼ା ହେବା ସହ ପରିବାରର ଆର୍ଥିକ ଅବସ୍ଥାରେ ସୁଧାର ଆଣିଛନ୍ତି ।

ମହିଳା ଦାଦନ ଶ୍ରମିକରୁ ଜୀବନ ଯାତ୍ରା ଆରମ୍ଭକରି ସଫଳ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ବଣପାହାଡ଼ ଘେରା ମାଣ୍ଡିଆରୁଚା ଗାଁର ୧୦ ଜଣ ମହିଳା । ଗାଁର ଏହି ମହିଳା ମାଁ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଏବେ ବେଶ ସ୍ୱାବଲମ୍ବୀ । ଏକତ୍ରିତ ଭାବେ ଗାଁରେ କାମକରି ସମସ୍ତ ଦୁଃଖକଷ୍ଟ ଅଭାବ ଅସୁବିଧା ଦୂରେଇବାରେ ସଫଳ ହୋଇ ଉଦାହରଣ ସୃଷ୍ଟି କରି ପାରିଛନ୍ତି । ସିନାପାଲି ସଦର ମହୁକମାରୁ ୧୫ କିମି ଦୂରତାରେ ଅବସ୍ଥିତ ଏହି ଆଦିବାସୀବହୁଳ ବଣପାହାଡ଼ ଘେରା ଗାଁ ମାଣ୍ଡିଆରୁଚା । ଦୁଃଖ ଦୁର୍ଦ୍ଦଶାରେ ରହିଥିବା ଏହି ଗାଁର ମହିଳାମାନେ କାମଧନ୍ଧା ଅନ୍ୱେଷଣରେ ଶ୍ରମିକ ଦଲାଲ ହାବୁଡ଼ରେ ପଡ଼ି ରାଜ୍ୟ ବାହାରକୁ ଚାଲାଣ ହେଉଥିଲେ । ବିଭିନ୍ନ ସହରକୁ ଯାଇ ଅକଥନୀୟ ନିର୍ଯାତନାର ଶିକାର ହୋଇ ଘରକୁ ଫେରୁଥିଲେ । କେହି କେହି ଅକାଳରେ ଜୀବନହାରି ଗାଁକୁ ଶବ ହୋଇ ଫେରିଥିବା ଅନେକ ଉଦାହାରଣ ରହିଛି । ଏହି ମହିଳାମାନେ ବଞ୍ଚିବାର ରାହା ଖୋଜୁଖୋଜୁ ୨୦୦୯ ମସିହାରେ ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀ ଆରମ୍ଭ କଲେ । ପ୍ରଥମେ ନିଜନିଜ ମଧ୍ୟରେ ମାସକୁ ୧୦ ଟଙ୍କା ଲେଖାଏଁ ସଞ୍ଚୟ କରି ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ ।ଦୀର୍ଘ ୪ ବର୍ଷ ସଞ୍ଚୟ କରିବାପରେ ବ୍ୟାଙ୍କରୁ ଟଙ୍କା ଉଠାଣ କରି ନିଜ ଗାଁରେ ଇଟା ଗଢିବାସହ ବିକ୍ରିକରି ପ୍ରଚୁର ଲାଭବାନ ହୋଇଥିଲେ । ପରିଶ୍ରମର ଫଳ ସ୍ୱରୂପ ହାତକୁ ଟଙ୍କା ଆସିବାପରେ ଗାଁର ପଡ଼ିଆ ଜମିରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିଥିଲେ । ପରେ ମହିଳାଙ୍କ କାମରେ ଖୁସିହୋଇ ନୂଆପଡ଼ା ଜିଲ୍ଲା ପ୍ରଶାସନ ଅନେକ କାମ ଦେଇଥିଲେ ।ଏହି କାମରେ ମହିଳାମାନେ ପ୍ରତି ମାସରେ ୩୫ ହଜାର ଟଙ୍କା ଲାଭ ପାଇଥିଲେ । ପରେ ସ୍ୱଚ୍ଛଭାରତ ଅଭିଯାନରେ ୭୬ଟି ଶୌଚାଳୟ ନିର୍ମାଣ ପାଇଁ ଜିଲ୍ଲା ଜଳ ଓ ପରିମଳ ବିଭାଗ ଦାୟିତ୍ୱ ଦେଇଥିଲେ ।କିଛି ବର୍ଷ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟ କରିଥିଲେ । ସମସ୍ତ କାମରେ ସଫଳ ହେବାପରେ ବର୍ତ୍ତମାନ ଛତୁଆ, ବାଦାମ ଲଡୁ, ଭୁଜା ଲଡୁ, ତିଆରି କରି ସିନାପାଲି ବ୍ଲକର ୬ଟି ପଞ୍ଚାୟତରେ ବଣ୍ଟନ ଦାୟିତ୍ୱ ଦେଇଛନ୍ତି ଜିଲ୍ଲା ପ୍ରଶାସନ । ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମକରୀ ମହିଳାମାନେ ଏବେ ସ୍ୱୟଂ ସିଦ୍ଧା ସଂପୂର୍ଣ୍ଣା ହୋଇପାରିଛନ୍ତି । ଦାଦନ ପରିଚୟରୁ ଏବେ ସ୍ୱାବଲମ୍ବୀ ହୋଇ ବେଶ୍ ଖୁସିରେ ଜୀବନଯାପନ କରୁଥିବା ସେମାନେ କହିଛନ୍ତି । ସଭାନେତ୍ରୀ ବନ୍ଦନା ମାଝୀ, ସମ୍ପାଦିକା ଦ୍ରୋପଦୀ ସାହୁଙ୍କ ବଳିଷ୍ଠ ଉଦ୍ୟମରେ ମାଆମାନେ ଏକତ୍ରିତ ହୋଇ କାମକରି ସ୍ୱାବଲମ୍ବି ହୋଇପାରିଛନ୍ତି । ଏହି ଗୋଷ୍ଠୀର ମହିଳାମାନେ ଏବେ ଗର୍ଭବତୀ, ପ୍ରସୂତି ମାଆ, କୋମଳମତି ଶିଶୁ, କିଶୋରୀଙ୍କୁ ପୁଷ୍ଟିକର ସୁଷମ ଖାଦ୍ୟ ତିଆରିକରି ୬ଟି ପଞ୍ଚାୟତର ୧୮ଟି ଗ୍ରାମର ଅଙ୍ଗନବାଡ଼ି ସେଣ୍ଟରଗୁଡ଼ିକୁ ବଣ୍ଟନ କରି ଲାଭବାନ ହୋଇପାରିଛନ୍ତି । ନିଜଗାଁରେ ନିଜେ ରହି ଏକ ମିନିଫାକ୍ଟ୍ରି ଚଳାଇବାରେ ବନ୍ଦନା ମାଝୀ, ଦ୍ରୋପଦୀ ସାହୁ, ରୁକ୍ମଣୀ ମାଲି, ସାବିତ୍ରୀ ମାଲି, ପ୍ରଭାବତୀ ମାଲି, ଅହଲ୍ୟା ମାଝୀ, ଗୋମତୀ ବାଗ, ସଙ୍ଗୀତା ମାଲି, ରଜ ମାଲି ଓ କାନ୍ତି ମାଝୀଙ୍କ ଏଭଳି ଉଦ୍ୟମକୁ ସବୁ ମହଲରେ ପ୍ରଶଂସା କରାଯାଉଛି ।





ନୂତନ ଓଡ଼ିଶା ଗଠନର ସଂକଳ୍ପ ନେଇ ନବୀନ ସରକାର ଅନେକ ଜନ କଲ୍ୟାଣ ଓ ଜନ ହିତକର ଯୋଜନା କରିଥିଲେ । ତନ୍ମଧ୍ୟରୁ ମିଶନ ଶକ୍ତି ଅନ୍ୟତମ । ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଓ ସଶକ୍ତ କରି ବିକଶିତ ରାଷ୍ଟ୍ର ଗଠନ ନେଇ ଯେଉଁ ମିଶନଶକ୍ତି ଯୋଜନା ଆରମ୍ଭ କରିଥିଲେ । ତାହା ପ୍ରକୃତରେ ପ୍ରତିଫଳନ ହେଇଛି ।

# ପ୍ରକୃତି କୋଳରେ ସିଂଜୁରୀ କଟା

## ଲୋକଙ୍କ ହାତରେ ସୁରକ୍ଷା



ସରକାର ଗତ କିଛି ବର୍ଷ ହେଲା ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ବଲାଙ୍ଗିର ଜିଲ୍ଲାର ଗାଇଖାଇ, ଭିମଡୁଙ୍ଗୁରୀ ଭଳି ପ୍ରକଳ୍ପ ଜିଲ୍ଲା ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭାବନା ସୃଷ୍ଟି କରିଛି । ତେବେ ବଲାଙ୍ଗିର ଓ ସୋନପୁର ଜିଲ୍ଲା ସୀମାରେ ଥିବା ସିଂଜୁରୀ କଟା ଡ୍ୟାମ୍‌କୁ ବଲାଙ୍ଗିର ଓ ସୋନପୁର ଜିଲ୍ଲା ବନ ବିଭାଗ ପୟାସରେ ଇକୋଟୁରିଜିମରେ ସାମିଲ କରାଗଲେ ଏହି ସ୍ଥଳର ଉନ୍ନତିକରଣ ହେବାର ସମ୍ଭାବନା ରହିଛି ।



ଅଭିଳାଶ ହୋତା

ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଅନେକ ଘଞ୍ଚ ଜଙ୍ଗଲ ରହିଛି ଯେଉଁଠି ବଡ ଜଳାଶୟମାନ ରହିଛି । ଫଳରେ ଉକ୍ତ ସଂରକ୍ଷିତ ଜଙ୍ଗଲରେ ହାତୀ, ଭାଲୁ, ହରିଣ, କୁଟୁରା, ସମ୍ବର, କଲରାପତରିଆ, ବାରହା ଭଳି ବନ୍ୟପ୍ରାଣୀ ଦେଖିବାକୁ ମିଳିଥାନ୍ତି । ଏପରିକି ଉକ୍ତ ଜଳାଶୟ ଗୁଡିକୁ ବିଭିନ୍ନ ସମୟରେ ବିଦେଶୀ ପକ୍ଷୀଙ୍କ ମଧ୍ୟ ଆଗମନ ହୋଇଥାଏ । ଗାଇଖାଇ, ଭିମଡୁଙ୍ଗୁରୀ ଭଳି ଆଉ ଏକ ଜଳାଶୟ ବଣଭୋଜିସ୍ଥଳ ହେଉଛି ବଲାଙ୍ଗିର ଓ ସୋନପୁର ଜିଲ୍ଲା ସୀମାରେ ଥିବା ସିଂଜୁରୀ କଟା । ଘଞ୍ଚ ଜଙ୍ଗଲ ଭିତରେ ଥିବା ଏହି ଜଳାଶୟ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଭାବେ ମଧ୍ୟ କାମ କରିଥାଏ । ଜଙ୍ଗଲ ନିକଟରେ ଥିବା ଜମିରେ ଜଳାଶୟ ପାଣି ବ୍ୟବହାର କରାଯାଇଥାଏ । ଏହି ସିଂଜୁରୀକଟାର ଉଭୟ ପାଶ୍ୱର୍ରେ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ସଂରକ୍ଷିତ ଜଙ୍ଗଲ ରହିଛି ।ବଲାଙ୍ଗିର ଜିଲ୍ଲାର ପାଣ୍ଡରୀଡୁଙ୍ଗୁରୀ, କୁମାରୀ ଓ ରମାଇ ସଂରକ୍ଷିତ ଜଙ୍ଗଲ ଲାଗି ରହିଥିବା ବେଳେ ସୋନପୁର ଜିଲ୍ଲା ପଟରେ ବାରପାହାଡ ଓ ରମାଇ ଜଙ୍ଗଲ ରହିଛି । ଏହି ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ଉଭୟ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ଗ୍ରାମବାସୀମାନେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଅଛନ୍ତି । ଫଳରେ ଜଙ୍ଗଲ ସୁରକ୍ଷିତ ଥିବାରୁ ବନ୍ୟପ୍ରାଣୀଙ୍କ ଉପସ୍ଥିତି ମଧ୍ୟ ଏହି ଅଞ୍ଚଳରେ ଦେଖିବାକୁ ମିଳିଥାଏ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ଅଞ୍ଚଳରେ ହାତୀମାନଙ୍କ ଉପସ୍ଥିତି ଅନେକ ସମୟରେ ଦେଖିବାକୁ ମିଳେ । ଅନ୍ୟ ବନ୍ୟପ୍ରାଣୀମାନେ ମଧ୍ୟ ପାଣି ପିଇବାକୁ ଆସିଥାନ୍ତି । ହାତୀଙ୍କ ଗତିବିଧି ନୀରିକ୍ଷଣ କରିବା ପାଇଁ ହାତୀ ନୀରିକ୍ଷଣ ଟାୱାର ମଧ୍ୟ ନିର୍ମାଣ ହୋଇଛି । ବଡ ବଡ ମୂଲ୍ୟବାନ ଗଛ ଥିବାରୁ ନିକଟସ୍ଥ ଗ୍ରାମବାସୀ ଏହି କଟାକୁ ବର୍ଷ ତମାମ ବଣଭୋଜି କରିବାକୁ ଆସିଥାନ୍ତି । ଏହି ଅଞ୍ଚଳକୁ ଗମନାଗମନ ପାଇଁ ରାସ୍ତା ମଧ୍ୟ ରହିଛି । ସାଲେଭଟାରୁ ହରଭଙ୍ଗା କୁଟାସିଂହା ଦେଇ ଏହି ସ୍ଥାନକୁ ରାସ୍ତା ରହିଥିବା ବେଳେ ଲୋଇସିଂହାରୁ ବାଦିବାହାଲ, ପାଣ୍ଡରିଡୁଙ୍ଗୁରି ଦେଇ ମଧ୍ୟ ରାସ୍ତା ରହିଛି ।ଗତ କିଛି ବର୍ଷ ଭିତରେ ଏହି ସିଂଜୁରୀ କଟାର ଉନ୍ନତିକରଣ କରାଯାଇନାହିଁ ଫଳରେ ପୋତି ହୋଇ ଜଳଧାରଣ କ୍ଷମତା ହ୍ରାସ ପାଇଛି । ତେବେ ଏହି ଜଳାଶୟକୁ ଉନ୍ନତିକରଣ କରାଯିବା ସହ ଏହି ଅଞ୍ଚଳକୁ ଇକୋ ଟୁରିଜିମରେ ସାମିଲ କରି ଉନ୍ନତିକରଣ କରାଗଲେ ଏହା ବଲାଙ୍ଗିର ଓ ସୋନପୁର ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବ ।ଏହି ଡ୍ୟାମ୍ ତଥା ବଣଭୋଜିସ୍ଥଳ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ସହ ସ୍ଥାନୀୟ ଅଞ୍ଚଳର ଅର୍ଥନୀତି ମଧ୍ୟ ସୁଦୃଢ ହୋଇପାରିବ ।ସେହିପରି ପର୍ଯ୍ୟଟକମାନେ ଗୋଟିଏ ସ୍ଥାନରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବଣଭୋଜୀର ମଜା ଗୋଟିଏ ସ୍ଥାନରେ ନେଇପାରିବେ ।ଏହା ସହିତ ଏହା ଗାଇଖାଇ ଓ ଭିମଡୁଙ୍ଗୁରୀ ଭଳି ଇକୋ ଟୁରିଜିମରେ ସାମିଲ ହେଲେ ଉଭୟ ଜିଲ୍ଲାର ନିକଟସ୍ଥ ଗ୍ରାମବାସୀଙ୍କ ଅର୍ଥନୀତି ଆହୁରି ସୁଦୃଢ ହେବ ବୋଲି ବୁଦ୍ଧିଜିବୀ ମତ ରଖିଛନ୍ତି



## ୨୨ତମ ଜାତୀୟ ନାଟ୍ୟ ମହୋତ୍ସବ

# ଚତୁର୍ଥ ସନ୍ଧ୍ୟାରେ 'ଦି ବୋଟ୍ ବୟ' ଓ 'ରଙ୍ଗଭୂମି' ମଞ୍ଚସ୍ଥ




ପାରାଦୀପ,୨୨।୩(ସମିସ):

ବନ୍ଦରନଗରୀ ପାରାଦୀପରେ କ୍ୟାନମାସ ପକ୍ଷରୁ ଆୟୋଜିତ କ୍ୟାନଫେଷ୍ଟର ଚତୁର୍ଥ ସନ୍ଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଛି। ଦକ୍ଷିଣ ଭାରତ ଓ ପଶ୍ଚିମ ଓଡ଼ିଶାର ଦୁଇଟି ନାଟକକୁ ସ୍ଥାନୀୟ ଜୟଦେବ ସଦନରେ ଦର୍ଶକ ବେଶ୍ ଉପଭୋଗ କରିଥିଲେ। କେରଳର କୋଚିରୁ ଆସିଥିବା ଲୋକଧର୍ମୀ ନାଟକ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ଚନ୍ଦ୍ରଦାଶନଙ୍କ ନିର୍ଦ୍ଦେଶିତ ମାଲାୟାଲାମ ଭାଷାର ନାଟକ "ଦି ବୋଟ ବୟ' ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ଉପରେ ଆଧାରିତ। ବାଜି ରାଉତ ହେଉଛନ୍ତି ସବୁଠାରୁ କମ୍ ବୟସ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ସହିଦ। ରାତ୍ର ସମୟରେ ଇଂରେଜମାନେ ଯେତେବେଳେ ତାଙ୍କୁ ନୌକା ମାଧ୍ୟମରେ ବ୍ରାହ୍ମଣୀ ନଦୀ ପାରି କରିଦେବାକୁ ଆଦେଶ ଦେଇଥିଲେ, ସେତେବେଳେ ୧୨ ବର୍ଷର ବାଜି ରାଉତ ସାହସିକତାର ସହିତ ସେମାନଙ୍କୁ ମନା କରିଦେଇଥିଲେ। ଯଦ୍ୱାରା ଖୁବ କମ୍ ବୟସରୁ ତାଙ୍କୁ ନିଜର ମାତୃଭୂମି ପାଇଁ ଇଂରେଜଙ୍କ ବନ୍ଧୁକ ଗୁଳିରେ ନିଜ ଜୀବନ ହରାଇବାକୁ ପଡ଼ିଥିଲା। ୧୨ ବର୍ଷର ଏହି କୁନି ସହିଦର ଜୀବନ କାହାଣୀକୁ ଅତି ସୁନ୍ଦର ଭାବେ ଲୋକଧର୍ମୀ ଅନୁଷ୍ଠାନର ଶିଶୁ କଳାକାର ନିଜର ବଳିଷ୍ଠ ଅଭିନୟ ଦ୍ୱାରା ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିଥିଲେ। ପ୍ରମାଣିତ କରିଥିଲେ କି ସେତେବେଳେ ଯଦି ଏପରି ସ୍ୱାଧୀନଚେତା ବ୍ୟକ୍ତିବିଶେଷ ନ ଥା'ନ୍ତେ, ହୁଏତ ଆମ ଦେଶ ସ୍ୱାଧୀନତାର ସ୍ୱାଦ ଚାଖି ପାରି ନ ଥାନ୍ତା।

ଚତୁର୍ଥ ସନ୍ଧ୍ୟାର ଦ୍ୱିତୀୟ ନାଟକ ଭାବେ "ଦି ଲୁ" ପଦ୍ମପୁର, ଓଡିଶାରୁ ଆସିଥିବା ସମ୍ବଲପୁରୀ ନାଟକ "ରଙ୍ଗଭୂମି' ମହୋତ୍ସବର ଅନ୍ୟଏକ ଆକର୍ଷଣ ଥିଲା। ନିର୍ଦ୍ଦେଶକ ଜଗନ୍ନାଥ ସେଠଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକଟି ଅନ୍ଧ ସୁର ଦାସଙ୍କ ଜୀବନୀ ଉପରେ ପର୍ଯ୍ୟବେସିତ ହୋଇଥିଲା। କାହାଣୀଟି ଶକ୍ତିଶାଳୀ ବ୍ୟକ୍ତିବିଶେଷଙ୍କ ସହିତ ସୁର ଦାସଙ୍କ ମୁକାବିଲାକୁ ପ୍ରକାଶ କରେ। ଯେଉଁମାନେ ପ୍ରଗତିକୁ ଆଗେଇ ନେଉଥିବା ଓ ପାରମ୍ପରିକ ମୂଲ୍ୟବୋଧକୁ ଆବଦ୍ଧ କରୁଥିବା ଦ୍ୱନ୍ଦ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କୁ ପ୍ରତିନିଧିତ୍ୱ କରନ୍ତି। ଏହି ନାଟକଟି ନୈତିକ, ସଚ୍ଚୋଟତା, ନ୍ୟାୟ ଓ ମାନବ ଇଚ୍ଛାର ଜଟିଳତାକୁ ଅନୁସନ୍ଧାନ କରେ। ଅନୁଷ୍ଠାନର ସମସ୍ତ କଳାକାରଙ୍କ ଅଭିନୟ ପାରିଦର୍ଶିତାକୁ ଉପସ୍ଥିତ ସମସ୍ତ ଦର୍ଶକ ଭୂୟସୀ ପ୍ରଶଂସା କରିଥିଲେ। କ୍ୟାନଫେଷ୍ଟର ଏହି ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣର ଡେପୁଟି କଞ୍ଜରଭେଟର କ୍ୟାପଟେନ ଅଲେଖ ସାହୁ ଓ ପାରାଦୀପ ବନ୍ଦର ଲେଡିଜ୍ କ୍ଲବର ଉପସଭାପତି ଶ୍ରୀମତୀ ବର୍ଣ୍ଣାଳୀ ଚେଟିଆ ଯୋଗଦେଇ କ୍ୟାନମାସର ଉନ୍ନତି କାମନା କରିବା ସହିତ କଳାକାରଙ୍କ ଅଭିନୟକୁ ପ୍ରଶଂସା କରିଥିଲେ। ଆସନ୍ତାକାଲି ପଞ୍ଚମ ସନ୍ଧ୍ୟାରେ ମଧ୍ୟପ୍ରଦେଶରୁ ଆସିଥିବା କଳାକାର ନିର୍ଦ୍ଦେଶକ ମନୋଜ ସୋନିଙ୍କ ହିନ୍ଦୀ ନାଟକ "ସନ-୨୦୨୫' ଓ କୋରାପୁଟରୁ ଆସିଥିବା କଳାକାର ନିର୍ଦ୍ଦେଶକ ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ଦେଶିଆ/ଓଡ଼ିଆ ନାଟକ "ରେମୋ' ମଞ୍ଚସ୍ଥ କରିବେ।

● ଚିଙ୍ଗୁଡ଼ି ଘେରି ପାଇଁ ପୋତି ହୋଇପଡ଼ିଛି

# ମାହାଙ୍ଗା ନଦୀର ସଫେଇ ଦାବି



କୁଜଙ୍ଗ,୨୨।୩(ସମିସ): ଜଗତସିଂହପୁର ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଢିଙ୍କିଆ ଚାରିଦେଶ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ଦିନକୁ ଦିନ ବୃଦ୍ଧି ପାଉଛି। ଏଥିଯୋଗୁଁ ମାହାଙ୍ଗା ନଦୀ ଗର୍ଭ ପୋତି ହେବାରେ ଲାଗିଛି। ପୋତି ହେବା ଫଳରେ ତହସିଲ ଅଞ୍ଚଳର ଚାଷଜମିରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଜମି ରହୁଛି। ତେବେ ଚାଷଜମିରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ମାହାଙ୍ଗା ନଦୀ ସଫେଇ ଏରସମା ତହସିଲ ଅନ୍ତର୍ଗତ କୁଜଙ୍ଗ ଥାନ ଅଞ୍ଚଳର ବଳେଇପୁର, ଚଟୁଆ, ବାମଦେଇପୁର, ବାଲିତୁଠ, ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ଆଦି ପଞ୍ଚାୟତର ବର୍ଷାଜଳ ଜଟାଧାର ମୁହାଣ ନିକଟ ବଙ୍ଗୋପସାଗରରେ ମିଶିଛି। ଏହି ସଫେଇ ଦେଇ ସମଗ୍ର ଏରସମା ତହସିଲର ଉଦବୃତ୍ତ ବର୍ଷାଜଳ ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ହେଲେ ଉକ୍ତ ଅଞ୍ଚଳରେ ଧିରେ ଧିରେ ଚିଙ୍ଗୁଡ଼ି ଘେରି ସଂଖ୍ୟା ବୃଦ୍ଧି ପାଉଥିବାରୁ କାଳକ୍ରମେ ନଦୀ ପୋତି ହୋଇପଡୁଛି। ଏହାଦ୍ୱାରା ଚିଙ୍ଗୁଡ଼ି ଘେରି ମାଲିକ ଉପକୃତ ହେଉଥିବାବେଳେ ତହସିଲ ଅଞ୍ଚଳର ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ ଅଞ୍ଚଳର ବହୁ ଲୋକ ଚାଷ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରୁଥିବାବେଳେ ଚାଷଜମିରୁ ଜଳ ନିଷ୍କାସନ ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ଏ ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବି ପ୍ରଶାସନିକ କ୍ଷେତ୍ରରେ କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଏଣୁ ମାହାଙ୍ଗା ନଦୀ ଶଯ୍ୟା ଖନନ କରିବା ପାଇଁ ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଉଛି।

# ପାରାଦୀପଗଡ଼ ପଞ୍ଚାୟତରେ ଟ୍ରାଫିକ ନିୟନ୍ତ୍ରଣ ସଚେତନତା



ପାରାଦୀପ,୨୨।୩(ସମିସ): ପାରାଦୀପଗଡ଼ ପଞ୍ଚାୟତ ପରିସରରେ ପାରାଦୀପଗଡ଼ ପଞ୍ଚାୟତ ଓ ପ୍ରାକ୍ସିଅର୍ ଇଣ୍ଡିଆ ଲିମିଟେଡ କମ୍ପାନୀ ମିଳିତ ସହଯୋଗରେ ପଞ୍ଚାୟତରେ ଥିବା ତିନୋଟି ସରକାରୀ ଉଚ୍ଚବିଦ୍ୟାଳୟର ୪୪ ଜଣ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦ୍ରୁତ ଶିଳ୍ପାୟନ ଯୋଗୁଁ ପାରାଦୀପଗଡ଼ ପଞ୍ଚାୟତର ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଗେଟ୍ ବଜାର, କଟକ-ପାରାଦୀପ ରାଜ୍ୟ ରାଜପଥର ପାରାଦୀପଗଡ଼ ବସଷ୍ଟାଣ୍ଡ, ଦୋଛକି ଓ କଟକ-ପାରାଦୀପ ରେଳ ଲାଇନର ରଙ୍ଗିଆଗଡ଼ ରେଳ ଷ୍ଟେସନରେ ବ୍ୟାପକ ଜନଗହଳି ହେବା ସହିତ ଓ ବହୁ ଯାନବାହନ ଚଳାଚଳ ଯୋଗୁଁ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇପଡ଼ିଛି। ଏଥିସହିତ ବୁଲା ଗାଇଗୋରୁ, ଷଣ୍ଢଙ୍କ ଯୋଗୁଁ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ଘଟୁଛି। ଏହାର ସମାଧାନ ପାଇଁ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ତୈଳ ବିଶୋଧନାଗାରରେ କାର୍ଯ୍ୟରତ ପ୍ରାକ୍ସିଅର ଇଣ୍ଡିଆ ଲିମିଟେଡ଼କୁ ଚିଠି ମାଧ୍ୟମରେ ଜଣାଇଥିଲେ। ସଂପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ସରପଞ୍ଚ ଶ୍ରୀମତୀ ବେହେରାଙ୍କ ଅନୁରୋଧ ରକ୍ଷା କରି ପଞ୍ଚାୟତର ବିଭିନ୍ନ ବଜାର, ଛକ ଓ ଭିଡ଼ ସ୍ଥାନରେ ଯାନବାହନ ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ପାଇଁ ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଏପରି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନଙ୍କୁ ଆବଶ୍ୟକ ଉପକରଣ ଓ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରାକ୍ସିଅର ଇଣ୍ଡିଆ କମ୍ପାନୀର ଏଚଆର ହେଡ୍ ରଞ୍ଜିତ କୁମାର ଜେନା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ସଞ୍ଜୟ ବେହେରା, କମ୍ପାନୀ ମେକାନିକାଲ ହେଡ୍ ସରୋଜ ଏମକେ, ଶ୍ରୀମା ସରକାରୀ ଉଚ୍ଚବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଜୀବନଧନ ବେହେରା, ସମାଜସେବୀ ପରୀକ୍ଷିତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଚାନ୍ଦପୁର ଉପ୍ରା ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ

ବିରିଡ଼ି,୨୨।୩(ସମିସ): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଚଳିତ ବର୍ଷ ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବା ଆମସଂସ୍କୃତି ଆମ ଖେଳନା ଉତ୍ସବ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଶନିବାରଦିନ ବିରିଡି ବ୍ଲକ ଶିକ୍ଷାମଣ୍ଡଳ ଅଧୀନ ଚାନ୍ଦପୁର ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ସହକାରୀ ଶିକ୍ଷକ କେଦାରେଶ୍ୱର ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଚୌଧୁରୀ ସଭାପତିତ୍ୱ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତଥିଭାବେ ସ୍ଥାନୀୟ ସରପଞ୍ଚ ଆରତୀ ଭୂୟାଁ,ମୁଖ୍ୟବକ୍ତା ଭାବେ ସିଆରସିସି ଆନନ୍ଦ ବେହେରା, ସମ୍ମାନୀୟ ସମିତି ସଭ୍ୟ ସନ୍ତୋଷ ନାୟକ, ପୂର୍ବତନ ସରପଞ୍ଚ ବିମଳ କୁମାର ସେଠୀ, ଶିକ୍ଷକ ମନୋଜ କୁମାର ବିଶ୍ୱାଳ,ବଂଶୀଧର ତ୍ରିପାଠୀ,ରୀନାବାଳା ସ୍ୱାଇଁ, ରୋଜାଲିନ ସାହୁ, ଆଲୁମୁନି ସଭାପତି ପ୍ରମୋଦ କୁମାର କୁଣ୍ଡୁ, ବିଦ୍ୟାଳୟ ସଭାପତି ଅରୁଣ ଭୋଇ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ପରେ ପରେ ଶିକ୍ଷୟିତ୍ରୀ ଜୁଲିଲତା ନାୟକଙ୍କ ପରିଚାଳନାରେ ପିଲାମାନଙ୍କ ମଧ୍ୟରେ ନାଚ, ଗୀତ, ସଙ୍ଗୀତ ଓ ଅନ୍ୟାନ୍ୟ ପ୍ରତିଯୋଗିତା କରାଯାଇଥିଲା । ଶେଷରେ ସମସ୍ତ ପିଲାମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଶିକ୍ଷୟିତ୍ରୀ ଜୁଲିଲତା ନାୟକ ଧନ୍ୟବାଦ ଦେଇଥିଲେ।

# ରେଡିଓ ଆଉଟରିଚ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ



ଏରସମା,୨୨।୩(ସମିସ): ରେଡିଓ ଆଉଟରିଚ୍ ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏରସମା ବ୍ଲକ୍ ପଏଦା ପଞ୍ଚାୟତର ପୋଖରିଆପଡ଼ା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗଦେଇ ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ହ୍ରାସ, ଗ୍ଲୋବାଲ ୱାର୍ମିଂର ପ୍ରଭାବ ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରେଡିଓ ଆଉଟରିଚର ଷ୍ଟେସନ ଡାଇରେକ୍ଟର ସୁବ୍ରତ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଶ୍ୱ ଜଳ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ରେଡିଓ ଆଉଟରିଚ ପକ୍ଷରୁ ପ୍ରସ୍ତୁତ ବିଶ୍ୱ ଜଳ ଦିବସ ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ଶୁଣିଥିଲେ। ରେଡିଓ ଆଉଟରିଚର ପ୍ରୋଗ୍ରାମ ଏକଜିକ୍ୟୁଟିଭ ସ୍ମୃତି ପ୍ରିୟଦର୍ଶିନୀ ଓ ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ଦାସ, ସୁଧୀର ମହାରଣା, ସଞ୍ଜୟ ନାୟକ, ସୁଧିର ମହାରଣା, ଧିରେନ୍ଦ୍ର ରାଉତ, ପ୍ରଭାତୀ ଦାସ, ପ୍ରସନ୍ନ ନନ୍ଦ, ଅକ୍ଷୟ ପଣ୍ଡା ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜଳ ଅପଚୟ ଓ ସୁରକ୍ଷିତ ବ୍ୟବହାର ଉପରେ ଆଲୋଚନା କରିଥିଲେ। କର୍ମଚାରୀ ପ୍ରଶାନ୍ତ ସାହୁ, ସମୀର ପ୍ରସାଦ ହାତି ସହଯୋଗ କରିଥିଲେ। ୟୁନିସେଫ୍, ୟୁଥ୍ ଫର ୱାଟର ଓ ରେଡିଓ ବୁଲବୁଲର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବୃଦ୍ଧଙ୍କୁ ପୁଅବୋହୂଙ୍କ ନିର୍ଯ୍ୟାତନା

# ବୃଦ୍ଧାଶ୍ରମରେ ରଖିଲା ବ୍ୟାସ ଫାଉଣ୍ଡେସନ

ଏରସମା,୨୨।୩(ସମିସ): ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଯେତେ ଆଇନ ପ୍ରଣୟନ କରାଗଲେ ମଧ୍ୟ ଦିନକୁ ଦିନ ସେମାନଙ୍କ ପ୍ରତି ପୁଅବୋହୂଙ୍କ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ପଞ୍ଚାୟତ ଜନାର୍ଦ୍ଦନପୁର ଗ୍ରାମର ଗୋପୀନାଥ ପାତ୍ରଙ୍କ କ୍ଷେତ୍ରରେ। ଆଜିକୁ ଦୀର୍ଘଦିନ ଧରି ପିଲାମାନଙ୍କ ଦ୍ୱାରା ଅବହେଳିତ ହୋଇ ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲ୍ଲାପାଳ ଘଟଣାକୁ ବିଚାର କରି କୁଜଙ୍ଗ ଥାନା ମାଧ୍ୟମରେ ସମାଧାନ କରି ଗୋପୀନାଥ ପାତ୍ରଙ୍କୁ ନିଜ ଘରେ ଛାଡ଼ିବାକୁ ପରାମର୍ଶ ଦେଇଥିଲେ। କୁଜଙ୍ଗ ଥାନା ଓ ବ୍ୟାସ ଫାଉଣ୍ଡେସନର ମିଳିତ ସହଯୋଗରେ ଗୋପୀନାଥ ପାତ୍ରଙ୍କୁ ନିଜ ପରିବାର ରେ ଛଡ଼ାଯାଇଥିଲା। ମାସେ କିମ୍ବା ଦୁଇ ମାସ ପରେ ପୂର୍ବଭଳି ତାଙ୍କୁ ନିର୍ଯାତନା ଦେବା ସହ ତାଙ୍କୁ ଖାଇବାକୁ ନ ଦେବା, ଚିକିତ୍ସା ପାଇଁ ଡାକ୍ତରଙ୍କୁ ନ ଦେଖାଇବା ପରିବର୍ତ୍ତେ



ତାଙ୍କୁ ମାରଧର କରିବା ଭଳି ଘଟଣା ଘଟାଉଥିଲେ। ଶେଷରେ ଗୋପୀନାଥ ପାତ୍ର ଅନ୍ତିମ ଜୀବନ ବୃଦ୍ଧାଶ୍ରମରେ କାଟିବାକୁ ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାସ ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ତାଙ୍କୁ ବୃଦ୍ଧାଶ୍ରମରେ ରଖିବାକୁ ଅନୁରୋଧ କରିଥିଲେ। ଆଜି ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ, ଆଇନ ପରାମର୍ଶଦାତା ହୃଷିକେଶ ନନ୍ଦ, ସଭ୍ୟ ସଂଗ୍ରାମ ନାୟକ, ବିପିନି ମାଝୀ ପ୍ରମୁଖ ପହଞ୍ଚି କୁଜଙ୍ଗ ଥାନା ଅଧିକାରୀଙ୍କ ସହ ଆଲୋଚନା କରି ଗୋପୀନାଥଙ୍କୁ ଲିଖିତ ଦରଖାସ୍ତ ଦେଇ ଅନ୍ତିମ ଜୀବନ ଶାନ୍ତିରେ କଟାଇବା ପାଇଁ ମୋ ଘର ବୃଦ୍ଧାଶ୍ରମରେ ଅବସ୍ଥାପିତ କରାଇଛନ୍ତି। ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ କ୍ଷୋଭର ସହ ପ୍ରଶାସନକୁ ଅନୁରୋଧ କରିଛନ୍ତି ଯେ, ୨୦୦୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଣୟନ ହୋଇଥିବା ଆଇନ ଯାହା ବାପାମାଆଙ୍କୁ ହତାଦର କରୁଥିବା ପିଲାଙ୍କୁ ସମ୍ପତ୍ତିରୁ ବଞ୍ଚିତ କରାଯିବ। ତାହା କାଗଜ କଲମରେ ନ ରହି କାର୍ଯ୍ୟକାରୀ କରାଗଲେ ଯେଉଁ ପୁଅବୋହୂ ବାପାମାଆଙ୍କୁ ବର୍ଜ୍ୟବସ୍ତୁ ଭଳି ବ୍ୟବହାର କରୁଛନ୍ତି, ସେମାନେ ଠିକ୍ ବାଟକୁ ଆସିପାରିବେ।

# ପାରାଦୀପ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗର ବାର୍ଷିକ ସମ୍ମାନ




ପାରାଦୀପ,୨୨।୩(ସମିସ): ପାରାଦୀପ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ବିଭାଗ ପକ୍ଷରୁ ଆଜି ବାର୍ଷିକ ସମ୍ମାନ ଆୟୋଜିତ ହୋଇଛି। ଏ ଅବସରରେ "ସାଂଖ୍ୟ ଦର୍ଶନ- ଭାରତୀୟ ଜ୍ଞାନ ପ୍ରଣାଳୀରେ ଜ୍ଞାନର ବିଶୁଦ୍ଧତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତା ଭାବେ ଜାତୀୟ କବି ବୀରକିଶୋର ଦାସ, ସରକାରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ ଦେବଦତ୍ତ ମିଶ୍ର ଯୋଗ ଦେଇଥିଲେ। ଦର୍ଶନ ଶାସ୍ତ୍ରର ବିଭାଗୀୟ ମୁଖ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବିଷୟବସ୍ତୁ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏଥିରେ ଦର୍ଶନ ଶାସ୍ତ୍ର ବିଭାଗ ଛାତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ଓଝା ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଶ୍ରୀ ତୁଳସୀ ଓଝା ଆଲୋଚନା ବିଷୟବସ୍ତୁ ସମ୍ପର୍କରେ କାଗଜ ଉପସ୍ଥାପନ କରିଥିଲେ। ଦର୍ଶନ ଶାସ୍ତ୍ର ବିଭାଗର ଅଧ୍ୟାପିକା ପାର୍ବତୀଦେବୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ



ଜଗତସିଂହପୁର,୨୨।୩(ସମିସ): ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ତଥା ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ ଶିକ୍ଷାନୁଷ୍ଠାନର ଶିଳାନ୍ୟାସ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର କୁମାର ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପରୀକ୍ଷା ନିୟନ୍ତ୍ରକ ଡଃ ମନୋଜା ମଞ୍ଜରୀ ସ୍ୱାଇଁ, ଧନ୍ଦାମୂଳକ ଉଚ୍ଚ ବିଦ୍ୟାଳୟ ଅଧକ୍ଷ ଜିବାସୁ ସାମନ୍ତରାୟ, ପ୍ରାଧ୍ୟାପକ ନୃସିଂହ ସାମନ୍ତରାୟ, ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ ବେହେରା, ଶୈକ୍ଷିକ ଅଧିକାରୀ ଅନନ୍ତ ଆଚାର୍ଯ୍ୟ, ଜନସୂଚନା ଅଧିକାରୀ ଶୁଭେନ୍ଦୁ ମୌଳି ନନ୍ଦ ଓ ଜଗତସିଂହପୁର ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଅନିରୁଦ୍ଧ ଦୋରା ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# ନିରଞ୍ଜନ ପରିଡ଼ାଙ୍କ ସ୍ମୃତିସଭା

କୁଜଙ୍ଗ,୨୨।୩(ସମିସ): ସ୍ଥାନୀୟ ନୂଆଗାଁ ନିବାସୀ ନିରଞ୍ଜନ ପରିଡ଼ାଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଶିଶିର ସ୍ୱାଇଁଙ୍କ ପୌରୋହିତ୍ୟରେ ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି ସ୍ମୃତି ମନ୍ତ୍ରୀ, ଶ୍ରମିକ ନେତା ଡଃ ତମିଲି ପ୍ରଧାନ, ବିଶିଷ୍ଟ ଯାଦବ ନେତା ଏଏନ୍ ଡି ଯାଦବ,



ଭାରତ ଭୂଷଣ ଦାସ, ସୁବାସ ସ୍ୱାଇଁ, ଗଗନ ସାମନ୍ତରାୟ, ସାମ୍ବାଦିକ ଅରୁଣ ପରିଡା, ତପନ ସାମନ୍ତରାୟ, ବାବାଜୀ ମହାନ୍ତି, ଅସିତ ସ୍ୱାଇଁ, କାଳୀପୂଜା ସମିତିର ସମସ୍ତ ସଦସ୍ୟ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପତ୍ନୀ ସବିତା ରାଣୀ, ପୁଅ ଅନାଥ, ଝିଅ ମଧୁ, ପିଙ୍କି, ଜ୍ୱାଇଁ ଗୌତମ, ଭାଇ ଶ୍ରୀଧର, ଭଉଣୀ ଗୀତା, ଭଣଜା ବିପ, ବିଭୁ, ଜିତୁ, ବୁବୁ, ଭିଣୋଇ ବାଇଧର, ଧିରେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମା' ବଟମଙ୍ଗଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ୍ ଷ୍ଟାର୍‌କୁ ହରାଇଲା ଗାଦିବ୍ରହ୍ମ କ୍ଲବ୍

ବାଲିକୁଦା,୨୨।୩(ସମିସ):



ବାଲିକୁଦା ବ୍ଲକ୍ ମରିଚିପୁର ପଞ୍ଚାୟତ ଫୁଲବେଲାରି ମା' ବଟମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ମା' ବଟମଙ୍ଗଳା ପଡିଆରେ ତୃତୀୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ସମାଜସେବୀ କମଳାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାରମୁଣ୍ଡଳୀ ସମବାୟ ସମିତି ସଭାପତି ସଞ୍ଜୟ ନାୟକ, ସମାଜସେବୀ ମୁନା ସ୍ୱାଇଁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଆୟୋଜକ ଟିମ୍‌ର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଟସ ଜିତି ଅଣିଅଙ୍କ ରୟାଲ ଷ୍ଟାର କ୍ରିକେଟ କ୍ଲବ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଆମନ୍ତ୍ରଣ ପାଇ ଅପଣ୍ଡରାର ଗାଦିବ୍ରହ୍ମ କ୍ରିକେଟ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ୱିକେଟ ହରାଇ ୫୨ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ୍ ଷ୍ଟାର୍ କ୍ରିକେଟ କ୍ଲବ୍ ୬ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୨୦ ରନ କରି ପରାସ୍ତ ହୋଇଥିଲା। ଗାଦିବ୍ରହ୍ମ କ୍ରିକେଟ୍ ଟିମର ସୁଜିତ ସାହୁ ୩୨ ରନ ଓ ୪ ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ଲିଗ୍ ମ୍ୟାଚରେ ଖଡ଼ିକାଦଣ୍ଡାର ଜୟଦୁର୍ଗା କ୍ରିକେଟ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ ହରାଇ ୩୮ ରନ କରିଥିଲା। ଜବାବରେ ଓଳାସର ଲୋଟସ କ୍ଲବ୍ ୪ ୱିକେଟ ହରାଇ ଅନ୍ତିମ ବଲରେ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ବିଭୂତି ନାୟକ ସର୍ବାଧିକ ୨୮ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ ଲିଗ୍ ମ୍ୟାଚରେ ମରିଚପୁରର ରାଇଜିଂ ଷ୍ଟାର ୟୁଥ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ ୱିକେଟ ହରାଇ ୪୫ ରନ କରିଥିଲା। ଜବାବରେ ପୋଦରୁଆଁର ଉତ୍ତରେଶ୍ୱର ୟୁଥ୍ କ୍ଲବ୍ ୬ ୱିକେଟ ହରାଇ ୬ ଓଭରରେ ୪୬ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅନିନ୍ଧ ମହାନ୍ତି ୩୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ତୃତୀୟ ଅମ୍ପାୟାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଦାୟିତ୍ୱରେ ସୌମ୍ୟରଞ୍ଜନ ନାୟକ ଅଛନ୍ତି। ତୋଫାନ ଗାଇଆ, ହାପିନା ଜେନା ଓ ଆଶିଷ ନାୟକ ଅମ୍ପାୟାର ଥିବାବେଳେ କୁଲୁ ଶୁକ୍ଳା ଓ ସତ୍ୟପ୍ରିୟ ନାୟକ ସ୍କୋରର ଥିଲେ। ପିଣ୍ଟୁ ମହାରଣା ଓ ଦେବାଶିଷ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବ୍ ସଦସ୍ୟ ଜ୍ୟୋତିଷ ନାୟକ, ରମେଶ ନାୟକ, ସୂର୍ଯ୍ୟକାନ୍ତ ନାୟକ, ଟିକିଲି ନାୟକ, ହେମନ୍ତ ଶୁକ୍ଳା, ଜଗବନ୍ଧୁ ଶୁକ୍ଳା, ବିନୟ ଶୁକ୍ଳା, ବ୍ରଜବନ୍ଧୁ ଶୁକ୍ଳା, ବେନୁ ଦାସ, ତପନ ନାୟକ, ସୁଜିତ ଶୁକ୍ଳା, ଅଭୟ ଦଳାଇ, ଭୁନା ସ୍ୱାଇଁ, ଉଲ୍ଲାସ ଜେନା, କ୍ଷୀର ଜେନାଙ୍କ ସମେତ ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୧.୯୮
- ୟୁରୋ ୯୩.୭୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୭୦୦ (ଭୁବନେଶ୍ୱର)
- ରୁପା : ୧,୦୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୦୫.୦୦
- ନିଫ୍ଟି ୨୩,୩୫୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ସରକାରଙ୍କୁ ସହାୟତା ମାଗିଲେ ଭୋଡାଫୋନ-ଆଇଡିଆ

**ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି):** ଆର୍ଥିକ ସମସ୍ୟାର ମୁକାବିଲା କରୁଥିବା ଟେଲିକମ୍ କମ୍ପାନୀ ଭୋଡାଫୋନ-ଆଇଡିଆ (ଭିଆଇ) ଆଡଜଷ୍ଟେଡ ଗ୍ରସ ରେଭିନ୍ୟୁ (ଏଜିଆର) ଏବଂ ସ୍ପେକ୍ଟ୍ରମ୍ ବକେୟା ରାଶି ପରିଶୋଧ କରିପାରୁନାହାନ୍ତି। ଏଭଳି ସ୍ଥିତିରେ ଏହି କମ୍ପାନୀ ଅତିରିକ୍ତ ଆର୍ଥିକ ସହାୟତା ଲାଗି ସରକାରଙ୍କ ଶରଣ ପଶିଛନ୍ତି। ରିପୋର୍ଟ ଅନୁଯାୟୀ କମ୍ପାନୀ ଏହାକୁ ନେଇ ଗତ ୧୧ ତାରିଖରେ ଟେଲିକମ୍ ସଚିବ ନିରଜ ମିତ୍ତଲଙ୍କୁ ଚିଠି ଲେଖିଥିଲା। ଏଥିରେ ବକେୟା ବାବଦ ଅର୍ଥ ତଥା ଆଉଟଷ୍ଟାଣ୍ଡିଂ ଡ୍ୟୁକୁ ଇକ୍ୱିଟିରେ ବଦଳାଇ ଦେବାକୁ ଅନୁରୋଧ କରାଯାଇଛି। ଯଦି ଏପରି ହୁଏ ତେବେ ଭୋଡାଫୋନ-ଆଇଡିଆରେ ସରକାରଙ୍କ ଅଂଶଧନ ୪୯ ପ୍ରତିଶତକୁ ବୃଦ୍ଧି ପାଇବ। ଏବେ ସରକାରଙ୍କ ଅଂଶଧନ ୨୨.୬ ପ୍ରତିଶତ ରହିଛି। ଭିଆଇ ୩୬, ୯୫୦ କୋଟି ଟଙ୍କାର ଏଜିଆର ଏବଂ ସ୍ପେକ୍ଟ୍ରମ ବକେୟାରେ ଆଶ୍ୱସ୍ତି ଚାହୁଁଛି। ଆଗାମୀ ସପ୍ତାହରେ କମ୍ପାନୀକୁ ଏଥିରୁ ୧୩, ୦୮୯ କୋଟି ଟଙ୍କା ଦେବାକୁ ପଡ଼ିବ। ଏବେ ଏହି ଅର୍ଥ ପୈଠ କରିବାକୁ କମ୍ପାନୀ ସକ୍ଷମ ନୁହେଁ ବୋଲି କୁହାଯାଇଛି।

## ଭାରତର ୧୦୦ଟି ସହରରେ ସ୍ୱିଗି

**ମୁମ୍ବାଇ, ୨୨।୩ (ଏଜେନ୍ସି):** ଭାରତର ପ୍ରଥମ କ୍ୱିକ୍ କମର୍ସ ପ୍ଲାଟ୍‌ଫର୍ମ ସ୍ୱିଗି ଇନ୍‌ଷ୍ଟାମାର୍ଟ ଏହାର ସେବାକୁ ଦେଶବ୍ୟାପୀ ୧୦୦ଟି ସହରକୁ ବିସ୍ତାର କରିଛି। ବିଶେଷ କରି ଟିୟର ୨ ଓ ୩ ସହରଗୁଡିକରେ ୧୦ ମିନିଟ୍ ଡେଲିଭରିପାଇଁ ବଢୁଥିବା ଚାହିଦା ଯୋଗୁଁ କମ୍ପାନୀକୁ ଏହି ସଫଳତା ମିଳିଛି। କେବଳ ଗତ ମାସରେ ସ୍ୱିଗି ଇନ୍‌ଷ୍ଟାମାର୍ଟ ରାୟପୁର, ସିଲିଗୁଡି, ଯୋଧପୁର ଓ ଥାଞ୍ଜାବୁର ଭଳି ସହରରେ ଆରମ୍ଭ ହୋଇଛି। ଏହି ସମ୍ପ୍ରସାରଣ ସହିତ ଲକ୍ଷ ଲକ୍ଷ ନୂଆ ଗ୍ରାହକ ଏବେ ଗ୍ରୋସରୀଠାରୁ ଆରମ୍ଭ କରି ଦୈନନ୍ଦିନ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଭଳି ୩୦,୦୦୦ରୁ ଅଧିକ ଉତ୍ପାଦ ପାଇପାରିବେ। ଏ ସବୁ କେବଳ ୧୦ ମିନିଟରେ ଡେଲିଭର ହେବ। ବର୍ତ୍ତମାନର କ୍ରିକେଟ ଓ ପାର୍ବଣ ଋତୁ ସହିତ ସ୍ୱିଗି ଇନ୍‌ଷ୍ଟାମାର୍ଟ 'ମେଗାପଡ୍‌ସ'ର ଶୁଭାରମ୍ଭ କରି ଏହି ଡାର୍କଷ୍ଟୋର ନେଟ୍‌ୱର୍କକୁ ବିସ୍ତାର କରୁଛି। ୧୦,୦୦୦ରୁ ୧୨୦୦୦ ବର୍ଗଫୁଟ ସ୍ଥାନରେ ପରିବ୍ୟାପ୍ତ ଏହି ମେଗାପଡ୍‌ସଗୁଡିକରେ ୫୦,୦୦୦ ପର୍ଯ୍ୟନ୍ତ ଷ୍ଟାକ୍-କିପିଂ ୟୁନିଟ (ଏସ୍‌କେୟୁ) ରଖାଯାଇପାରିବ। ଏହି ବିସ୍ତାରିତ ଆସର୍ଟମେଣ୍ଟ ଅଣ-ଗ୍ରୋସରୀ ବର୍ଗଗୁଡିକୁ ଖୋଲିବା ସହ ପ୍ଲାଟ୍‌ଫର୍ମରେ ଉପଲବ୍ଧ ଗ୍ରୋସରୀ ଚୟନକୁ ମଧ୍ୟ ଉନ୍ନତ କରିଛି। ଏଥିରେ ଏଫ୍‌ଏମସିଜି ଓ ଡି୨ସି ବ୍ରାଣ୍ଡଗୁଡିକର ଏକ ମିଶ୍ରଣ ସମେତ ଲୋକାଲ ବ୍ରାଣ୍ଡଗୁଡିକ ସାମିଲ ରହିଛି ଯାହାକୁ ପ୍ରତ୍ୟେକ ସହରରେ ଗ୍ରାହକଙ୍କ ସ୍ୱତନ୍ତ୍ର ପସନ୍ଦ ଅନୁଯାୟୀ ପ୍ରସ୍ତୁତ କରାଯାଇଛି।

## ଫୋନ୍‌ପେ' ୱେଲ୍‌ଥ ପକ୍ଷରୁ ସିଆରଆଇଏସ୍‌ପିର ଶୁଭାରମ୍ଭ



**ମୁମ୍ବାଇ, ୨୨।୩ (ସମିସ):** ଫୋନପେ ୱେଲଥ ପକ୍ଷରୁ ସିଆରଆଇଏସପିର ଶୁଭାରମ୍ଭ କରାଯାଇଛି। ଏହି ଟୁଲ୍ ନିବେଶକମାନଙ୍କୁ ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ସମ୍ପର୍କରେ ଅଧିକ ସଚେତନ ଭାବରେ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ। ସିଆରଆଇଏସପି (ଧାରାବାହିକତା, ରିସ୍କ ଏବଂ ପୋର୍ଟଫୋଲିଓରେ ବିନିଯୋଗ ଶୈଳୀ) ଟୁଲ ନିବେଶକମାନଙ୍କୁ ଅତୀତର ରିଟର୍ଣ୍ଣ ଦେଖିବାରେ ସାହାଯ୍ୟ କରିବା ସହିତ ଉପଯୁକ୍ତ ଫଣ୍ଡ ଚୟନ କରିବା କ୍ଷେତ୍ରରେ ଏକ ସାମଗ୍ରିକ ସମାଧାନ ପ୍ରଦାନ କରି ଏହି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ମୁକାବିଲା କରିଥାଏ। ରିଟେଲ ନିବେଶକମାନେ ବିଶେଷକରି ୱେଲଥଟେକ ପ୍ଲାଟଫର୍ମ ମାଧ୍ୟମରେ ବିନିଯୋଗ କରୁଥିବା ନିବେଶକମାନେ ସେମାନଙ୍କର ବିନିଯୋଗ ପାଇଁ ନିଷ୍ପତ୍ତି ଗ୍ରହଣ କରିବାକୁ ଆଜି ପର୍ଯ୍ୟନ୍ତ ମୁଖ୍ୟତଃ ଫଣ୍ଡର ଅତୀତର ପଏଣ୍ଟ-ଟୁ-ପଏଣ୍ଟ ପ୍ରଦର୍ଶନ ଉପରେ ନିର୍ଭର କରିଆସୁଛନ୍ତି। ଏଥିପାଇଁ ନିବେଶକମାନେ ଅନେକ ସମୟରେ ବିନିଯୋଗ ପାଇଁ ଭୁଲ ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି। ସିଆରଆଇଏସପି ମ୍ୟୁଚୁଆଲ ଫଣ୍ଡର କାର୍ଯ୍ୟଦକ୍ଷତା, ରିସ୍କ ଏବଂ ପୋର୍ଟଫୋଲିଓ ତଥ୍ୟକୁ କାର୍ଯ୍ୟକାରୀ ଅନ୍ତର୍ଦୃଷ୍ଟିରେ ରୂପାନ୍ତରିତ କରି ବିନିଯୋଗ ପାଇଁ ସହଜରେ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। ସିଆରଆଇଏସପି ଭଳି ଅଭିନବ ଟୁଲ ମାଧ୍ୟମରେ ନିବେଶକମାନଙ୍କୁ ସାହାଯ୍ୟ କରିବା ଆମର ଲକ୍ଷ୍ୟ ବୋଲି ସେୟାର.ମାର୍କେଟ (ଫୋନପେ ୱେଲଥ)ର ବିନିଯୋଗ ପ୍ରଡକ୍ଟଗୁଡ଼ିକର ମୁଖ୍ୟ ନୀଲେଶ ଡି ନାଏକ କହିଛନ୍ତି।

**ଚିନ୍ତା ବଢ଼ାଇଛି ଶୁଳ୍କ ଯୁଦ୍ଧ**

# ଟ୍ରମ୍ପଙ୍କ ମୁକାବିଲା ପାଇଁ ଜାପାନ, ଚୀନ, କୋରିଆ ଏକାଠି

**୬ ବର୍ଷ ପରେ ଚୀନ୍ ଓ ଜାପାନ ମଧ୍ୟରେ ଆର୍ଥିକ ଆଲୋଚନା**

**ଚୀନ୍ ଉପରେ ପଡୁନି ଆମେରିକା ଶୁଳ୍କର ପ୍ରଭାବ**

**ଟ୍ରମ୍ପଙ୍କ ନୀତି ଭାରତକୁ ଦେଇଛି ଝଟ୍‌କା**



**ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି):**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ (ଶୁଳ୍କ) ନୀତି ପାଇଁ ସାରା ବିଶ୍ୱରେ ଆତଙ୍କ ଜାରି ରହିଛି। କେତେବେଳେ କେଉଁ ଦେଶ ଉପରେ ଟ୍ରମ୍ପ ଶୁଳ୍କ ଲଗାଇବେ ତାହାକୁ ନେଇ ଅନେକ ଦେଶ ଆଶଙ୍କାରେ ଅଛନ୍ତି। ଏପରି ସମୟରେ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧର ମୁକାବିଲା ପାଇଁ ଜାପାନ, ଚୀନ ଏବଂ ଦକ୍ଷିଣ କୋରିଆ ଏକାଠି ହୋଇଛନ୍ତି। ଆମେରିକା ଚାପ ମଧ୍ୟରେ ଶନିବାର ଟୋକିଓରେ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଏହି ଅବସରରେ ଦୀର୍ଘ ୬ ବର୍ଷ ପରେ ଜାପାନ ଏବଂ ଚୀନ୍ ମଧ୍ୟରେ ଆର୍ଥିକ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଛି। ଏହାକୁ ନେଇ ଜାପାନ ବିଦେଶମନ୍ତ୍ରୀ ଟାକେଶି ଆଇୱାୟା କହିଛନ୍ତି ଯେ ଏହି ବୈଠକ କିଛି ସମୟ ପାଇଁ ଚାଲିଥିଲା। ଏହା ସଫଳ ହୋଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ତେବେ ଆମେରିକା ଶୁଳ୍କ ବିଷୟରେ ପଚାରିବାରୁ ଏହା ମୁଖ୍ୟ ପ୍ରସଙ୍ଗ ନ ଥିଲା ବୋଲି ସେ କହିଛନ୍ତି। କିନ୍ତୁ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଭିନ୍ନ ରିପୋର୍ଟ ଆସିଛି। ଆମେରିକା ଶୁଳ୍କ ନୀତିର ମୁକାବିଲା ପାଇଁ ତିନି ଦେଶ ମଧ୍ୟରେ ଚର୍ଚ୍ଚା ହୋଇଥିବା କୁହାଯାଇଛି। ପ୍ରଥମେ ଟାକେଶି କହିଛନ୍ତି ଯେ ଦକ୍ଷିଣ କୋରିଆ ସହ ମିଳିତ ଭାବେ କାର୍ଯ୍ୟ ଜାରି ରଖିବାକୁ ସହମତି ପ୍ରକାଶ ପାଇଛି। ତେବେ ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟିଙ୍କ ସହ କେଉଁ ବିଷୟରେ ଚର୍ଚ୍ଚା ହୋଇଥିଲା ସେ ତାହା କହିନାହାନ୍ତି। ଏହା ପୂର୍ବରୁ ୱାଙ୍ଗ କହିଥିଲେ ଯେ ଅନ୍ତର୍ଜାତୀୟ ସ୍ଥିତି ଏବଂ ବିଶ୍ୱ ଅର୍ଥନୀତି ଦୁର୍ବଳ ସ୍ଥିତି ମଧ୍ୟରେ ତିନି ଦେଶ ପରସ୍ପର ମଧ୍ୟରେ ସମ୍ବନ୍ଧକୁ ଅଧିକ ମଝବୁତ କରିବାର ଆବଶ୍ୟକତା ରହିଛି। ନିଜ ନିଜ ମଧ୍ୟରେ ସହଯୋଗ ବୃଦ୍ଧି କରି ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଜରୁରୀ। ଆମେ ବହୁମୁଖୀ ଏବଂ ମୁକ୍ତ ବାଣିଜ୍ୟକୁ ସମର୍ଥନ କରୁଛୁ। ଅଧିକ ଅନ୍ତର୍ଭୁକ୍ତିକରଣ ଏବଂ ବୈଶ୍ୱିକକରଣକୁ ପ୍ରାଧାନ୍ୟ ଦେଉଛୁ। ଅନ୍ୟପକ୍ଷରେ ଚୀନ୍ ଉପରେ ଟାରିଫ (ଶୁଳ୍କ) ଲଗାଇବାକୁ ନେଇ ଆମେରିକା ରାଷ୍ଟ୍ରପତି ଜୋରସୋର୍‌ରେ ଘୋଷଣା କରିଥିଲେ। ମାତ୍ର ଏହାର କୌଣସି ପ୍ରଭାବ ବେଜିଂ ଉପରେ ପଡ଼ିନାହିଁ। ଦେଶର ଅର୍ଥନୀତି ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇ ଚାଲିଛି। ଚୀନ୍ କମ୍ପାନୀଙ୍କୁ ପାଇଁ ଏପରି ହୋଇଛି। ଚୀନ୍‌ର କିଛି କମ୍ପାନୀ ବିଦେଶୀ ନିବେଶକ (ଏଫଆଇଆଇ)ଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛନ୍ତି। ତେବେ ଟ୍ରମ୍ପଙ୍କ ନୀତି ପାଇଁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ଏପ୍ରିଲ ୨ରେ ଭାରତ ଉପରେ ରେସିପ୍ରୋକାଲ (ସମାନ ଟିକସ) ଲଗାଇବାକୁ ଟ୍ରମ୍ପ ଘୋଷଣା କରିଥିଲେ। ଏହାର ପରେ ଭାରତୀୟ ସେୟାର ବଜାରରୁ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଟଙ୍କା କାଢ଼ି ନେଉଥିବା ଦେଖାଯାଇଥିଲା। ଏମାନେ ଚୀନ୍‌ମୁହାଁ ହେବା ଯୋଗୁଁ ଭାରତ ପ୍ରଭାବିତ ହୋଇଛି। ଏହି ସପ୍ତାହରେ ବିଦେଶୀ ନିବେଶକମାନେ ଚୀନ୍ ସେୟାର ବଜାରରେ ବିପୁଳ ନିବେଶ କରିଛନ୍ତି। ଏହା ପ୍ରାୟ ୧.୨ ବିଲିୟନ ଡଲାର ହେବ। ୨୦୨୪ ଅକ୍ଟୋବର ପରେ ଏହା ସର୍ବାଧିକ ସାପ୍ତାହିକ ନିବେଶ। ଇଲେକ୍ଟ୍ରିକ ଗାଡ଼ିଙ୍କ ବଡ଼ କମ୍ପାନୀ ବିୱାଇଡି ଏବଂ ଚୀନ୍‌ର ଏଆଇ କମ୍ପାନୀର ସେୟାରରେ ଦ୍ରୁତ ବୃଦ୍ଧି ଦେଖା ଦେଇଛି। ଏଥିଯୋଗୁଁ ଚୀନ୍ ବଜାର ପୁଣି ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ସାରା ବିଶ୍ୱର ଫଣ୍ଡ ମ୍ୟାନେଜର ଏବେ ଚୀନ୍ ଅର୍ଥବ୍ୟବସ୍ଥା ଉପରେ ଅଧିକ ଭରସା କରୁଛନ୍ତି। ଏମାନେ ନିବେଶ ମଧ୍ୟ ବଢ଼ାଉଛନ୍ତି। ଅନ୍ୟପଟେ ଟ୍ରମ୍ପ ଚୀନ୍ ଉପରେ ଅଧିକ ଖଟୋର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ସେ କହିଛନ୍ତି ଯେ ଚୀନ୍‌ର ଆର୍ଥିକ ବିକାଶରେ ଆମେରିକା କର୍ମଚାରୀଙ୍କ କ୍ଷତି ହେଉଛି। ଚୀନ୍ ସାରା ବିଶ୍ୱର ଉଦ୍ୟୋଗକୁ ଅସ୍ଥିର କରିଦେଉଛି। ଚୀନ୍ ପ୍ରଭାବକୁ କମ୍ କରିବା ପାଇଁ ଟ୍ରମ୍ପ ନୂଆ ଶୁଳ୍କ ନୀତି ଆଣିଛନ୍ତି। ମାତ୍ର ଏହା ଦ୍ୱାରା ବେଜିଂ ସହ କାରବାର କରୁଥିବା ଦେଶଗୁଡିକ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ କେବଳ ଆମେରିକା ଏବଂ ଚୀନ୍ ମଧ୍ୟରେ ଲଢେଇ ହୋଇ ରହିନାହିଁ। ଏହା ବିଶ୍ୱରେ ବାଣିଜ୍ୟ ବ୍ୟବସାୟର ପନ୍ଥାକୁ ବଦଳାଇ ଦେଉଛି। ସେହିପରି ବିଦେଶୀ ନିବେଶକ ଚୀନ୍ ଯିବା ଯୋଗୁଁ ଭାରତୀୟ ସେୟାର ମାର୍କେଟରେ ହ୍ରାସ ଦେଖାଯାଉଛି।

**ବିଶ୍ୱ ଜଳ ଦିବସ**

## ୧୬ ବିଲିୟନ୍ ଲିଟର ପୁନଃଚକ୍ରଣ କଲା ବେଦାନ୍ତ ଆଲୁମିନିୟମ୍



**ଭୁବନେଶ୍ୱର, ୨୨।୩ (ସମିସ):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଆର୍ଥିକ ବର୍ଷ ୨୦୨୫ରେ ପ୍ରାୟ ୧୬ ବିଲିୟନ ଲିଟର ଜଳ ପୁନଃଚକ୍ରଣ କରିଛି। ଏହି ପରିମାଣର ଜଳ ପ୍ରାୟ ୬, ୪୦୦ ଅଲିମ୍ପିକ୍-ଆକାରର ସୁଇମିଂ ପୁଲ୍ ସହିତ ସମାନ। ଏହା କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ୧୫% ଜଳ ପୁନଃଚକ୍ରଣ ହାର ସହିତ, କମ୍ପାନୀ ଜଳ ସଂରକ୍ଷଣରେ ଉଲ୍ଲେଖନୀୟ ଅଗ୍ରଗତି ଜାରି ରଖିଛି। ଗତ ବର୍ଷ ବେଦାନ୍ତ ୮୧ଟି ଗୋଷ୍ଠୀ ପୋଖରୀର ନବୀକରଣ କରିଛି। ସ୍ଥାନୀୟ ଜଳ ସଂରକ୍ଷଣରେ ଅତିରିକ୍ତ ୧୦, ୦୦୦ ଘନ ମିଟର ଯୋଗଦାନ ପାଇଁ ୨୦ଟି ଅତିରିକ୍ତ ଫାର୍ମ ପୋଖରୀ ନିର୍ମାଣ କରିବାକୁ ଯୋଜନା କରିଛି। ଏହି ବର୍ଷର 'ହିଶାବଲୀ ସଂରକ୍ଷଣ' ବିଷୟବସ୍ତୁ ଅନୁଯାୟୀ, ବେଦାନ୍ତ ମଧୁର ଜଳ ସମ୍ପଦର ସ୍ଥାୟୀ ପରିଚାଳନା ପାଇଁ ଗଭୀରଭାବରେ ପ୍ରତିବଦ୍ଧ ରହିଛି।
ବେଦାନ୍ତର ଆଲୁମିନା ରିଫାଇନାରୀ ଲାଞ୍ଜିଗଡ଼ରେ ସମନ୍ୱିତ ଜଳବିଭାଜିକା ପ୍ରକଳ୍ପ ଜଳ ପୁନଃଚାର୍ଜକୁ ୨ ଲକ୍ଷ ଘନ ମିଟର ପର୍ଯ୍ୟନ୍ତ ବୃଦ୍ଧି କରିଛି। ୧୭୦ ଏକରରୁ ଅଧିକ ଜମିକୁ ଜଳ ଯୋଗାଇଛି। ଏହା ଦ୍ୱାରା ୫୦୦ରୁ ଅଧିକ ଚାଷୀ ଲାଭାନ୍ୱିତ ହୋଇଛନ୍ତି। ଜଳବାୟୁ-ସ୍ମାର୍ଟ କୃଷି ପଦ୍ଧତି, ଯେପରିକି ଡ୍ରିପ୍ ଜଳସେଚନ, ୧ ଲକ୍ଷ ଘନ ମିଟରରୁଅଧିକ ଜଳ ସଂରକ୍ଷଣ କରିଛି। ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ୨, ୦୦୦ ରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି। ସମ୍ପ୍ରତି, କମ୍ପାନୀ ୧୨ ଟି ନୂତନ କୃଷି ପୋଖରୀ ପ୍ରତିଷ୍ଠା କରି ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହିତ ମଧ୍ୟ ସହଭାଗୀ ହୋଇଛି। ଏହା ବ୍ୟତୀତ ଖଣି ଅଞ୍ଚଳରେ କମ୍ପାନୀ ଅତିରିକ୍ତ ୭୫, ୦୦୦ ଘନ ମିଟର ଜଳ ସଂରକ୍ଷଣ ପାଇଁ ପୋଖରୀକୁ ପୁନରୁଦ୍ଧାର କରିଛି। ବିଶ୍ୱ ଜଳ ଦିବସ ଅବସରରେ କମ୍ପାନୀ ଏହାର କାର୍ଯ୍ୟସ୍ଥଳ ନିକଟରେ ଏକ ଫାର୍ମ ପୋଖରୀ ଉଦଘାଟନ କରିଛି। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ଜଳ ହିଁ ଜୀବନ। ଶିଳ୍ପ ଏବଂ ସମ୍ପ୍ରଦାୟକୁ ବଜାୟ ରଖିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। କମ୍ପାନୀ ୨୦୩୦ ସୁଦ୍ଧା ନେଟ୍ ୱାଟର ପଜିଟିଭ୍ ସ୍ଥିତି ହାସଲ ଲକ୍ଷ୍ୟ ରଖିଛି। ଏହା ସହିତ କମ୍ପାନୀ ମଧୁର ଜଳ ବ୍ୟବହାରକୁ ୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସଫଳତା ପାଇଛି।

## ଚଳିତ ସପ୍ତାହରେ ସୁନା ଦର ୧୩୨୬ ଟଙ୍କା ବୃଦ୍ଧି



**ରୁପା ମୂଲ୍ୟ ୭୦୨ ଟଙ୍କା ହ୍ରାସ**

**ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି):** ସୁନା ମୂଲ୍ୟରେ ନିଆଁ ଲାଗିଛି। କ୍ରମାଗତ ଭାବେ ଏହାର ମୂଲ୍ୟ ବଢ଼ିବାରେ ଲାଗିଛି। ଚଳିତ ସପ୍ତାହରେ ସୁନା ମୂଲ୍ୟ ୧୩୨୬ ଟଙ୍କା ବୃଦ୍ଧି ପାଇଛି। ୧୦ ଗ୍ରାମ ପିଛା ୨୪ କାରଟ ସୁନା ମୂଲ୍ୟ ଗତ ଶନିବାର ୮୬, ୮୪୩ ଟଙ୍କା ଥିଲା। ଏବେ ଏହା ୮୮, ୧୬୯ ଟଙ୍କାରେ ପହଞ୍ଚି ଯାଇଛି। ଗତ ଜାନୁଆରୀ ୧ ତାରିଖରୁ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୧୨, ୦୦୭ ଟଙ୍କା ମହଙ୍ଗା ହେଲାଣି। ଏବେ ୨୨ କାରଟ ସୁନା ମୂଲ୍ୟ ୮୦, ୭୬୩ ଟଙ୍କା ଏବଂ ୧୮ କାରଟ ମୂଲ୍ୟ ୬୬, ୧୨୭ ଟଙ୍କା ରହିଛି। ଇଣ୍ଡିଆନ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଚଳିତ ସପ୍ତାହରେ ରୁପା କେଜି ପିଛା ମୂଲ୍ୟ ୭୦୨ ଟଙ୍କା ହ୍ରାସ ପାଇଛି। ଗତ ଶନିବାର ଏହା ୯୮, ୩୨୨ ଟଙ୍କା ଥିବାବେଳେ ଏବେ ଏହା ୯୭, ୬୨୦ ଟଙ୍କାକୁ ଖସି ଆସିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ରୁପା ମୂଲ୍ୟ ୧୧, ୬୦୩ ଟଙ୍କା ବୃଦ୍ଧି ପାଇଲାଣି। ସୁନା ମୂଲ୍ୟ ବୃଦ୍ଧି ପଛରେ ତିନୋଟି ପ୍ରମୁଖ କାରଣ ରହିଛି। ସେଗୁଡିକ ହେଲା ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ହେବା ପରେ ଭୂ-ରାଜନୈତିକ ଉତ୍ତେଜନା ବଢ଼ି ଯାଇଛି। ଶୁଳ୍କ ଯୁଦ୍ଧକୁ ନେଇ ଅନେକ ଦେଶ ଆଶଙ୍କିତ ଅଛନ୍ତି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହେବାରେ ଲାଗିଥିବାରୁ ସୁନା ମୂଲ୍ୟ ବୃଦ୍ଧି ପାଉଛି।

**ଲୋକଙ୍କ ଅର୍ଥ ଲୁଟି ନେଉଛନ୍ତି ସ୍କାମର୍ସ**

# ୧୦ ମାସରେ ଉଡ଼ାଇନେଲେ ୪୨୪୫ କୋଟି

**ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି):**



ପ୍ରଯୁକ୍ତିବିଦ୍ୟା ଏବଂ ଜ୍ଞାନକୌଶଳ ଯେତେ ଉନ୍ନତ ହୋଇ ଚାଲିଛି ଲୁଟ୍ ମଧ୍ୟ ସେହିଭଳି ଭାବେ ବଢ଼ି ଚାଲିଛି। ଭାରତରେ ଅନ୍‌ଲାଇନ ସ୍କାମ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ଅନେକ ବ୍ୟକ୍ତି ସ୍କାମର୍ସଙ୍କ ଜାଲରେ ଫସି ଲୁଟ୍‌ର ଶିକାର ହେଉଛନ୍ତି। ଲୋକଙ୍କ ସାରା ଜୀବନର ଆୟକୁ ଏମାନେ ଲୁଟି ନେଇ ସର୍ବସ୍ୱାନ୍ତ କରିଦେଉଛନ୍ତି। ୨୦୨୪-୨୫ର ପ୍ରଥମ ୧୦ ମାସରେ 'ଡିଜିଟାଲ ଫାଇନାନ୍‌ସିଆଲ ଫ୍ରଡ୍' ଯୋଗୁ ଲୋକେ ୪୨୪୫ କୋଟି ଟଙ୍କା ହରାଇଛନ୍ତି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରାଳୟ ପକ୍ଷରୁ ରାଜ୍ୟସଭାରେ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ୨୦୨୨-୨୩ରେ ଏଭଳି ଠକେଇର ପ୍ରାୟ ୨୦ ଲକ୍ଷ ମାମଲା ସାମ୍ନାକୁ ଆସିଥିଲା। ଏଥିରେ ସ୍କାମର୍ସ ୨୫୩୭ କୋଟି ଟଙ୍କା ଲୁଟି ନେଇଥିଲେ। ୨୦୨୩-୨୪ରେ ମଧ୍ୟରେ ୨୮ ଲକ୍ଷ ଠକେଇ ମାମଲା ରୁଜୁ ହୋଇଥିଲା। ଏହା ମାଧ୍ୟମରେ ଲୋକେ ୪୪୦୩ କୋଟି ଟଙ୍କା ହରାଇ ଥିଲେ। ଅର୍ଥମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଠକେଇ ସମ୍ବନ୍ଧିତ ମାମଲା ପାଇଁ ଆର୍‌ବିଆଇ 'ଫ୍ରଡ ରିପୋର୍ଟିଂ ସିଷ୍ଟମ' ପ୍ରସ୍ତୁତ କରିଛି। ବ୍ୟାଙ୍କ, ନନ୍-ବ୍ୟାଙ୍କ ପ୍ରିପେଡ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ ଇସୁଅର୍ସ ଏବଂ ନନ୍-ବ୍ୟାଙ୍କିଂ କ୍ରେଡିଟ୍ କାର୍ଡ ଇସୁଅର୍ସ ମାଧ୍ୟମରେ ଲୋକେ ଠକେଇ ଘଟଣାର ରିପୋର୍ଟ ଦେଇପାରିବେ। ଆର୍ଥିକ ଠକେଇର ତତ୍କାଳ ରିପୋର୍ଟିଂ ଏବଂ ଏହାକୁ ବନ୍ଦ କରିବା ପାଇଁ 'ସିଟିଜେନ ଫାଇନାନ୍‌ସିଆଲ ସାଇବରଫ୍ରଡ୍ ରିପୋର୍ଟିଂ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ' ଆରମ୍ଭ କରାଯାଇଛି। ଏ ପର୍ଯ୍ୟନ୍ତ ୧.୩ ନିୟୁତ ଅଭିଯୋଗକୁ ଆଧାର କରି ସିଷ୍ଟମ ମାଧ୍ୟମରେ ୪୩୮୬ କୋଟି ଟଙ୍କା ବଞ୍ଚାଇ ଦିଆଯାଇଛି। ରାଜ୍ୟସଭାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ଡିଜିଟାଲ ଠକେଇକୁ ରୋକିବା ପାଇଁ ଆରବିଆଇ, ସରକାର ଏବଂ ଏନପିସିଆଇ ଅନେକ ପଦକ୍ଷେପ ନେଇଛି। ଅନ୍‌ଲାଇନ ସ୍କାମରୁ ବର୍ତ୍ତିବା ଲାଗି ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସନ୍ଦେହଜନକ ଇମେଲ କିମ୍ବା ମେସେଜ ଉପରେ କ୍ଲିକ୍ ନ କରିବା ପାଇଁ ସରକାରଙ୍କ ପକ୍ଷରୁ ସତର୍କ କରାଇ ଦିଆଯାଉଛି। ଏହା ସହିତ ୱେବସାଇଟ ଖୋଲିବା ସମୟରେ ଏହା ବିଶ୍ୱସନୀୟ କି ନୁହେଁ ତାହା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି। ଅନ୍‌ଲାଇନ ଠକେଇର ଶିକାର ହେଲେ ତୁରନ୍ତ ସାଇବର କ୍ରାଇମ ହେଲ୍‌ପଲାଇନ ନମ୍ବର ୧୯୩୦କୁ କଲ୍ କରି ଅଭିଯୋଗ କରିବାକୁ କୁହାଯାଇଛି।

**ଅର୍ଥ ମନ୍ତ୍ରାଳୟର କାର୍ଯ୍ୟାନୁଷ୍ଠାନ**

# ୩୫୭ ଅନ୍‌ଲାଇନ୍ ଗେମିଂ ୱେବ୍‌ସାଇଟ ବ୍ଲକ୍



**ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି):** ବିଦେଶରୁ ବେଆଇନ ଭାବେ ପରିଚାଳିତ ହେଉଥିବା ଅନ୍‌ଲାଇନ ଗେମିଂ କମ୍ପାନୀର ୩୫୭ ୱେବ୍‌ସାଇଟକୁ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଗୁଇନ୍ଦା ଅଧିକାରମାନେ ବ୍ଲକ୍ କରିଦେଇଛନ୍ତି। ଏହା ସହିତ ୨୪୦୦ ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି। ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ବିଦେଶୀ ଗେମିଂ କମ୍ପାନୀର ଜାଲରୁ ବର୍ତ୍ତିବା ଲାଗି ମନ୍ତ୍ରାଳୟ ଲୋକଙ୍କୁ ସତର୍କ କରିଦେଇଛି। ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ବଲିଉଡ ସେଲିବ୍ରିଟି, କ୍ରିକେଟ ଖେଳାଳିଙ୍କ ବ୍ୟତୀତ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ପ୍ରଚାର କଲେ ବି ଏଭଳି ଗେମ୍‌ରୁ ଲୋକେ ଦୂରେଇ ରହିବା ଉଚିତ। ଏବେ ପ୍ରାୟ ୭୦୦ ବିଦେଶୀ ଇ-ଗେମିଂ କମ୍ପାନୀ ଡିଜିଜିଆଇର ଯାଞ୍ଚ ପରିସରରେ ରହିଛି। ଏଗୁଡିକ ଭାରତରେ ପଞ୍ଜିକରଣ କରିନାହାନ୍ତି। ଜିଏସ୍‌ଟି ଚୋରି କରୁଛନ୍ତି। ଏହି କମ୍ପାନୀଗୁଡିକ ଜାଲ୍ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭାରତରେ କାରବାର କରୁଛନ୍ତି। ୨ଟି ଅଲଗା ଅଲଗା ମାମଲାରେ ଡିଜିଜିଆଇ ମୋଟ ୨୪୦୦ ବ୍ୟାଙ୍କ ଖାତା ଜବତ କରି ୧୨୬ କୋଟି ଟଙ୍କା ଉଠାଣ ଉପରେ କଟକଣା ଲଗାଇ ଦେଇଛି। ତେବେ ଲୋକଙ୍କୁ ଠକେଇରୁ ସୁରକ୍ଷା ଦେବା ପାଇଁ କଠୋର ଆଇନର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ରିୟଲ ମନି ଗେମିଂ (ଆରଏମଜି) କ୍ଷେତ୍ର ୨୦୧୯-

**● ସେଲିବ୍ରିଟିଙ୍କ ବିଜ୍ଞାପନ ଦେଖି ନ ଖେଳିବାକୁ ପରାମର୍ଶ**

୨୦ରୁ ୨୦୨୨-୨୩ ମଧ୍ୟରେ ବାର୍ଷିକ ହାରରେ ୨୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏହା ବିଶ୍ୱର ଅଗ୍ରଣୀ ଗେମିଂ ବଜାର ପାଲଟି ଯାଇଛି। ଆଗାମୀ ୫ ବର୍ଷରେ ଏହି କ୍ଷେତ୍ରର ରାଜସ୍ୱ ୭.୫ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି।

■ ଚାମ୍ପିଅନ୍ସ ଟ୍ରଫି

# ଭାରତରେ ଭ୍ୟୁୟରସିପ୍‌ର ନୂଆ ରେକର୍ଡ



ଦୁବାଇ,୨୨।୩(ଏଜେନ୍ସି): ମିନି ବିଶ୍ୱକପ୍ କୁହାଯାଉଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ଭ୍ୟୁୟରସିପ୍‌ରେ ନୂଆ ରେକର୍ଡ ସୃଷ୍ଟି କରିଛି। ଖାସ୍ କରି ଭାରତରେ ଭ୍ୟୁୟରସିପ୍ ପୁରୁଣା ରେକର୍ଡ ଭାଙ୍ଗିବା ସହ ନୂଆ ରେକର୍ଡ ସୃଷ୍ଟି କରିଛି। ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୨୦୨୩ ବିଶ୍ୱକପ୍ ତୁଳନାରେ ଚାମ୍ପିଅନ୍ସ ଟ୍ରଫି ୨୩ ପ୍ରତିଶତ ଉନ୍ନତ ପ୍ରଦର୍ଶନ କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ୧୯.୫ ବିଲିଅନ ବା ୧୯୫୦ କୋଟି ମିନିଟ୍ ଦେଖାଯାଇଛି। ଷ୍ଟାରସ୍ପୋର୍ଟ୍ସରେ ଟୁର୍ଣ୍ଣାମେଣ୍ଟର ୱାଚ୍ ଟାଇମ୍ ୧୩,୭୦୦ କୋଟି ମିନିଟ ଓ ଜିଓହଟ୍‌ଷ୍ଟାରରେ ୧୧,୦୦୦ କୋଟି ମିନିଟ୍ ଦେଖାଯାଇଛି। ମୋଟ୍ ଉପରେ ୨୫୦,୦୦୦ ମିନିଟ୍ ମ୍ୟାଚ୍ ଦେଖାଯାଇଛି। ଅନ୍ୟପଟେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମୁକାବିଲାକୁ ଟିଭିରେ ୧୨.୨ କୋଟି ଓ ଜିଓ ହଟ୍‌ଷ୍ଟାରରେ ୬.୧ କୋଟି ଦର୍ଶକ ଦେଖିଛନ୍ତି। ୮ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଚାମ୍ପିଅନ୍ସ ଟ୍ରଫି ସବୁ ଦୃଷ୍ଟିକୋଣରୁ ଇତିହାସ ସୃଷ୍ଟି କରିଛି। ପୁଣି ଭାରତ- ପାକିସ୍ତାନ ଲିଗ୍ ମ୍ୟାଚ୍‌କୁ ଭାରତରେ ସର୍ବାଧିକ ଦର୍ଶକ ଟିଭିରେ ଦେଖିଥିଲେ।

■ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଆୟୋଜନ ବିଡ୍ ଦାଖଲ କଲା ଭାରତ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଏହି କ୍ରୀଡ଼ାର ଆୟୋଜନ ପାଇଁ ବିଡ୍ ଦାଖଲ କରିଛି। ଏହା ଗୁଜରାଟରେ ଆୟୋଜନ ହେବ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ଏ ସଂକ୍ରାନ୍ତରେ ସୂଚନା ମିଳିଛି। ଆୟୋଜନ ଅଧିକାର ପାଇଁ 'ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ' ଦାଖଲ କରିବାକୁ ହୋଇଥାଏ ଓ ମାର୍ଚ୍ଚ ୩୧ ହେଉଛି ଏହାର ଶେଷ ତାରିଖ। କିନ୍ତୁ ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) କିଛିଦିନ ତଳେ ଏହାର ଚିଠି ପଠାଇସାରିଛି। ଭାରତ ତରଫରୁ ଆଇଓଏ ଓ ଗୁଜରାଟ ସରକାର ବିଡ୍ ଦାଖଲ କରିଛନ୍ତି। ଭାରତକୁ ଆୟୋଜନ ଅଧିକାର ମିଳିଲେ, ଭାରତ ଦ୍ୱିତୀୟଥର ପାଇଁ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିବାର ସୁଯୋଗ ପାଇବ। ଏହା ପୂର୍ବରୁ ଭାରତ ନୂଆଦିଲ୍ଲୀରେ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଫଳତାର ସହ ଆୟୋଜନ କରିଥିଲା। ଭାରତ ମଧ୍ୟ ଗତବର୍ଷ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଦାବି ଉପସ୍ଥାପନା କରିଥିଲା। ଭାରତ ମଧ୍ୟ ୧୯୫୧ ଓ ୧୯୮୨ରେ ସଫଳତାର ସହ ଏସିଆନ ଗେମ୍ସ ଆୟୋଜନ କରିଥିଲା।

# ୩୦୦ ଲକ୍ଷ୍ୟରେ ଖେଳିବ ହାଇଦ୍ରାବାଦ୍





ହାଇଦ୍ରାବାଦ୍,୨୨।୩(ଏଜେନ୍ସି): ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ଆଇପିଏଲ୍-୨୦୨୫ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଏଠାରେ ଖେଳାଯିବ। ଏହି ମୁକାବିଲାରେ ବିଶ୍ୱର ଅନେକ ଶକ୍ତିଶାଳୀ ଖେଳାଳି ଭାଗ ନେଉଛନ୍ତି। କିନ୍ତୁ ସନରାଇଜର୍ସ ନିକଟରେ ଯେପରି ବ୍ୟାଟିଂ ଲାଇନ୍ ରହିଛି, ସେଥିରୁ ଏହି ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ୩୦୦ ରନ୍ ପାର କରିବା ଲକ୍ଷ୍ୟରେ ରହିଛି। ଉଭୟ ଦଳ ଲାଗି ଏହା ସିଜନର ପ୍ରଥମ ମ୍ୟାଚ୍ ହୋଇଥିଲାବେଳେ ଉଭୟ ଏହି ମୁକାବିଲା ଜିତିବାକୁ ଚେଷ୍ଟା କରିବେ। ଦଳରେ ତାରକା, ଫର୍ମରେ ଥିବା ଖେଳାଳିଙ୍କୁ ନେଇ ସନ୍‌ରାଇଜର୍ସ ଏହି ମ୍ୟାଚ୍‌ରେ ଫେବରାଇଟ୍ ବୋଲି ଆଶା କରାଯାଉଛି। ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଏହି ମୁକାବିଲା ବେଶ ରୋମାଞ୍ଚକ ହୋଇପାରେ।

ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍, ଦକ୍ଷିଣ ଆଫ୍ରିକାର ହେନ୍‌ରିକ୍ କ୍ଲାସେନଙ୍କ ସହ ଭାରତୀୟ ଖେଳାଳି ଅଭିଷେକ ଶର୍ମା, ଇଶାନ କିଶାନ ଓ ଏବେ ଫିଟ୍ ହୋଇ ଦଳକୁ ଫେରିଥିବା ନୀତୀଶ କୁମାର ରେଡ୍ଡୀଙ୍କୁ ନେଇ ହାଇଦ୍ରାବାଦ୍ ଟିମ୍‌ର ବ୍ୟାଟିଂ ବେଶ ଶକ୍ତିଶାଳୀ। ଅଧିନାୟକ ପ୍ୟାଟ କମିନ୍ସ ମଧ୍ୟ ବ୍ୟାଟିଂ କରିପାରନ୍ତି। କମିନ୍ସ, ମହମ୍ମଦ୍ ସାମି ଓ ଆଦାମ ଜାମ୍ପା ଦଳର ଅଭିଜ୍ଞ ବୋଲର। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସକୁ ଆରମ୍ଭରୁ ଡବଲ ଝଟ୍‌କା ଲାଗିଛି। ଅଧିନାୟକ ସଞ୍ଜୁ ସାମସନ ଆହତ ହୋଇଥିଲାବେଳେ ଜୋଶ ବଟଲର ଏହି ମ୍ୟାଚ୍ ଖେଳୁନାହାନ୍ତି। ଏମାନଙ୍କ ଅନୁପସ୍ଥିତି ରାଜସ୍ଥାନ ଲାଗି ଘାତକ ସାବ୍ୟସ୍ତ ହୋଇପାରେ। ସଞ୍ଜୁଙ୍କ ସ୍ଥାନରେ ରିୟାନ ପରାଗ ପ୍ରଥମ ୩ଟି ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବେ। ଯଶସ୍ୱୀ ଜୟସ୍ୱାଲ, ସିମରନ ହେଟମାୟର, ନୀତୀଶ ରାଣା, ଧ୍ରୁବ ଜୁରେଲଙ୍କ ଉପରେ ଦଳର ବ୍ୟାଟିଂ ନିର୍ଭର କରୁଛି। ଇଂଲଣ୍ଡ ଖେଳାଳି ଜୋଫ୍ରା ଆର୍ଚର ଦଳର ପ୍ରମୁଖ ବୋଲର। ଗତବର୍ଷ ରାଜସ୍ଥାନ ବିପକ୍ଷ ଉଭୟ ମ୍ୟାଚ୍‌ରେ ସନ୍‌ରାଇଜର୍ସଠାରୁ ରାଜସ୍ଥାନ ପରାଜିତ ହୋଇଥିଲା। ଏଥର ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଖେଳ ଆରମ୍ଭ**
**ଅପରାହ୍ଣ ୩ଟା ୩୦**
**ପ୍ରସାରଣ**
**ଷ୍ଟାରସ୍ପୋର୍ଟ ନେଟ୍‌ୱର୍କ, ଜିଓହଟ୍‌ଷ୍ଟାର**

### ଖେଳାଳି

**ସନ୍‌ରାଇଜର୍ସ ହାଇଦ୍ରାବାଦ୍**

ପ୍ୟାଟ୍ କମିନ୍ସ (ଅଧିନାୟକ), ଟ୍ରାଭିସ୍ ହେଡ୍, ଅଭିଷେକ ଶର୍ମା, ହେନ୍‌ରିକ୍ କ୍ଲାସେନ, ଇଶାନ କିଶାନ, ସଚିନ ବେବି, କାମିନ୍ଦୁ ମେଣ୍ଡିସ୍, ନୀତୀଶ କୁମାର ରେଡ୍ଡଇ, ସଚିନ ବେବି, ମହମ୍ମଦ୍ ସାମି, ଆଦାମ ଜାମ୍ପା, ଅନିକେତ ବର୍ମା, ଅଭିନବ ମନୋହର, ରାହୁଲ ଚହର, ଇଶାନ ମାଲିଙ୍ଗା, ହର୍ଷଲ ପଟେଲ, ୱିଆନ ମୁଲ୍ଡର, ଅଥର୍ବ ତାଇଡେ, ସିମରଜିତ ସିଂ, ବ୍ରାଇଡନ କାର୍ସ, ଜୟଦେବ ଉନାଦକତ୍, ଜିଶାନ ଆନସାରୀ।

**ରାଜସ୍ଥାନ ରୟାଲ୍ସ**

ରିୟାନ ପରାଗ (ଅଧିନାୟକ), ସଞ୍ଜୁ ସାମସନ, ଯଶସ୍ୱୀ ଜୟସ୍ୱାଲ, ଶୁଭମ ଦୁବେ, ସିମରନ ହେଟ୍‌ମାୟର, ଧ୍ରୁବ ଜୁରେଲ, ନୀତୀଶ ରାଣା, କୁନାଲ ସିଂ ରାଠୋର, ବୈଭବ ସୂର୍ଯ୍ୟବଂଶୀ, ୱାନିନ୍ଦୁ ହାସରଙ୍ଗା, ଜୋଫ୍ରା ଆର୍ଚର, ଅଶୋକ ଶର୍ମା, ତୁଷାର ଦେଶପାଣ୍ଡେ, ଫଜଲହକ୍ ଫାରୁକି, କୁମାର କାର୍ତ୍ତିକେୟ, ଆକାଶ ମାଧୱାଲ, କ୍ୱେନା ମାଫକା, ସନ୍ଦୀପ ଶର୍ମା, ମାହୀଶ ଥିକ୍‌ସାନା ଓ ଯୁଦ୍ଧଭୀର ସିଂ।

## ଶେଷରେ ଶାର୍ଦ୍ଦୁଳଙ୍କୁ ନେଲା ଲକ୍ଷ୍ନୌ



ଲକ୍ଷ୍ନୌ,୨୨।୩(ଏଜେନ୍ସି): ଆଇପିଏଲ୍ ନୀଲାମିରେ ଅଲୋଡା ରହିଥିବା ଅଭିଜ୍ଞ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ ଆଇପିଏଲ୍ ଖେଳିବାର ସୁଯୋଗ ମିଳିବ। ସେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ଦଳରେ ସାମିଲ ହେବେ। ଆହତ ହୋଇଥିବା ମହସିନ ଖାନ୍‌ଙ୍କ ସ୍ଥାନରେ ସେ ଦଳରେ ସାମିଲ ହେବେ। ତେବେ ଏ ନେଇ ଲକ୍ଷ୍ନୌ ଟିମ୍ ମ୍ୟାନେଜମେଣ୍ଟ ତରଫରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇନାହିଁ। ଆସନ୍ତା ୨୪ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଲକ୍ଷ୍ନୌ ଅଭିଯାନ ଆରମ୍ଭ କରି ଓ ଶାର୍ଦ୍ଦୁଳ ଦଳ ସହ ବିଶାଖାପାଟଣା ଯିବେ। ଗତ ୧୦ ଦିନ ହେବ ଶାର୍ଦ୍ଦୁଳ ଲକ୍ଷ୍ନୌ ପ୍ରଶିକ୍ଷଣ ଶିବିରରେ ଅଭ୍ୟାସ କରୁଛନ୍ତି। ଆକାଶ ଦୀପ, ମୟଙ୍କ ଯାଦବ ଓ ଆଭେସ ଖାନ୍ ଦଳରେ ଯୋଗ ଦେଇନାହାନ୍ତି। ଏହି ୩ ବୋଲର ଇଞ୍ଜୁରିରୁ ମୁକୁଳିବା ପାଇଁ ପ୍ରୟାସ କରୁଛନ୍ତି। ୩୩ ବର୍ଷୀୟ ଶାର୍ଦ୍ଦୁଳ ଭାରତ ପାଇଁ ୧୧ ଟେଷ୍ଟ, ୪୭ ଦିନିକିଆ ଓ ୨୫ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଆଇପିଏଲ୍‌ରେ ସେ ୫ଟି ଫ୍ରାଞ୍ଚାଇଜ୍ ତରଫରୁ ପ୍ରତିନିଧିତ୍ୱ କରି ୯୫ଟି ମ୍ୟାଚ୍ ଖେଳି ୩୦.୫୨ ହାର ଓ ୯.୨୨ ଇକୋନୋମୀ ରେଟ୍‌ରେ ୯୨ଟି ୱିକେଟ ହାସଲ କରିଛନ୍ତି।

ଖେଲୋ ଇଣ୍ଡିଆ ପାରା ଗେମ୍ସ /

## ଜାଭେଲିନ୍‌ରେ ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୨।୩(ସମିସ): ଓଡ଼ିଶା ମହିଳା ପାରା ଆଥଲେଟ୍ ସୁଚିତ୍ରା ପରିଡା ପୁଣି ଥରେ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ସେ ଜାଭେଲିନ୍‌ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ୩୦ ବର୍ଷୀୟା ସୁଚିତ୍ରା ଶନିବାର ମହିଳା ଏଫ୍-୫୫ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୧୮. ୫୭ ମିଟର ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ଏହି ସଫଳତା ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ଉତ୍ତରାଖଣ୍ଡର ଗାରିମା ଜୋଶୀ ୧୫.୨୪ ମିଟର ଜାଭେଲିନ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ଓ ଉତ୍ତରପ୍ରଦେଶର ସାକ୍ଷୀ କସାନା ୧୪.୪୧ ମିଟରେ ଫିଙ୍ଗି ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। କଠିନ ପରିଶ୍ରମ, ଅଭ୍ୟାସ ଓ ଅଧ୍ୟବସାୟ ଯୋଗୁ ସୁଚିତ୍ରା ଏହି ଜାତୀୟସ୍ତରୀୟ କ୍ରୀଡ଼ରେ ନିଜର ପ୍ରଦର୍ଶନ ମାଧ୍ୟମରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଛନ୍ତି ଓ ତାଙ୍କୁ ସବୁ ମହଲରୁ ଅଭିନନ୍ଦନ ଜଣାଯାଇଛି।

## ଜୋନାଲ ଫର୍ମାଟ୍‌କୁ ଫେରିଲା ଦୁଲୀପ ଟ୍ରଫି



ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ପୂର୍ବତନ କ୍ରିକେଟର କୁମାର ଶ୍ରୀ ଦୁଲୀପସିଜୀଙ୍କ ସମ୍ମାନରେ ଖେଳାଯାଉଥିବା ଦେଶର ଅନ୍ୟତମ ଶ୍ରେଷ୍ଠ ଘରୋଇ ଟୁର୍ଣ୍ଣାମେଣ୍ଟ ଏଥର ପୂର୍ବପରି ଜୋନାଲ ଫର୍ମାଟକୁ ଫେରିଛି। ଆସନ୍ତାବର୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଜୋନାଲ ଫର୍ମାଟରେ ହିଁ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଷ୍ପତ୍ତି ନେଇଛି। ଅର୍ଥାତ ସିଜନର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ତା'ର ପୁରୁଣା ସଂରଚନାକୁ ପ୍ରତ୍ୟାବର୍ତ୍ତନ କରିବ। ଗତଥର ଏହା ୪ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ୪ଟି ଦଳକୁ ସେତେବେଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର, ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଓ ଜେନେରାଲ ମ୍ୟାନେଜଣ, ଅପରେସନ୍ସ ଆବେ କୁରୁଭିଲାଙ୍କୁ ନେଇ ଗଠିତ କାର୍ଯ୍ୟକାରୀ କମିଟି ଚୟନ କରିଥିଲା। ୩୮ଟି ଦଳକୁ ନେଇ ଖେଳାଯାଇଥିବା ରଣଜୀ ଟ୍ରଫିରେ ପ୍ରଦର୍ଶନକୁ ଭିତ୍ତିକରି ଏହି ୪ଟି ଦଳ ଗଠନ କରାଯାଇଥିଲା। ଦୁଲୀପ୍ ଟ୍ରଫିରେ ଦେଶର ୬ଟି ଅଞ୍ଚଳର ଘରୋଇ ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡିକ ହେଲା ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ରୀୟ ଓ ଉତ୍ତର-ପୂର୍ବାଞ୍ଚଳ ଦଳ।

୧୯୬୧-୬୨ରୁ ୨୦୧୪-୧୫ ପର୍ଯ୍ୟନ୍ତ ଦୁଲୀପ ଟ୍ରଫି ଜୋନାଲ ଫର୍ମାଟ୍‌ରେ ଖେଳାଯାଉଥିଲା। କିନ୍ତୁ ୨୦୧୫ଠାରୁ ଦୁଲୀପ ଟ୍ରଫି ଚ୍ୟାଲେଞ୍ଜର ଟ୍ରଫି ଫର୍ମାଟ୍‌ରେ ଖେଳାଯାଇଥିଲା। ସେତେବେଳେ ଇଣ୍ଡିଆ ବ୍ଲ୍ୟୁ, ରେଡ୍, ଗ୍ରୀନ ଦଳ ଅଂଶଗ୍ରହଣ କରିଥିଲେ। ତେବେ କୋଭିଡ୍-୧୯ କାରଣରୁ ଦୁଲୀପ ଟ୍ରଫି ୨୦୨୦ ଓ ୨୦୨୧ ସିଜିନରେ ଖେଳାଯାଇ ନଥିଲା। କିନ୍ତୁ ୨୦୨୨ ଓ ୨୦୨୩ରେ ଏହା ପୁଣି ଥରେ ଜୋନାଲ ମିଟ୍ ଭାବେ ଖେଳାଯାଇଥିଲା। କିନ୍ତୁ ୨୦୨୪ରେ ଏହା ୪ଟି ଦଳକୁ ନେଇ ଆୟୋଜିତ ହୋଇଥିଲା।

### ସ୍କୋରରଙ୍କୁ ମିଳିବ ଦିନକୁ ୧୫ ହଜାର ଟଙ୍କା

ଘରୋଇ ଓ ଅନ୍ତର୍ଜାତୀୟ ଇଭେଣ୍ଟଗୁଡିକରେ ସ୍କୋରର ଭାବେ ଦାୟିତ୍ୱ ସମ୍ପାଦନ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବିସିସିଆଇ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛି। ଦିନକୁ ସ୍କୋରରମାନଙ୍କୁ ୧୫,୦୦୦ ଟଙ୍କା ଦେବାକୁ ବିସିସିଆଇ ସବୁ ରାଜ୍ୟ ଆସୋସିଏସନଗୁଡିକୁ ନିର୍ଦ୍ଦେଶ ଦେଇଛି।

# ଆଇପିଏଲ୍ ରେକର୍ଡ ଉପରେ ନଜର

କୋଲକାତା,୨୨।୩(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ତମ ସଂସ୍କରଣ ଆଜି ଆରମ୍ଭ ହୋଇଛି। ଏହା ମଧ୍ୟରେ ବିଶ୍ୱର ଏହି ପେସାଦାର ଲୋକପ୍ରିୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୭ଟି ସଂସ୍କରଣ ଶେଷ ହୋଇଛି। ଏଥିରେ ଅନେକ ରେକର୍ଡ ହୋଇଥିଲେ ମଧ୍ୟ ତାହାକୁ କିଏ ଅତିକ୍ରମ କରିବେ ତାହା ଉପରେ ରହିଛି ନଜର। ଏହା ମଧ୍ୟରେ ଅନେକ ଖେଳାଳି ଅବସର ନେଲେଣି ତ ଆଉ ଅନେକ ତାରକା ଖେଳାଳି କ୍ରିକେଟ ଜୀବନର ସାୟାହ୍ନରେ ପହଞ୍ଚିଛନ୍ତି। ଏଭଳି ସ୍ଥିତିରେ ଚେନ୍ନାଇ ସୁପର କିଙ୍ଗ୍‌ସର ମହେନ୍ଦ୍ର ସିଂ ଧୋନି, ରବୀନ୍ଦ୍ର ଜାଡେଜା, ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରା ସେମାନଙ୍କ ଫ୍ରାଞ୍ଚାଇଜ୍ ଲାଗି ରେକର୍ଡ କରିବାର ଅତି ନିକଟରେ ପହଞ୍ଚିଛନ୍ତି।

ଚେନ୍ନାଇର ଧୋନି ଓ ଜାଡେଜାଙ୍କ ନିଜ ଟିମ୍ ଲାଗି ଏକାଧିକ ରେକର୍ଡ କରିଛନ୍ତି। କିନ୍ତୁ ଏହି ସଂସ୍କରଣରେ ସେମାନେ ଏକାଧିକ ମାଇଲଖୁଣ୍ଟ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି। ଚେନ୍ନାଇର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଯଦି ଚଳିତ ସଂସ୍କରଣରେ ଆଉ ୧୯ ରନ୍ କରିବାରେ ସମର୍ଥ ହୁଅନ୍ତି, ତେବେ ସେ ନିଜ୍ ଟିମ୍‌ର ସର୍ବାଧିକ ସ୍କୋରର ହେବାର ରେକର୍ଡ କରିବେ। ସୁରେଶ ରାଇନାଙ୍କ ନାମରେ ଏହି ରେକର୍ଡ ରହିଛି। ରାଇନା ୪,୬୮୭ ରନ୍ କରି ଟିମ୍ ପକ୍ଷରୁ ସର୍ବାଧିକ ରନ୍ କରିବାର ରେକର୍ଡର ଅଧିକାରୀ ଅଛନ୍ତି। ଏବେ ୧୯୪ଟି ଡିସ୍‌ମିସାଲ ସହ ଧୋନି ଆଇପିଏଲ୍‌ରେ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ଆଉ ୬ଜଣଙ୍କୁ ଆଉଟ କଲେ ପ୍ରଥମ ୱିକେଟକିପର ଭାବେ ୨୦୦ ଡିସ୍‌ମିସାଲ ପୂରଣ କରିବେ।

ସେହିପରି ରବୀନ୍ଦ୍ର ଜାଡେଜା ଆଉ ୮ଟି ୱିକେଟ ନେଇପାରିଲେ ସେ ଚେନ୍ନାଇର ସର୍ବକାଳୀନ ସର୍ବାଧିକ ୱିକେଟ ନେବାର ସଫଳତା ପାଇବେ। ଡ୍ୱେନ୍ ବ୍ରାଭୋ ୧୪୦ଟି ୱିକେଟ ନେଇ ଏବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସଂସ୍କରଣରେ ସେ ଯଦି ଆଉ ୪୧ ରନ୍ କରିବାରେ ସମର୍ଥ ହୁଅନ୍ତି, ତେବେ ପ୍ରଥମ ଖେଳାଳି ଭାବେ ୧୦୦ ୱିକେଟ ଓ ୩୦୦୦ ରନ୍ କରିବାରେ ସମର୍ଥ ହେବେ। ସେହିପରି ଜାଡେଜା ଯଦି ଏହି ସଂସ୍କରଣରେ ଆଉ ୫ଟି ମ୍ୟାଚ୍ ଖେଳନ୍ତି, ତେବେ ସେ ଚେନ୍ନାଇ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିବେ। ଧୋନି ୨୩୪ ଓ ରାଇନା ୧୭୬ ମ୍ୟାଚ୍ ଖେଳି ପ୍ରଥମ ଦୁଇଟି ସ୍ଥାନରେ ଅଛନ୍ତି। ସେହିପରି ସେ ଯଦି ଆଉ ୧୦ଟି ମ୍ୟାଚ୍‌ରେ ପଦାର୍ପଣ କରିବାରେ ସମର୍ଥ ହୁଅନ୍ତି, ତେବେ ସେ ୫ମ ଖେଳାଳିଭାବେ ଆଇପିଏଲ୍‌ରେ ୨୫୦ ମ୍ୟାଚ୍ ଖେଳିବେ।

ମୁମ୍ବାଇ ଇଣ୍ଡିଆନ୍ସ ଲାଗି ରୋହିତ ଶର୍ମା ଏକାଧିକ ରେକର୍ଡ କରିବାର ନିକଟରେ ପହଞ୍ଚିଛନ୍ତି। ସେ ଯଦି ଆଉ ୧୪୨ ରନ୍ କରନ୍ତି, ତେବେ ବିରାଟ କୋହଲି (୮୦୦୪ ରନ୍)ଙ୍କ ପରେ ଆଇପିଏଲ୍‌ରେ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ହେବେ। ଶିଖର ଧାୱନ ୬,୭୬୯ ରନ୍ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ଯଦି ଆଉ ଗୋଟିଏ ଚୌକା ମାରନ୍ତି, ତେବେ ଆଇପିଏଲ୍‌ରେ ଚତୁର୍ଥ ଖେଳାଳିଭାବେ ୬୦୦ ଚୌକା ମାରିବାର ରେକର୍ଡ କରିବେ। ସେ ଯଦି ପ୍ରଥମ ମ୍ୟାଚ୍‌ରେ ପଦାର୍ପଣ କଲେ ଆଇପିଏଲ୍‌ରେ ଦ୍ୱିତୀୟ ସର୍ବାଧିକ ମ୍ୟାଚ୍ ଖେଳିବାର ଖେଳାଳି ହେବେ।

ମୁମ୍ବାଇ ଇଣ୍ଡିଆନ୍ସର ଆଉ ଜଣେ ଖେଳାଳି ତଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଆଉ ୬ଟି ୱିକେଟ ନେଲେ ସେ ନିଜ ଟିମ୍‌ର ସର୍ବାଧିକ ୱିକେଟ ନେଇଥିବା ବୋଲର ହେବେ। ଲାସିଥ ମାଲିଙ୍ଗା ୧୭୦ଟି ୱିକେଟ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଏଥର ଖେଳୁଥିବା ଭୁବନେଶ୍ୱର କୁମାର ଆଉ ୩ଟି ୱିକେଟ ନେଇପାରିଲେ ଆଇପିଏଲ୍ ଇତିହାସରେ ତୃତୀୟ ସର୍ବାଧିକ ୱିକେଟ ହାସଲକାରୀ ଭାବେ ବିବେଚିତ ହେବ। ଯୁଜବେନ୍ଦ୍ର ଚହଲ ୨୦୫, ପୀୟୂଷ ଚାୱଲା ୧୯୨, ଡ୍ୱେନ୍ ବ୍ରାଭୋ ୧୮୩, ଭୁବନେଶ୍ୱର କୁମାର ୧୮୧, ସୁନୀଲ ନାରିନ୍ ଓ ରବିଚନ୍ଦ୍ରନ ଅଶ୍ୱିନ ୧୮୦ଟି ଲେଖାଏଁ ୱିକେଟ ନେଇ ଯଥାକ୍ରମେ ପ୍ରଥମରୁ ଷଷ୍ଠ ସ୍ଥାନରେ ରହିଛନ୍ତି।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିରାଟ କୋହଲି ଆଇପିଏଲ୍‌ରେ ସର୍ବାଧିକ ୮୦୦୪ ରନ୍ କରିଛନ୍ତି। ସେ ଯଦି ଆଉ ୪ଥର ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରନ୍ତି, ତେବେ ଆଇପିଏଲ ଇତିହାସରେ ସର୍ବାଧିକ ୫୦ ପ୍ଲସ ରନ୍ କରିବାର ରେକର୍ଡ କରିବେ। ଡେଭିଡ୍ ୱାର୍ଣ୍ଣର ୬୬ଥର ଏଭଳି ସ୍କୋର କରି ପ୍ରଥମ ସ୍ଥାନରେ ଅଛନ୍ତି। କୋହଲି ଆଉ ୬ଟି ମ୍ୟାଚ୍ ଖେଳିଲେ ଆଇପିଏଲ୍‌ରେ ତୃତୀୟ ସର୍ବାଧିକ ମ୍ୟାଚ୍ ଖେଳିବାରେ ଦିନେଶ କାର୍ତ୍ତିକଙ୍କ ରେକର୍ଡକୁ ଭାଙ୍ଗିବେ। କାର୍ତ୍ତିକ ୨୫୭ଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି। ଆଇପିଏଲ୍‌ରେ ଧୋନି ସର୍ବାଧିକ ୨୬୪, କାର୍ତ୍ତିକ ଓ ରୋହିତ ୧୫୭ଟି ଲେଖାଏଁ, କୋହଲି ୧୫୨ଟି ମ୍ୟାଚ୍ ଖେଳି ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।



## ସୀମିତ ଓଭର ଟୁର୍ଣ୍ଣାମେଣ୍ଟରେ ଏଲିଟ୍, ପ୍ଲେଟ୍ ଗ୍ରୁପ୍ ସିଷ୍ଟମ୍

ସେହିପରି ସବୁ ହ୍ୱାଇଟ୍ ବଲ୍ ଇଭେଣ୍ଟ ଅର୍ଥାତ ସୀମିତ ଓଭର ଟୁର୍ଣ୍ଣାମେଣ୍ଟରେ ଏଲିଟ୍ ଓ ପ୍ଲେଟ୍ ଗ୍ରୁପ୍ ସିଷ୍ଟମ ଲାଗୁ ହେବ। ପୂର୍ବରୁ ହ୍ୱାଇଟ୍ ବଲ୍ ଟୁର୍ଣ୍ଣାମେଣ୍ଟଗୁଡିକରେ ୩୮ଟି ପୁରୁଷ ଓ ୩୭ଟି ମହିଳା ଦଳ ଅଂଶଗ୍ରହଣ କରୁଥିଲେ। କିନ୍ତୁ ଏଥର ସୟଦ ମୁସ୍ତାକ ଅଲି ଟି-୨୦ ଓ ବିଜୟ ହଜାରେ ଦିନିକିଆ ଟୁର୍ଣ୍ଣାମେଣ୍ଟରେ ନିମ୍ନରେ ରହିଥିବା ୬ଟି ଦଳ ପ୍ଲେଟ୍ ଗ୍ରୁପ୍‌ରେ ପରସ୍ପର ମଧ୍ୟରେ ମ୍ୟାଚ୍ ଖେଳିବେ। ଅନ୍ୟ ଦଳଗୁଡିକ ଏଲିଟ୍ ଗ୍ରୁପ୍‌ରେ ପ୍ରତିଦ୍ୱନ୍ଦ୍ୱୀତା କରିବେ। ଏଲିଟ୍ ଗ୍ରୁପ୍‌ର ନିମ୍ନରେ ରହିଥିବା ଦଳ ପ୍ଲେଟ୍ ଗ୍ରୁପ୍‌କୁ ଖସିବ। ସେହିପରି ପ୍ଲେଟ୍ ଗ୍ରୁପ୍‌ର ଚାମ୍ପିଅନ ଦଳ ଏଲିଟି ଗ୍ରୁପ୍‌କୁ ଉତ୍ତୀର୍ଣ୍ଣ ହେବ ବୋଲି କୁହାଯାଇଛି।



# ଉଦ୍‌ଘାଟନୀ ଉତ୍ସବରେ ଦିଶା ପଟାନି, ଶ୍ରେୟା ଘୋଷାଲଙ୍କ ଚମକ

**କୋଲକାତା,୨୨ ।୩(ଏଜେନ୍ସି):** ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ତମ ସଂସ୍କରଣ ଶନିବାର ମହାସାମାରୋହରେ ଆରମ୍ଭ ହୋଇଛି । ସ୍ଥାନୀୟ ଐତିହାସିକ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ବିଶ୍ୱର ସବୁଠାରୁ ଏହି ବଡ଼ଶାଳୀ ଟି-୨୦ ଲିଗ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି । ଶନିବାର ସନ୍ଧ୍ୟାରେ ଖଚାଖଚ୍ ଭରା ଏହି ଷ୍ଟାଡିୟମରେ ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍, ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ଯୁବ ବ୍ୟାଟିଂ ସେନସେସନ ରିଙ୍କୁ ସିଂ ନୃତ୍ୟ କରି ପାଖାପାଖି ୭୦,୦୦୦ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ । ଶାହରୁଖ ‘ଝୁମେ ଜୋ ପଠାନ’ ଓ ରିଙ୍କୁ ‘ମେ ଲୁଟ୍ ଗୟା’ ଗୀତର ତାଳେ ତାଳେ ନାଚିଥିଲେ ଓ ପ୍ରଶଂସକ ଏହାର ଭରପୂର ମଜା ନେଇଥିଲେ । ବହୁ ପ୍ରତୀକ୍ଷିତ ଏହି ଉତ୍ସବରେ ଶାହାରୁଖ ଉପସ୍ଥାକ ଭାବେ ଦାୟିତ୍ୱ ନର୍ବାହ କରିଥିଲେ । ନିଜ ପଠାନ ସିନେମାର ସଂଳାପ ଉଚ୍ଚାରଣ କରି ଶାହରୁଖ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।

ପ୍ରଥମେ ଶ୍ରେୟା ଭୁଲ ଭୁଲେୟା ସିନେମାର ‘ମେରେ ଢୋଲନା..’ ଗୀତ ଗାଇଥିଲେ । ଏହାପରେ ସେ ‘ଘୁମର ଘୁମର’, ‘କର ହର ମୈଦାନ ଫତେ’ ଓ ବନ୍ଦେ ମାତରମ ଭଳି ଗୀତ ଗାଇଥିଲେ । ସେହିପରି ପଞ୍ଜାବୀ ଗାୟକ କରଣ ଓଜଲା ‘ହୁସ୍ନ ତେରା ତୋବା ତୋବା..’ ଗାଇଥିଲେ ଓ ଏଥିରେ ଦୀଶା ପଟାନୀ ନାଚିଥିଲେ ଏବଂ ସାରା ଷ୍ଟାଡିୟମ ଏଥିରେ ଝୁମି ଉଠିଥିଲା । ଶ୍ରେୟା ମଧ୍ୟ ପୁଷ୍ପା-୨ ସିନେମାର ଗୀତ ଗାଇଥିଲେ । ଏହାପରେ ଶାହରୁଖ୍ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଆଇପିଏଲର ପଦାଧିକାରୀଙ୍କୁ ମଞ୍ଚ ଉପରକୁ ଡାକିଥିଲେ । କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଦୁଇ ଅଧିନାୟକ ଓ ଉତ୍ସବରେ ପ୍ରଦର୍ଶନ କରିଥିବା କଳାକାରମାନେ ଏହି ଅବସରରେ ଉପସ୍ଥିତ ଥିଲେ । ବିସିସିଆଇ ସଭାପତି ରୋଜର ବିନ୍ନି, ପୂର୍ବତନ ବିସିସିଆଇ ସମ୍ପାଦକ ତଥା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅଧ୍ୟକ୍ଷ ଜୟ ଶାହା ମଧ୍ୟ ଉପସ୍ଥିତ ଥିଲେ । ପାଗ ଖରାପ ହେବ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ଉତ୍ସବରେ କୌଣସି ପାଗଜନିତ ସମସ୍ୟା ସୃଷ୍ଟି ହୋଇ ନଥିଲା । ୧୮ଟି ଯାକ ଆଇପିଏଲ୍ ଖେଳିଥିବା କୋହଲିଙ୍କୁ ଆଇପିଏ-୧୮ ଫଳକ ପ୍ରଦାନ କରାଯାଇଥିଲା । ଦୁଇ ଅଧିନାୟକ ଆଜିଙ୍କ୍ୟ ରାହାଣେ ଓ ରଜତ ପଟ୍ଟିଦାର ଏକ ରଥରେ ଆଇପିଏଲ ଟ୍ରଫି ଆଣିବା ପରେ ଉତ୍ସବର ସମାପନ ହୋଇଥିଲ ।

### ଆଇପିଏଲ -୧୮ : ବିରାଟ କୋହଲି, ଫିଲିପ୍ ସଲ୍ଟଙ୍କ ଅର୍ଦ୍ଧଶତକ

# ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ବେଙ୍ଗାଲୁରୁ

କୋଲକାତା,୨୨ ।୩(ଏଜେନ୍ସି)

ସୁପରଷ୍ଟାର ବିରାଟ କୋହଲି ଓ ଫିଲିପ୍ ସଲ୍ଟଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୭ ୱିକେଟରେ ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି । ଆଇକନିକ ଇଡେନ ଗାର୍ଡେନ୍ସରେ ଶନିବାର ଖେଳାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ତମ ସଂସ୍କରଣର ଉଦ୍‌ଘାଟନୀ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୪ ରନ୍ କରିଥିଲା । ଜବାବରେ ସଲ୍ଟ ୩୧ ବଲ୍‌ରେ ୫୬ ଓ କୋହଲି ୩୬ ବଲ୍‌ରେ ଅପରାଜିତ ୫୯ ରନ୍ କରିବା ଫଳରେ ବେଙ୍ଗାଲୁରୁ ୩.୪ ଓଭର ଓ ୭ଟି ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା । ଏହା ଫଳରେ କୋହଲି ଚେନ୍ନାଇ, ଦିଲ୍ଲୀ, ପଞ୍ଜାବ ଓ କୋଲକାତା ବିପକ୍ଷରେ ୧,୦୦୦ ରନ୍ ଲେଖାଏଁ ପୂରଣ କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି । ଏହି ମ୍ୟାଚ୍‌ରେ କେହଲି ଓ ସଲ୍ଟ ପ୍ରଥମ ୱିକେଟ୍‌ରେ ୫୧ ବଲରୁ ୯୫ ରନ୍ ଉଠାଇ ବିଜୟ ସହଜ କରିଦେଇଥିଲେ ।

### ରାହାଣେଙ୍କ ଅର୍ଦ୍ଧଶତକ: କ୍ରୁନାଲଙ୍କୁ ୩ ୱିକେଟ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କୋଲକାତା ୧୦ ଓଭର ଶେଷ ହେବା ପୂର୍ବରୁ ଗୋଟିଏ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରି ଜବରଦସ୍ତ ଆରମ୍ଭ କରିଥିଲା । କିନ୍ତୁ ଏହାପରେ ଦଳ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା । ଓପନର କ୍ୱିଣ୍ଟନ ଡିକକ୍ ୪ ରନକରି ପ୍ରଥମେ ଜୋଶ ହାଜଲେଉଡ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ ।



ଏହାପରେ ଦ୍ୱିତୀୟ ୱିକେଟରେ ସୁନୀଲ ନାରିନ ଓ ଅଧିନାୟକ ଅଜିଙ୍କ୍ୟ ରାହାଣେ ୫୫ ବଲରୁ ୧୦୩ ରନ ସଂଗ୍ରହ କରି ବଡ଼ ସ୍କୋରର ସମ୍ଭାବନା ସୃଷ୍ଟି କରିଥିଲେ । ନାରିନ ୨୬ ବଲରୁ ୫ ଚୌକା ଓ ୩ ଛକା ସହ ୪୪ ରନକରି ଜମ୍ମୁ-କଶ୍ମୀର ଦ୍ରୁତ ବୋଲର ରସିଖ ସଲାମଙ୍କ ଦ୍ୱାରା ଆଉଟ ହୋଇଥିଲେ । ରାହାଣେ ୩୧ ବଲ ଖେଳି ୬ ଚୌକା ଓ ୪ ଚୌକା ସହ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରୁନାଲ ପାଣ୍ଡ୍ୟାଙ୍କ ଦ୍ୱାରା ଆଉଟ ହୋଇଥିଲେ । ଏହାପରେ ଅଙ୍ଗକ୍ରିସ ରଘୁବଂଶୀ ୨୨ ବଲରୁ ୩୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ଏହିକ୍ରମରେ ଭେଙ୍କଟେଶ ଆୟର ୬, ରିଙ୍କୁ ସିଂ ୧୨, ଆନ୍ଦ୍ରେ ରସେଲ ୪, ହର୍ଷିତ ରାଣା ୫ ରନକରି ଆଉଟ ହୋଇଥିବା ବେଳେ ରମନଦୀପ ସିଂହ ୬ ଓ ସ୍ପେନ୍ସର ଜନସନ ୧ ରନକରି ଅପରାଜିତ ରହିଥିଲେ । ବୋଲିଂରେ ବେଙ୍ଗାଲୁରୁ ତରଫରୁ କ୍ରୁନାଲ ପାଣ୍ଡ୍ୟା କଞ୍ଜୁସ ବୋଲିଂକରି ୨୯ ରନ ଦେଇ ମୂଲ୍ୟବାନ ୩ ୱିକେଟ ଅକ୍ତିଆର କରିଥିଲେ । ସେହିପରି ଜୋଶ ହାଜେଲଉଡ ୨ଟି, ୟଶ ଦୟାଲ, ସଲାମ ଓ ସବଷ୍ଟିଚ୍ୟୁଟ ଖେଳାଳି ସୂୟାସ ଶର୍ମା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।




### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ହାଇଦରାବାଦ- ରାଜସ୍ଥାନ | |
| ଅପରାହ୍ଣ ୩.୩୦ | ହାଇଦରାବାଦ୍ |
| ଚେନ୍ନଇ- ମୁମ୍ବଇ | |
| ସନ୍ଧ୍ୟା ୭.୩୦ | ଚେନ୍ନଇ |

**● ୱାର୍ଲ୍ଡ ଆଥଲେଟିକ ରେସ୍ ୱାକିଂ ଟୁର ଗୋଲ୍ଡ ମିଟ୍**

# ଜାତୀୟ ରେକର୍ଡ କଲେ ପ୍ରିୟଙ୍କା



**ଭୁବନେଶ୍ୱର,୨୨ ।୩(ସମିସ):** ୟୁରୋପୀୟ ଦେଶ ସ୍ଲୋଭାକିଆର ଡୁଡିନସ୍କାଠାରେ ଚାଲିଥିବା ସମ୍ମାନଜନକ ୪୪ତମ ଡୁଡିନସ୍କା ୫୦ ନାମରେ ପରିଚିତ ୱାର୍ଲ୍ଡ ଆଥଲେଟିକ୍ ରେସ୍ ୱାକିଂ ଟୁର ଗୋଲ୍ଡ ମିଟ୍‌ରେ କିଟ୍‌ର ପ୍ରିୟଙ୍କା ଗୋସ୍ୱାମୀ ଦମ୍‌ଦାର ପ୍ରଦର୍ଶନ କରି ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ସୋସିଓଲୋଜିରେ ସ୍ନାତକୋତ୍ତର କରୁଥିବା ମହିଳା ରେସ୍ ୱାକର ପ୍ରିୟଙ୍କା ୩୫ କିମି ରେସ୍ ୱାକ୍‌ରେ ଏକାଦଶ ସ୍ଥାନରେ ରହିଥିଲେ ମଧ୍ୟ ୨ ଘଣ୍ଟା ୫୬ ମିନିଟ୍ ୩୪ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ଏଥିସହ ପ୍ରିୟଙ୍କା ଏବେ ୧୦, ୨୦ ଓ ୩୫ କିମି ରେସ୍ ୱାକ୍‌ରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି । ଗତବର୍ଷ ସେ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ । ଚୀନ୍‌ର ଚେଙ୍ଗଡୁରେ ଅନୁଷ୍ଠିତ ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ ଗେମ୍ସରେ ସେ ୨୦ କିମି ରେସ୍ ୱାକ୍‌ରେ କିଟ୍ ତରଫରୁ ପ୍ରତିନିଧିତ୍ୱ କରି କାଂସ୍ୟ ପଦକ ହାସଲ କରିଥିଲେ । କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରିୟଙ୍କାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ରାଜ୍ୟ ସିନିଅର ଭଲିବଲ୍; କ୍ୱାର୍ଟରରେ କିଟ୍ ପୁରୁଷ, ମହିଳା

**ଭୁବନେଶ୍ୱର,୨୨ ।୩(ସମିସ):** କିଟ୍‌ରେ ଚାଲିଥିବା ୭୧ତମ ସିନିଅର ରାଜ୍ୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ କିଟ୍ ପୁରୁଷ ଓ ମହିଳା ଦଳ ଏବଂ ଜଗତସିଂହପୁର ମହିଳା ଦଳ ସହ ମୋଟ ୮ ଟି ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି । ଶନିବାର ମ୍ୟାଚ୍‌ର ତୃତୀୟ ଦିବସରେ କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଥିଲା । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଚାମ୍ପିଅନସିପ୍‌ର ଉଦଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଇଣ୍ଡୋର ଭଲିବଲ କୋର୍ଟର ବ୍ୟବହାର ହେଉଛି ଓ ଏହା ଏକ ବଡ଼ କଥା । ମହିଳା ବିଭାଗରେ କିଟ୍ ଓ ଜଗତସିଂହପୁର ସମେତ କଟକ, କେନ୍ଦ୍ରପଡ଼ା, ଭଦ୍ରକ, ବଲାଙ୍ଗୀର, ଢେଙ୍କାନାଳ ଓ ଓଡ଼ିଶା ପୁଲିସ କ୍ୱାର୍ଟରକୁ ଉଠିଛନ୍ତି । ସେହିପରି ପୁରୁଷ ବିଭାଗରେ କିଟ୍ ସମେତ ଭୁବନେଶ୍ୱର, ପାରାଦୀପ, କେନ୍ଦୁଝର ସହ ଆହୁରି ୪ଟି ଦଳ କ୍ୱାର୍ଟରକୁ ଉଠିଛନ୍ତି ।



ବିବାହ ବନ୍ଧନରେ ଆବଦ୍ଧ ହକି ଦମ୍ପତି
ମନଦୀପ ସିଂ ଓ ଉଦିତା ଦୁହାନ

**ଓଡ଼ିଶା ମହିଳା ପ୍ରିମିୟର ଲିଗ୍**

# ଓଡ଼ିଶା ପୁଲିସ୍ ୧୫-୦ରେ ବିଜୟୀ

**ଭୁବନେଶ୍ୱର,୨୨।୩ (ସମିସ):** ଓଡ଼ିଶା ପୁଲିସ୍ ୧୫-୦ ଗୋଲରେ ବକ୍ସି ଜଗବନ୍ଧୁ କ୍ଲବ୍‌କୁ ହରାଇ ଏଠାରେ ଚାଲିଥିବା ଓଡ଼ିଶା ମହିଳା ଫୁଟବଲ ଲିଗ୍‌ରେ ସର୍ବବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି । ବିଜୟୀ ଦଳ ପକ୍ଷରୁ ଶ୍ରୀଜଙ୍ଗ ତାମଙ୍ଗ ସର୍ବାଧିକ ୬ଟି, ଦୀପା ନାୟକ ୪ଟି ଗୋଲ ସ୍କୋର କରିଥିଲେ । ଅନ୍ୟ ଏକ ମ୍ୟାଚ୍‌ରେ ନୀତା ଫୁଟବଲ ଏକାଡେମୀ ୩-୦ ଗୋଲରେ କିଟ୍ ଓ କିସ୍‌କୁ ପରାସ୍ତ କରିଛି । ବର୍ଷା ଯୋଗୁଁ ଟାଟା ଷ୍ଟିଲ ଫାଉଣ୍ଡେସନ ଓ ଓଜିପି ଗ୍ରୁପ୍ ମଧ୍ୟରେ ଖେଳ ସମ୍ଭବ ହୋଇ ନ ଥିଲା ।

# ୨୮ରୁ ଜାତୀୟ ପାରା ଫେନ୍ସିଂ ଚାମ୍ପିଅନସିପ୍

**ଭୁବନେଶ୍ୱର,୨୨ ।୩(ଏଜେନ୍ସି):** ସ୍ଥାନୀୟ ନୀଳାଦ୍ରି ବିହାରସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଓ କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ମାର୍ଚ୍ଚ ୨୮ରୁ ୩୧ ତାରିଖ ମଧ୍ୟରେ ଜାତୀୟ ପାରା ଫେନ୍ସିଂ ଚାମ୍ପିଅନସିପ୍ ଆୟୋଜନ ହେବ । ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ଓ ପରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ତତ୍ତ୍ୱାବଧାନରେ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଏହି ଜାତୀୟସ୍ତର ପାରା ଇଭେଣ୍ଟ ଆୟୋଜନ ହେବ । ଦେଶର ୨୫ଟି ରାଜ୍ୟ ସମେତ ଅତିରିକ୍ତ ୨୦ଟି ଦଳ ଓ ମୋଟ୍ ଉପରେ ୨୦୦ ପ୍ରତିଯୋଗୀ ଏହି ଚାମ୍ପିଅନସିପ୍‌ରେ ଭାଗ ନେବେ । ଏହି ଇଭେଣ୍ଟ ସଫଳତାର ସହ ଆୟୋଜନ ହେବ ବୋଲି ପିଏସ୍‌ଏଓର ସମ୍ପାଦକ ସୁନୀଲ ପ୍ରଧାନ କହିଛନ୍ତି ।

**ଭାଗନେବେ ୨୦୦ ପ୍ରତିଯୋଗୀ**

# ଦିନିକିଆ ଭେଟେରାନ ଫୁଟବଲ ଆଜି

**ଭୁବନେଶ୍ୱର,୨୨।୩ (ସମିସ):** ଶିଖରଚଣ୍ଡି ନିକଟସ୍ଥ ଓଡିଏମ୍ ପବ୍ଲିକ୍ ସ୍କୁଲ ପଡ଼ିଆରେ ଆସନ୍ତାକାଲି ବା ରବିବାର ମାର୍ଚ୍ଚ ୨୩ ତାରିଖରେ ଏକ ଦିନିକିଆ ଭେଟେରାନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫ୍ଲଡ଼୍‌ଲାଇଟ୍‌ରେ ଆୟୋଜିତ ହେବ । ଏହି ଟୁର୍ଣ୍ଣାମେଣ୍ଟକୁ ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଓ ଖଣ୍ଡଗିରି କ୍ରିକେଟ ଓ ଫୁଟବଲ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବ । ଏଥିରେ ୪ଟି ଭେଟେରାନ ଫୁଟବଲ ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡିକ ହେଲା, କଟକର ମର୍ଣ୍ଣିଙ୍ଗ୍ କ୍ଲବ୍, ବିଡାନାସୀ ମର୍ଣ୍ଣିଂ କ୍ଲବ୍, ଖଣ୍ଡଗିରି କ୍ରିକେଟ ଓ ଫୁଟ୍‌ବଲ ସଂଘ ଏବଂ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ । ଏଥିରେ କେବଳ ଭେଟେରାନ ଖେଳାଳିମାନେ ଭାଗନେବେ । ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟର ଖେଳ ରବିବାର ଅପରାହ୍ଣ ୪ଟାରୁ ଆରମ୍ଭ ହେବ । ରାତି ୭ଟାରେ ଫ୍ଲଡ଼୍‌ଲାଇଟ୍‌ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ସଂଘର ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି । ଗତ ଦୁଇବର୍ଷ ଧରି ଭେଟେରାନ ଖେଳାଳିମାନଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାବେଳେ ଏହାକୁ ସଫଳ କରାଇବା ଲାଗି ସଭାପତି ନବରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି । ଖେଳ ପରେ ବିଭିନ୍ନ କ୍ଷେତ୍ରରେ ଅନ୍ତର୍ଜାତୀୟସ୍ତରର ଖେଳାଳିଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ବାରବାଟୀରେ ଭାରତ-ଦ.ଆଫ୍ରିକା ଟି-୨୦ ଡିସେମ୍ବର ୯ରେ

ନୂଆଦିଲ୍ଲୀ,୨୨।୩ (ଏଜେନ୍ସି)

କଟକର ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ । ଏହି ମୁକାବିଲାଟି ଚଳିତବର୍ଷ ଡିସେମ୍ବର ୯ ତାରିଖରେ ଅନୁଷ୍ଠିତ ହେବ । ବିସିସିଆଇ ପକ୍ଷରୁ ଆଜି ଦକ୍ଷିଣ ଆଫ୍ରିକାର ଭାରତ ଗସ୍ତସୂଚୀ ଘୋଷଣା କରାଯାଇଛି । ଏଥିରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ଶେଷରେ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଶେଷରେ ଅର୍ଥାତ୍ ଡିସେମ୍ବର ମାସରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ଟି କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଶନିବାର କୋଲକାତାରେ ଅନୁଷ୍ଠିତ ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ସ୍ଥିର କରାଯାଇଛି । ଏହାଛଡ଼ା ଦ୍ୱିତୀୟ ଟି-୨୦ ନାଗପୁରରେ ୧୧ ତାରିଖରେ, ତୃତୀୟ ମ୍ୟାଚ୍ ଧର୍ମଶାଳା, ଚତୁର୍ଥ ମ୍ୟାଚ୍ ଲକ୍ଷ୍ନୌରେ ଓ ପଞ୍ଚମ ତଥା ଶେଷ ମ୍ୟାଚଟି ଅହମ୍ମଦାବାଦ୍‌ରେ ଖେଳାଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି । ଏହା ଫଳରେ ବର୍ଷକ ମଧ୍ୟରେ ବାରବାଟୀ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ଅଧିକାର ହାସଲ କରିଛି । ଚଳିତବର୍ଷ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଫ୍ଲଡ୍ ଲାଇଟ୍ ବନ୍ଦ ହେବାରୁ ଖେଳକୁ ୩୮ ମିନିଟ୍ ବନ୍ଦ ରଖାଯାଇଥିଲା । ଫଳରେ ବାରବାଟୀରେ ମ୍ୟାଚ୍ ଆୟୋଜନ କରୁଥିବା ଓଡ଼ିଶା କ୍ରିକେଟ ଆସୋସିଏସନକୁ ଦେଶ ଓ ଦେଶ ବାହାରେ ନିନ୍ଦିତ ହେବାକୁ ପଡ଼ିଥିଲା । ରାଜ୍ୟରେ ଏହାକୁ ନେଇ ଅନେକ ତୁମ୍ବିତୋଫାନ ହେବା ସତ୍ତ୍ୱେ ମଧ୍ୟ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାକୁ ଓଡ଼ିଶା କ୍ରିକେଟ ସଂଘ ଅଧିକାର ହାସଲ କରିବାରେ ସମର୍ଥ ହୋଇଛି ।

### ■ ଗୌହାଟୀରେ ପ୍ରଥମଥର ଟେଷ୍ଟ ମ୍ୟାଚ୍

ଚଳିତବର୍ଷ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ଭାରତ ଗସ୍ତରେ ଆସି ପ୍ରଥମେ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ । ଏହା ମଧ୍ୟରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଦିଲ୍ଲୀରେ ଓ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଗୌହାଟୀରେ ଖେଳାଯିବ । ଏହି ମ୍ୟାଚ୍‌ଟି ନଭେମ୍ବର ୨୨ରୁ ୨୬ ଯାଏ ଖେଳାଯିବ । ଟେଷ୍ଟ ସିରିଜ୍ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ରାଞ୍ଚିରେ ନଭେମ୍ବର ୩୦, ରାୟପୁରରେ ଡିସେମ୍ବର ୩ ଓ ଭାଇଜାଗ୍‌ରେ ଡିସେମ୍ବର ୬ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

**ଭାରତ-ଦ.ଆଫ୍ରିକା ଖେଳସୂଚୀ**

| ତାରିଖ | ମ୍ୟାଚ୍/ଫର୍ମାଟ | ଭେନ୍ୟୁ |
|---|---|---|
| ୧୩ରୁ ୧୭।୧୧ | ପ୍ରଥମ ଟେଷ୍ଟ | ଦିଲ୍ଲୀ |
| ୨୨ରୁ ୨୬।୧୧ | ଦ୍ୱିତୀୟ ଟେଷ୍ଟ | ଗୌହାଟୀ |
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୬ | ତୃତୀୟ ଦିନିକିଆ | ଭାଇଜାଗ୍ |
| ଡିସେମ୍ବର ୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ନାଗପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

### ■ ୱେଷ୍ଟଇଣ୍ଡିଜ୍ ସହ ୨ ଟେଷ୍ଟ

ଅକ୍ଟୋବର ୨୦୨୫ରେ ୱେଷ୍ଟଇଣ୍ଡିଜ୍ ଦଳ ୨ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଭାରତ ଆସିବ । ଏହି ମ୍ୟାଚ୍ ଦୁଇଟି ମୋହାଲି ଓ କୋଲକାତାରେ ଖେଳାଯିବ । କୋଲକାତାର ଇଡେନ ଗାର୍ଡେନ୍ସରେ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ୧୪ ତାରିଖଯାଏ ଅନୁଷ୍ଠିତ ହେବ । ଇଣ୍ଡିଆନ ପ୍ରିମିୟର ଲିଗ୍ ଶେଷ ହେବା ପରେ ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ଗସ୍ତରେ ଯାଇ ୫ଟି ଟେଷ୍ଟ ଖେଳିବ ।

### ■ ସେପ୍ଟେମ୍ବରରେ ମହିଳା ବିଶ୍ୱକପ୍ କ୍ରିକେଟ୍

ମହିଳା ଦିନିକିଆ ବିଶ୍ୱକପ୍ ଏଥର ଭାରତରେ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ମାସ ୪ଟି ଭେନ୍ୟୁରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଭେନ୍ୟୁଗୁଡିକ ହେଲା ପଞ୍ଜାବର ମୁଲାନପୁର, ମଧ୍ୟପ୍ରଦେଶର ଇନ୍ଦୋର, କେରଳର ତ୍ରିଭାନ୍ଦ୍ରମ ଓ ଆସାମର ଗୌହାଟୀ । ଆବଶ୍ୟକ ହେଲେ ଭେନ୍ୟୁରେ ପରିବର୍ତ୍ତନ ହେବ ବୋଲି ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ସ୍ଥିର କରାଯାଇଛି । ବିସିସିଆଇ ପୁରୁଷ ଭଳି ମହିଳା କ୍ରିକେଟ୍‌କୁ ଏବେ ସମାନ ଭାବେ ପ୍ରାଧାନ୍ୟ ଦେଉଛି ।

**■ କଳାହାଣ୍ଡି କପ୍ କ୍ରିକେଟ**

# ନୂଆପଡ଼ା, ନୟାଗଡ଼ ଓ ସୁନ୍ଦରଗଡ଼ ବିଜୟୀ






**ଭୁବନେଶ୍ୱର,୨୨।୩ (ସମିସ):** କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା ସିନିୟର କ୍ରିକେଟ ପ୍ରତିଯୋଗିତାର ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ନୂଆପଡ଼ା, ନୟାଗଡ଼, ସୁନ୍ଦରଗଡ଼, କଟକ-ଏ’ ଓ ପୂର୍ବତଟ ରେଳପଥ ବିଜୟ ହାସଲ କରିଛନ୍ତି । ରେଭେନ୍‌ଶା ଗ୍ରାଉଣ୍ଡ-୨’ରେ ଅନୁଷ୍ଠିତ ମ୍ୟାଚ୍‌ରେ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା । ଫଳରେ ଡିଏଲ୍‌ଏସ୍‌ରେ ନୂଆପଡ଼ା ୫ ୱିକେଟରେ କେନ୍ଦୁଝରକୁ ପରାସ୍ତ କରିଥିଲା । କେନ୍ଦୁଝର ପକ୍ଷରୁ ୧୨୫ ରନ୍ କରିଥିବା ମିତ୍ରଭାନୁ ପଣ୍ଡାଙ୍କ ଶତକ ବ୍ୟର୍ଥ ହୋଇଯାଇଥିଲା । ଖୋର୍ଦ୍ଧାରେ ଅନୁଷ୍ଠିତ ମ୍ୟାଚ୍‌ରେ ନୟାଗଡ଼ ୯ ୱିକେଟରେ କଳାହାଣ୍ଡିକୁ ହରାଇଥିଲା । ବିଜୟୀ ଦଳର ଦିଲୀପ ଜେନା ୪ଟି ୱିକେଟ ପାଇଥିଲେ । ଏମ୍‌ଜିଏମ୍ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୯୧ ରନ୍‌ରେ ପାରାଦୀପକୁ ପରାସ୍ତ କରିଛି । ୱାଲଟର ଟପ୍ପୋ ୪ଟି ୱିକେଟ ପାଇ ପାରାଦୀପକୁ ହରାଇବାରେ ସମର୍ଥ ହୋଇଛନ୍ତି ।

**ଜୟନ୍ତଙ୍କୁ ୬ ୱିକେଟ :** ବାମହାତୀ ସ୍ପିନର ଜୟନ୍ତ ବେହେରା ୭ ରନ୍‌ରେ ୬ଟି ୱିକେଟ ନେବା ଫଳରେ କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ପୂର୍ବତଟ ରେଳପଥ ୬ ୱିକେଟରେ କନ୍ଧମାଳକୁ ପରାସ୍ତ କରିଛି । ସେହିପରି ରେଭେନ୍‌ଶା ଗ୍ରାଉଣ୍ଡ-୧’ରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ଏ’ ୧୦ ୱିକେଟରେ ଜଗତସିଂହପୁରକୁ ପରାସ୍ତ କରିଛି । କଟକର ଜି ସାଇ ସୂର୍ଯ୍ୟ ୪ଟି ଓ ମହମ୍ମଦ୍ ଦାନିସ ୨ଟି ୱିକେଟ ପାଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS